RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -311 | ସଂଖ୍ୟା-୩୧୧
ଭୁବନେଶ୍ୱର, ଗୁରୁବାର ୨୬ ଫେବୃଆରୀ ୨୦୨୬
Bhubaneswar, Thursday 26 February, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

# MANTHAN
# ମନ୍ଥନ

www.odishamanthan.com
RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଧାନ କିଣା ବୈଧତା ବୃଦ୍ଧି

**ଭୁବନେଶ୍ୱର, ୨୫।୨ (ନି.ପ୍ର) :** ଧାନ ସଂଗ୍ରହ ପାଇଁ ପଞ୍ଜିକରଣ କରିଥିବା ଚାଷୀମାନଙ୍କୁ ସହାୟତା କରିବା ପାଇଁ ବୁଧବାର ଦିନ ଓଡ଼ିଶା ସରକାର ଟୋକନର ବୈଧତା ବୃଦ୍ଧି କରିଛନ୍ତି। ଏନେଇ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ପାତ୍ର ଘୋଷଣା କରିଛନ୍ତି। ରାଜ୍ୟ ସରକାର ଏପର୍ଯ୍ୟନ୍ତ ୬୩,୬୫,୦୦୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଛନ୍ତି ବୋଲି ସେ ଏକ ଭିଡିଓ ମାଧ୍ୟମରେ ସୂଚନା ଦେଇଛନ୍ତି। ଏଥିସହିତ ବରଗଡ଼ ଏବଂ ସମ୍ବଲପୁର ଜିଲ୍ଲା ପ୍ରାୟ ୯୫% ଧାନ ସଂଗ୍ରହ ସମାପ୍ତ କରିଛନ୍ତି ଓ ସରକାର ପୂର୍ବ ବର୍ଷ ରେକର୍ଡକୁ ଅତିକ୍ରମ କରି ଚଳିତ ବର୍ଷ ୮୦,୦୦,୦୦୦ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ଧାନ କିଣିବାକୁ ପ୍ରସ୍ତୁତ ଥିବା ନେଇ ମଧ୍ୟ ସେ କହିଛନ୍ତି।



ତେବେ ରାଜ୍ୟ ସରକାର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୭,୦୦୦ କୋଟି ଟଙ୍କା ସ୍ଥାନାନ୍ତର କରିସାରିଛନ୍ତି ଓ ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କୁ ଦେୟ ପ୍ରକ୍ରିୟାକରଣ କରାଯାଉଛି ବୋଲି ମଧ୍ୟ ସୂଚନା ପ୍ରଦାନ କରାଯାଇଛି। ଚଳିତ ବର୍ଷ ଏହି କ୍ରୟ ଅଭିଯାନ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜାରି କରାଯାଇଥିଲେ ମଧ୍ୟ ଚାଷୀଙ୍କୁ ଯେପରି ଅସୁବିଧା ସମ୍ମୁଖୀନ ନ ହେବାକୁ ପଡେ ସେଥିପାଇଁ ଫସଲ ବିକ୍ରୟ କରିବା ପାଇଁ ଏହି ବୈଧତାକୁ ୧୫ ଦିନ ବୃଦ୍ଧି କରିବାକୁ ଜିଲ୍ଲାପାଳ ମାନଙ୍କୁ କ୍ଷମତା ଦିଆଯାଇଛି। ପଞ୍ଜିକୃତ କେନ୍ଦ୍ରୀୟ କମାଣ୍ଡ ସେଣ୍ଟର ମାଧ୍ୟମରେ ଧାନ କ୍ରୟ ତଦାରଖ କରାଯାଉଥିବା ନେଇ ମନ୍ତ୍ରୀ କହିଛନ୍ତି।

## ଓଡ଼ିଶା ବଜେଟ ୨୦୨୬-୨୭
# ସହର ଉପକଣ୍ଠ ରୂପାନ୍ତରଣ ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି

**ଭୁବନେଶ୍ୱର ୨୫।୨ (ନି.ପ୍ର) :** ରାଜ୍ୟର ବିକାଶ ଯାତ୍ରାକୁ ଏକ ନୂତନ ଦିଗ ଦେବା ପାଇଁ ଓଡ଼ିଶା ସରକାର ଗ୍ରହଣ କରିଛନ୍ତି ଏକ ଐତିହାସିକ ଓ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ । ୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ 'ଗ୍ରାମୀଣ-ସହରୀ ରୂପାନ୍ତରଣ' କାର୍ଯ୍ୟକ୍ରମ ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ଘୋଷଣା କରାଯାଇଛି । ଏହି ପଦକ୍ଷେପ ମାଧ୍ୟମରେ ଦ୍ରୁତ ଅଭିବୃଦ୍ଧିଶୀଳ ଗ୍ରାମ ପଞ୍ଚାୟତ ଓ ସହର ଉପକଣ୍ଠ ଅଞ୍ଚଳଗୁଡ଼ିକୁ ସୁନିୟନ୍ତ୍ରିତ, ସ୍ଥାୟୀ ଓ ଅନ୍ତର୍ଭୁକ୍ତୀମୂଳକ ସହରୀକରଣ ଦିଗକୁ ନେଇଯିବା ଲକ୍ଷ୍ୟ ରଖାଯାଇଛି । ରାଜ୍ୟର ଅର୍ଥନୈତିକ ଗତିଶୀଳତା ସହିତ ଅନେକ ସହର ଉପକଣ୍ଠ ଅଞ୍ଚଳ ସ୍ୱାଭାବିକ ଭାବରେ ସହରୀ କ୍ଲଷ୍ଟରରେ ପରିଣତ ହେଉଛି । ଯଦି ଏହାକୁ ଯୋଜନାବଦ୍ଧ ଭାବେ ପରିଚାଳନା କରାଯାଇନଥାଏ, ତେବେ ଅଣପରିକଳ୍ପିତ ବସତି, ଅପର୍ଯ୍ୟାପ୍ତ ଭିତ୍ତିଭୂମି ଓ ପରିବେଶ ଚାପ ସୃଷ୍ଟି ହେବାର ଆଶଙ୍କା ରହିଥାଏ । ଏହି ପରିପ୍ରେକ୍ଷିତରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୂର୍ବପ୍ରସ୍ତୁତିମୂଳକ ଓ ବୈଜ୍ଞାନିକ ଢାଞ୍ଚାରେ ଏହି କାର୍ଯ୍ୟକ୍ରମ ରୂପାୟଣ ଆରମ୍ଭ ହେବ । ଏହି ପଦକ୍ଷେପ କେବଳ ଏକ ପ୍ରଶାସନିକ ଶ୍ରେଣୀଭୁକ୍ତିରେ ସୀମିତ ନୁହେଁ; ବରଂ ପ୍ରଶାସନିକ ପ୍ରସ୍ତୁତି ଓ ଭିତ୍ତିଭୂମି ସୁଦୃଢ଼ୀକରଣ ଉପରେ ଏହାର ମୁଖ୍ୟ ଗୁରୁତ୍ୱ । କୌଣସି ଅଞ୍ଚଳକୁ ଆନୁଷ୍ଠାନିକ ଭାବେ ସହର ଘୋଷଣା ପୂର୍ବରୁ ସେଠାରେ ଆବଶ୍ୟକ ସହରୀ ସୁବିଧା ଓ ସେବା ଯୋଗାଣ ସୁନିଶ୍ଚିତ କରାଯିବ । ରୂପାନ୍ତରଣ ଢାଞ୍ଚାର ମୁଖ୍ୟ ଦିଗଗୁଡ଼ିକ ସହର ଉପକଣ୍ଠ ଅଞ୍ଚଳର ସୁନିୟନ୍ତ୍ରିତ ଓ ଶୃଙ୍ଖଳିତ ବିକାଶ, ଯାହା ଅଣପରିକଳ୍ପିତ ସମ୍ପ୍ରସାରଣକୁ ରୋକିବାୟ ପ୍ରାରମ୍ଭିକ ପର୍ଯ୍ୟାୟରୁ ସହର ଅନୁରୂପ ନାଗରିକ ସୁବିଧା- ଜଳ ନିଷ୍କାସନ, ବର୍ଜ୍ୟବସ୍ତୁ ପରିଚାଳନା, ଷ୍ଟ୍ରିଟ୍ ଲାଇଟ୍ ଓ ଆଧାରଭୂତ ଭିତ୍ତିଭୂମି । ଜଳବାୟୁ ସହନଶୀଳତାକୁ ଗୁରୁତ୍ୱ ଦେଇ ସନ୍ତୁଳିତ ଓ ନିୟନ୍ତ୍ରିତ ଜମି ବ୍ୟବହାର ଓ ଗ୍ରାମୀଣ ପ୍ରଶାସନରୁ ସହରୀ ପ୍ରଶାସନିକ ବ୍ୟବସ୍ଥାକୁ ସୁଚାରୁ ରୂପାନ୍ତରଣ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସକ୍ଷମ କରିବା । ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଓଡ଼ିଶା ଆଜି ସହରୀକରଣର ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ଅଛି । ସହରୀକରଣ ଅନିବାର୍ଯ୍ୟ, କିନ୍ତୁ ଅଣପରିକଳ୍ପିତ ସହରୀକରଣକୁ ନିଶ୍ଚୟ ଏଡ଼ାଯାଇପାରିବ । ୨୦୦ କୋଟି ଟଙ୍କାର ଏହି ପାଣ୍ଠି ସହିତ ଆମେ ପୂର୍ବପ୍ରସ୍ତୁତିମୂଳକ ପଦକ୍ଷେପ ଗ୍ରହଣ କରୁଛୁ । ଆଜିର ଯୋଜନାବଦ୍ଧ ପଦକ୍ଷେପ ଆଗାମୀ ଦିନର ସୁସଂଗଠିତ ଓ ପ୍ରଗତିଶୀଳ ଓଡ଼ିଶାର ଭିତ୍ତି ସୃଷ୍ଟି କରିବ । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି ଆମ ଲକ୍ଷ୍ୟ ହେଉଛି ସହର ଉପକଣ୍ଠ ଅଞ୍ଚଳଗୁଡ଼ିକୁ ବୈଜ୍ଞାନିକ ଓ ଡାଟା-ଭିତ୍ତିକ ଯୋଜନା ମାଧ୍ୟମରେ ସୁନିୟନ୍ତ୍ରିତ ଭାବେ ବିକଶିତ କରିବା । ଭିତ୍ତିଭୂମିର ମାନଦଣ୍ଡ ପୂର୍ବରୁ ନିର୍ଦ୍ଧାରଣ କରି ଆମେ ସୁନିଶ୍ଚିତ କରୁଛୁ ଯେ ବିକାଶ ସ୍ଥାୟୀ, ସମନ୍ୱିତ ଓ ନାଗରିକ-କେନ୍ଦ୍ରିତ ହେବ । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ବୈଷୟିକ ଜ୍ଞାନର ବ୍ୟବହାର ଏବଂ ଯଥାସମୟରେ ନିରୀକ୍ଷଣ ମାଧ୍ୟମରେ ଏହି ରୂପାନ୍ତରଣ କାର୍ଯ୍ୟକ୍ରମକୁ ଗତିଶୀଳ କରାଯିବ । ଏହା ଗ୍ରାମୀଣ ଓ ସହରୀ ସୀମାରେ ଥିବା ବ୍ୟବଧାନକୁ କମେଇବା ସହ ବିଦ୍ୟମାନ ସହରଗୁଡ଼ିକ ଉପରେ ଭିତ୍ତିଭୂମି ଚାପ ହ୍ରାସ କରିବ ଏବଂ ନୂତନ ବିକାଶ କେନ୍ଦ୍ରଗୁଡ଼ିକୁ ଭବିଷ୍ୟତ ପାଇଁ ସୁସଜ୍ଜିତ କରିବ । ଏହି ପଦକ୍ଷେପ ସହ ଓଡ଼ିଶା ନଗର ଯୋଜନା ଓ ପରିଚାଳନାରେ ଏକ ନୂଆ। ମାନକ ସ୍ଥାପନ କରିବାକୁ ଅଗ୍ରସର ହୋଇଛି ।

### ଦ୍ରୁତ ଅଭିବୃଦ୍ଧିଶୀଳ ସହର ଉପକଣ୍ଠକୁ ମିଳିବ ନୂଆ ରୂପ

## ମାର୍ଚ୍ଚ ପ୍ରଥମ ସପ୍ତାହରେ ରତ୍ନ ଭଣ୍ଡାର ଗଣତି ମଣତି

**ପୁରୀ, ୨୫।୨ (ନି.ପ୍ର) :** ପୁରୀରେ ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନ ଭଣ୍ଡାରରେ ଥିବା ମୂଲ୍ୟବାନ ସାମଗ୍ରୀର ଗଣତି ମଣତି ମାର୍ଚ୍ଚ ପ୍ରଥମ ସପ୍ତାହରେ ଆରମ୍ଭ ହେବ ବୋଲି ବୁଧବାର ଦିନ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ତେବେ ରତ୍ନ ଭଣ୍ଡାରର ମୂଲ୍ୟବାନ ଜିନିଷଗୁଡ଼ିକର କୌଣସି ମୂଲ୍ୟାଙ୍କନ କରାଯିବ ନାହିଁ ବୋଲି ମଧ୍ୟ କୁହାଯାଇଛି। ମନ୍ଦିର ପରିଚାଳନା କମିଟି ଏବଂ ପ୍ରଶାସନକୁ ଏହି ପ୍ରକ୍ରିୟା ସମ୍ପାଦନ କରିବାର ଦାୟିତ୍ୱ ଦିଆଯାଇଥିବା ନେଇ ସେ କହିଛନ୍ତି। ତେବେ ଛତିଶା ନିଯୋଗ ସହିତ ମନ୍ଦିର ପ୍ରଶାସନ ଆଲୋଚନା କରିବା ପରେ ତାରିଖ ଚୂଡ଼ାନ୍ତ ହେବ ଓ ଏହି ସମୟରେ ଦେବତା ଏବଂ ଭକ୍ତଙ୍କ ଦର୍ଶନର ନୈନ୍ଦିନ ନୀତିରେ ଯେପରି କୌଣସି ବାଧା ନଘଟେ ତାହା ମଧ୍ୟ ସୁନିଶ୍ଚିତ କରାଯିବ ବୋଲି ସେ କହିଛନ୍ତି।

# ଇସ୍ରାଏଲରେ ପ୍ରଧାନମନ୍ତ୍ରୀ ମୋଦୀ

**ନୂଆଦିଲ୍ଲୀ, ୨୫।୨ (ନି.ପ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଦିନ ଦୁଇ ଦିନିଆ ଇସ୍ରାଏଲ ଗସ୍ତରେ ଯାଇ ତେଲ ଅଭିଭରେ ପହଞ୍ଚିଛନ୍ତି। ଇସ୍ରାଏଲୀ ପ୍ରତିନିଧି ବେଞ୍ଜାମିନ ନେତାନ୍ୟାହୁଙ୍କ ନିମନ୍ତ୍ରଣରେ ମୋଦୀ ଇସ୍ରାଏଲ ଯାଇଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ତାଙ୍କ ପତ୍ନୀ ସାରା ନେତାନ୍ୟାହୁଙ୍କ ସହିତ ବେନ୍ ଗୁରିଅନ୍ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବ୍ୟକ୍ତିଗତ ଭାବରେ ସ୍ୱାଗତ କରିଥିଲେ। ଯାହା ଦୁଇ ନେତାଙ୍କ ମଧ୍ୟରେ ଘନିଷ୍ଠ ବ୍ୟକ୍ତିଗତ ସମ୍ପର୍କକୁ ସ୍ପଷ୍ଟ କରିଥିଲା। ମୋଦୀ ପହଞ୍ଚିବା ପରେ ଦୁଇ ପ୍ରଧାନମନ୍ତ୍ରୀ ପରସ୍ପରକୁ ଆଲିଙ୍ଗନ କରିଥିଲେ। ମୋଦୀ



ଶେଷଥର ପାଇଁ ୨୦୧୭ ମସିହାରେ ଇସ୍ରାଏଲ ଗସ୍ତ କରିଥିଲେ। ଏହା ତାଙ୍କର ଦ୍ୱିତୀୟ ଗସ୍ତ। ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ସେ ପ୍ରଥମେ ଇସ୍ରାଏଲ ଗସ୍ତ କରିଛନ୍ତି। ଏହି ସମୟରେ, ଇସ୍ରାଏଲ ରାଷ୍ଟ୍ରପତି ଆଇଜାକ୍ ହର୍ଜଗ୍ ଏବଂ ଇସ୍ରାଏଲ ବିରୋଧୀ ନେତା ଯାଇର୍ ଲାପିଡ୍ ମଧ୍ୟ ମୋଦୀଙ୍କୁ ସ୍ୱାଗତ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ଚଗଡ଼) ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ ନେତାନ୍ୟାହୁଙ୍କ ସହ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ନବସୃଜନ, କୃଷି, ଜଳ ପରିଚାଳନା, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଏବଂ ସୁରକ୍ଷା, ବାଣିଜ୍ୟ ଏବଂ ନିବେଶ ସହିତ ଲୋକ-ଲୋକ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ଆଲୋଚନା କରିବାକୁ ଲକ୍ଷ ରଖିଛନ୍ତି। ସେ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିବେ। ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲୀ ରାଷ୍ଟ୍ରପତି ଆଇଜାକ୍ ହର୍ଜଗଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି, ଯାହା ଦୁଇ ଗଣତନ୍ତ୍ର ମଧ୍ୟରେ ଉଚ୍ଚସ୍ତରୀୟ ରାଜନୈତିକ ସମ୍ପର୍କକୁ ଗୁରୁତ୍ୱ ଦେବ। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲୀ ସଂସଦ ନେସେଟ୍‌କୁ ସମ୍ବୋଧିତ କରିବାରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ହେବେ।

# ବ୍ରହ୍ମତାଳଧ୍ୱଜ ରଥ ନିର୍ମାଣ ପାଇଁ ୧ କୋଟି ମଞ୍ଜୁର

**କେନ୍ଦ୍ରାପଡା, ୨୫।୨ (ନି.ପ୍ର) :** ତୁଳସୀ କ୍ଷେତ୍ରରେ ଗଡୁଥିବା ବ୍ରହ୍ମ ତାଳଧ୍ୱଜ ରଥ ଏଥର ନୂଆ ହେବ । ଅର୍ଥାତ ପୂର୍ବରୁ ଯେପରି ପୁରୁଣା ରଥକୁ ମରାମତି କରାଯାଉଥିଲା ତାହା ହେବ ନାହିଁ । ରଥ ପାଇଁ ବ୍ୟବହାର ହେଉଥିବା ସମସ୍ତ ଚକ, ଅଖ ନୂଆ ହେବ । ପୂର୍ବ ବର୍ଷର କୌଣସି ପୁରୁଣା କାଠ ବ୍ୟବହାର ହେବ ନାହିଁ । ଏହି ନୂଆ ରଥ ନିର୍ମାଣ ପାଇଁ ସରକାର ଏକ କୋଟି ଟଙ୍କା ପ୍ରଦାନ କରିବେ ବୋଲି ବିଧି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ବଳଦେବଜୀଉ ମନ୍ଦିର ପ୍ରଶାସନର ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି ନୂତନ ରଥ ନିର୍ମାଣ କରିବା ପାଇଁ ହେଲେ ୩୫୫୦ କୁବିକ ଫୁଟ ଶାଳ କାଠର ଆବଶ୍ୟକତା ରହିଛି । ଏହି କାଠକୁ ବନ ବିଭାଗ ଠାରୁ କିଣିବାକୁ ପଡିବ । କାରଣ ସରକାର କେବଳ ପୁରୀ ରଥଯାତ୍ରା ଓ ଲିଙ୍ଗରାଜ ରଥଯାତ୍ରା ପାଇଁ ମାଗଣାରେ କାଠ ଯୋଗାଇ ଦିଅନ୍ତି । ହେଲେ କେନ୍ଦ୍ରାପଡାର ବ୍ରହ୍ମତାଳଧ୍ୱଜ ରଥ ପାଇଁ ମାଗଣାରେ କାଠ ଯୋଗାଇ ଦିଅନ୍ତି ନାହିଁ । ପ୍ରତିବର୍ଷ



ବ୍ରହ୍ମ ତାଳଧ୍ୱଜ ରଥ ପାଇଁ ୬୩୮ କୁବିକ ଫୁଟର କାଠର ଆବଶ୍ୟକତା ପଡିଥାଏ । କାରଣ ପୁରୁଣା ରଥକୁ କେବଳ ମରାମତି କରାଯାଇଥାଏ । ହେଲେ ଚଳିତ ବର୍ଷ ନୂତନ ରଥ ନିର୍ମାଣ ପାଇଁ ସରକାର ନିର୍ଦ୍ଦେଶ ଦେଇଥିବାରୁ ବନ ବିଭାଗକୁ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଯୋଗ କରାଯିବ । ବନ ବିଭାଗ ଯେଉଁ ଜଙ୍ଗଲରୁ କାଠ ଆଣିବା ପାଇଁ କହିବ , ସେଠାରୁ କାଠ ଅଣାଯିବ । ମୁଖ୍ୟତଃ ନୟାଗଡ କିମ୍ବା କେନ୍ଦୁଝର ଜଙ୍ଗଲରୁ କାଠ ଅଣାଯାଇଥାଏ । ତେଣୁ ବନ ବିଭାଗ ଯେଉଁ ଜଙ୍ଗଲ ଚିହ୍ନଟ କରିବ ସେହି ଜଙ୍ଗଲରୁ କାଠ ଆସିବ । ଏ ସଂକ୍ରାନ୍ତରେ ବଳଦେବଜୀଉ ମନ୍ଦିର ପ୍ରଶାସନର ପ୍ରଶାସନିକ ଅଧିକାରୀ ଶ୍ରୀ ପତ୍ରୀ କହିଛନ୍ତି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ମିଳିଛି ଯେ ବିଧି ବିଭାଗ ପକ୍ଷରୁ ଚଳିତ ବର୍ଷ ନୂଆ ବ୍ରହ୍ମ ତାଳଧ୍ୱଜ ନିର୍ମାଣ ପାଇଁ ଏକ କୋଟି ଟଙ୍କା ମିଳିବ । ଏହି ଅର୍ଥରେ ଆମେ କାଠ କିଣି ନୂଆ ରଥ ନିର୍ମାଣ କରିବା ପାଇଁ ଉଦ୍ୟମ କରିବୁ । ରଥ ମରାମତି ପାଇଁ ପ୍ରତିବର୍ଷ ୩୦ ଜଣ ମହାରଣା ଓ ୨୦ ଜଣ ସହଯୋଗୀ ନିୟୋଜିତ ହୋଇଥାନ୍ତି । ଏଥିପାଇଁ ମଜୁରୀ ବାବଦରେ ୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ । ପ୍ରତିବର୍ଷ ବ୍ରହ୍ମ ତାଳଧ୍ୱଜର ଅଖ ଓ ଚକ ବଦଳା ଯାଇଥାଏ । ଏହାସହ ଅନ୍ୟ ଯେଉଁ ସ୍ଥାନ ଦୁର୍ବଳ ଥାଏ ତାହାକୁ ବଦଳା ଯାଇଥାଏ । କିନ୍ତୁ ଚଳିତ ବର୍ଷ ସଂପୂର୍ଣ୍ଣ ନୂତନ ରଥ ନିର୍ମାଣ ହେଲେ ଅଧିକ ମହାରଣାଙ୍କୁ ନିଯୁକ୍ତି କରିବାକୁ ପଡିବ । ସେମାନଙ୍କ ମଜୁରୀ ମଧ୍ୟ ଅଧିକ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ସରକାରଙ୍କ ଏହି ନିଷ୍ପତ୍ତିକୁ କେନ୍ଦ୍ରାପଡାବାସୀ ସ୍ୱାଗତ କରିଛନ୍ତି ।

## ୨୩ ଜିଲ୍ଲାକୁ ଝଡ଼ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୫।୨ (ନି.ପ୍ର) :** ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଜାରି ରହିଥିବା ଏକ ଘୂର୍ଣ୍ଣିବଳୟ ଯୋଗୁ ଗୁରୁବାର ସକାଳ ପର୍ଯ୍ୟନ୍ତ ଓଡ଼ିଶାର ୨୩ଟି ଜିଲ୍ଲାରେ ଘଡ଼ଘଡ଼ି ଏବଂ ପବନ ବହିପାରେ। ଏନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସୂଚନା ଦେଇଛି। ତେବେ ୨୬ ଫେବୃଆରୀ ସକାଳ ୮.୩୦ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ ଏବଂ ଢେଙ୍କାନାଳ ଜିଲ୍ଲାର କିଛି କିଛି ସ୍ଥାନରେ ବଜ୍ରପାତ ସହିତ ବର୍ଷା ଏବଂ ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବହିବା ନେଇ ସୂଚନା ଦିଆଯାଇଛି।

# କିଶୋରୀ ଓ ମହିଳାଙ୍କୁ ମାଗଣାରେ ମିଳିବ ଜରାୟୁ କ୍ୟାନ୍‌ସର ସଞ୍ଜିବନୀ

**ଭୁବନେଶ୍ୱର, ୨୫।୨ (ନି.ପ୍ର) :** କେନ୍ଦ୍ର ସରକାର ଦେଶରେ ମହିଳା ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଉଛନ୍ତି। ଏହି ପଦକ୍ଷେପ ଅନ୍ତର୍ଗତ, ସାରା ଭାରତରେ HPV (ହ୍ୟୁମାନ୍ ପାପିଲୋମାଭାଇରସ୍) ଟୀକାକରଣ କାର୍ଯ୍ୟକ୍ରମ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହାର ଲକ୍ଷ୍ୟ ହେଉଛି ସମୟ ମଧ୍ୟରେ ଝିଅମାନଙ୍କୁ ସର୍ଭାଇକାଲ୍ କର୍କଟରୁ ସୁରକ୍ଷା ଦେବା। ଓଡିଶାରେ ମଧ୍ୟ କିଶୋରୀ ଓ ମହିଳାଙ୍କ ପାଇଁ ବଡ ଆଶ୍ୱସ୍ତି ମିଳିଛି। ମହିଳାଙ୍କୁ ମିଳିବ 'ଜରାୟୁ କ୍ୟାନସର' ସୁରକ୍ଷା କବଚ। ସମସ୍ତଙ୍କୁ ବ୍ୟୟ ବହୁଳ ଇଞ୍ଜେକ୍ସନ୍ ବା ଟିକା ମାଗଣା ଦିଆଯିବ । ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଚ୍‌ପିଭି ଇଞ୍ଜେକ୍ସନ୍ ପ୍ରଦାନ ନେଇ ଶୁଭାରମ୍ଭ କରିବେ ।

ଏନେଇ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି । ଏହା ମହିଳାଙ୍କୁ ସଞ୍ଜିବନୀ ଭଳି କାମ କରିବ । ରାଜ୍ୟରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ଜିଲ୍ଲାରେ ଟିକା ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା





ଅନୁଯାୟୀ, ରାଜ୍ୟରେ ୨୮ରେ ଏଚ୍‌ପିଭି ଭ୍ୟାକ୍ସିନ୍ ଦିଆଯିବ। ସେଥିପାଇଁ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ରୂପରେଖ ପ୍ରସ୍ତୁତ କରିଛି। ଏକ ସ୍ୱତନ୍ତ୍ର ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତି ଆରମ୍ଭ କରିଛି। ଟିକା ପ୍ରଦାନ ଲାଗି ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କେନ୍ଦ୍ର ସରକାର ଟିକା ପ୍ରଦାନ କରିଛନ୍ତି । ଏହି ଟିକା ଦୁଇ ଦିନ ଭିତରେ ଓଡିଶାରେ ପହଞ୍ଚିବ । ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କୁ କିଶୋରୀଙ୍କ ଚିହ୍ନଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେଥିପାଇଁ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି । ସେହି ମାର୍ଗଦର୍ଶିକା ଅନୁଯାୟୀ ଟିକା ପ୍ରଦାନ କରାଯିବ। ପ୍ରଥମେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଏଚ୍ ?ପିଭି ଇଞ୍ଜେକ୍ସନ୍ ପ୍ରଦାନ କରାଯିବ । ଏହାପରେ ୪୦ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କୁ ଟିକା ଦିଆଯିବ । ଡାକ୍ତରମାନେ ଏହି ଟିକାର ଦୁଇଟି ଡୋଜ୍ ନେବାକୁ ପରାମର୍ଶ ଦେଇଛନ୍ତି । ବିଶେଷ କରି ଯେଉଁମାନେ ପ୍ରଥମ ଡୋଜ୍ ଯେଉଁ ଦିନ ନେବେ, ତାହାର ୬ ମାସରୁ ୧୨ ମାସ ଭିତରେ ଦ୍ୱିତୀୟ ଡୋଜ୍ ନେବେ ଜଣାପଡିଛି । ରାଜ୍ୟରେ ଦିନକୁ ଦିନ ମହିଳାଙ୍କଠାରେ ଜରାୟୁ କର୍କଟ ବୃଦ୍ଧି ପାଇବାରେ ଲାଗିଛି । ଦୀର୍ଘ ଦିନ ଧରି ଜଣଙ୍କଠାରେ ହାଇରିସ୍କ ଏଚ୍‌ପିଭି ପରବର୍ତ୍ତୀ ସମୟରେ ଜରାୟୁ କର୍କଟ ରୋଗ ସୃଷ୍ଟି କରିଥାଏ । ୯୦% ଜରାୟୁ କର୍କଟ ଏଚ୍‌ପିଭି ଭାଇରସ ଦ୍ୱାରା ହୋଇଥାଏ । ବିଶେଷକରି ଏଚ୍‌ପିଭି ଟାଇପ୍ ୧୬ ଓ ୧୮ ଯୌନ ସଂକ୍ରମଣରୁ ହିଁ ବ୍ୟାପିଥାଏ ।

## ହୋର୍ଡିଂ ଭୁଶୁଡ଼ି ମୃତ୍ୟୁ ଘଟଣା
# ମୁଖ୍ୟମନ୍ତ୍ରୀଙ୍କ ୪ ଲକ୍ଷ ଲେଖାଏଁ ଅନୁକମ୍ପା ରାଶି ଘୋଷଣା

**ଭୁବନେଶ୍ୱର, ୨୫।୨ (ନି.ପ୍ର):** ହୋର୍ଡିଂ ଭୁଶୁଡ଼ି ମୃତ୍ୟୁ ଘଟଣାରେ ୪ ଲକ୍ଷ ଲେଖାଏଁ ଅନୁକମ୍ପା ରାଶି ଘୋଷଣା ହୋଇଛି । ଭୁବନେଶ୍ୱରର ଆଇଗିଣିଆରେ ଦୁଃଖଦ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିଛନ୍ତି। ଉଭୟ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ୪ ଲକ୍ଷ ଲେଖାଏଁ ମିଳିବ। ସିଏମଆରଏଫ୍ ରୁ ଅନୁକମ୍ପା ରାଶି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ବର୍ଷା ପବନ ଯୋଗୁଁ ରାଜଧାନୀରେ ବ୍ୟାପକ କ୍ଷୟକ୍ଷତି



ହୋଇଛି। ପ୍ରବଳ ପବନ ବୋହିବା ଯୋଗୁ ଖଣ୍ଡଗିରି ଥାନା ଆଇଗିଣିଆ ଛକ ଦୁର୍ଗା ମଣ୍ଡପ ନିକଟରେ ଏକ ବିଜ୍ଞାପନ ହୋର୍ଡିଂ ପଡି ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ମହିଳାଙ୍କ ସମେତ ୨ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତ ଯୁବକ ହେଲେ ଗଞ୍ଜାମ ଜିଲ୍ଲା ଆସ୍କାର ଟୁନା ଗୌଡ(୩୭) ଓ ଡୁମଡୁମା ଅଞ୍ଚଳର ସଚ୍ଚିଦାନନ୍ଦ ପ୍ରଧାନ (୧୯) ଗୁରୁତର ଜଣକ ହେଲେ ଡୁମଡୁମା ଅଞ୍ଚଳର ମୌସୁମୀ ପ୍ରିୟଦର୍ଶିନୀ ନାୟକ। ମୌସୁମୀ ଜଣେ ଅଧ୍ୟାପିକା ବୋଲି ଜଣାପଡିଛି। ଅନ୍ୟ ଜଣେ ଆହତଙ୍କ ପରିଚୟ ଜଣାପଡିନାହିଁ। ହୋର୍ଡିଂ ଭାଙ୍ଗିବା ଯୋଗୁ ୪/୫ ଟି ଦୋକାନ କ୍ଷତିଗ୍ରସ୍ତ ହୋଇଛି। ଘଟଣା ସ୍ଥଳରେ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତାହତ ମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଛି। ହୋର୍ଡିଂ ଭୁଷୁଡିବା ବେଳେ ସେଠାରେ ଥିବା ଲୋକ ଭୟଭୀତ ହୋଇ ଏଣେତେଣେ ଦୌଡିଥିଲେ। କେତେକ ସ୍ଥାନରେ ତାର ଛିଣ୍ଡି ବିଦ୍ୟୁତ ସେବା ବ୍ୟାଘାତ ଘଟିଥିଲା।

## କ୍ଷୁବ୍ଧ ମାଓବାଦୀଙ୍କୁ ହତ୍ୟା କଲେ ମାଓ ନେତା

**ଫୁଲବାଣୀ, ୨୫।୨ (ନି.ପ୍ର):** କନ୍ଧମାଳରେ ସକ୍ରିୟ ଥିବା କେକେବିଏନ୍ ମାଓ ଡିଭିଜନ ମଧ୍ୟରେ ନେତା ନେତାଙ୍କ ମଧ୍ୟରେ ମନୋମାଳିନ୍ୟ କାରଣରୁ ଜଣେ ମାଓବାଦୀଙ୍କୁ ହତ୍ୟା କରି ପୋତି ଦେଇଛନ୍ତି ମାଓ ନେତା। କନ୍ଧମାଳ ଏସ୍‌ପି ହରିଶ ବିସିଙ୍କ ସୂଚନା ଅନୁସାରେ, ବର୍ତ୍ତମାନ ସକ୍ରିୟ ଥିବା କେକେବିଏନ୍ ଡିଭିଜନର ଟପ୍ ମାଓ ନେତା



ଶୁକ୍ରୁ ଓ ତାର ସହଯୋଗୀମାନେ ଅନ୍ୟ ଜଣେ ମାଓ ନେତା ଅନ୍ୱେଷ (୩୧)କୁ ହତ୍ୟା କରି ମାଟି ତଳେ ପୋତି ଦେଇଥିଲେ। ମାଓ ନେତା ଅନ୍ୱେଷ ଗତ କିଛିଦିନ ତଳେ ନିଜର ୧୨ ଜଣ ସହଯୋଗୀଙ୍କୁ ନେଇ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଚାହୁଁଥିଲା। କିନ୍ତୁ ଶୁକ୍ରୁ ଏହାକୁ ବିରୋଧ କରୁଥିଲା। ଏହି ଘଟଣାକୁ ନେଇ ଶୁକ୍ରୁ ଏବଂ ଅନ୍ୱେଷ ମଧ୍ୟରେ ମନୋମାଳିନ୍ୟ ଦେଖା ଦେଇଥିଲା। ଅନ୍ୱେଷ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଜିଦ୍ ଧରି ବସିବାରୁ ଶୁକ୍ରୁ ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ଏଣୁ ଗତ ଜାନୁଆରି ମାସ ୨୯ ତାରିଖରେ ଶୁକ୍ରୁ ନିଜର ସହଯୋଗୀଙ୍କ ସହାୟତାରେ ଦାରିଙ୍ଗିବାଡି ନିକଟସ୍ଥ ପାକାରି ଜଙ୍ଗଲରେ ଅନ୍ୱେଷର ଗଳାକାଟି ହତ୍ୟା କରିଥିଲା ଏବଂ ଏହାପରେ ଅନ୍ୱେଷର ମର ଶରୀରକୁ ନିକଟରେ ମାଟି ଖୋଳି ପୋତି ଦେଇଥିଲା। ପୁଲିସ ନିଜର ଇଣ୍ଟେଲିଜେନ୍ସ ରିପୋର୍ଟ ବଳରେ ଏହି ଖବର ଜାଣିପାରିବା ପରେ ଗତକାଲି ଦାରିଙ୍ଗିବାଡି ନିକଟସ୍ଥ ପାକାରି ଜଙ୍ଗଲରୁ ମାଟି ଖୋଳି ଅନ୍ୱେଷର ମୃତ ଦେହ ଉଦ୍ଧାର କରିଥିଲା। ଏ ନେଇ ଦାରିଙ୍ଗିବାଡି ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ବର୍ତ୍ତମାନ ଅନ୍ୱେଷର ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ଏସ୍‌ପି ହରିଶ ବିସି କହିଛନ୍ତି। ମୃତ ଅନ୍ୱେଷ କେକେବିଏନ୍ ମାଓ ଡିଭିଜନର ସେକେଣ୍ଡ ଇନ୍‌ଚାର୍ଜ ଥିଲା।

# ଏନ୍‌ସିଇଆରଟି ପାଠ୍ୟ ପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ବିଷୟ ନେଇ ସୁପ୍ରିମକୋର୍ଟ ଖପ୍ପା

## ନିଆଯିବ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୨୫।୨:** ଦେଶର ଶିକ୍ଷା ବ୍ୟବସ୍ଥା ଏବଂ ନ୍ୟାୟପାଳିକା ମଧ୍ୟରେ ଦେଖାଦେଇଛି ଏକ ବଡ଼ ବିବାଦ । ନୂତନ NCERT ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ନ୍ୟାୟପାଳିକାର କାର୍ଯ୍ୟକାରିତା ଏବଂ ଏଥିରେ ଥିବା ଦୁର୍ନୀତି ଉପରେ ଉଲ୍ଲେଖକୁ ନେଇ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ଏହାକୁ ଅନୁଷ୍ଠାନକୁ ବଦନାମ କରିବା ପାଇଁ ଏକ ଜାଣିଶୁଣି ପ୍ରୟାସ ବୋଲି କହିଛନ୍ତି।

ଏନସିଇଆରଟିର ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ ନ୍ୟାୟପାଳିକା ସହ ଜଡିତ ନୂତନ ବିଷୟବସ୍ତୁ ଉପରେ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଶୁଣାଣି ସମୟରେ ସିଜେଆଇ ସୂର୍ଯ୍ୟକାନ୍ତ ସ୍ପଷ୍ଟ ଭାବରେ କହିଥିଲେ, ନ୍ୟାୟପାଳିକା ଭଳି ଏକ ସାମ୍ବିଧାନିକ ପ୍ରତିଷ୍ଠାନକୁ ବଦନାମ କରିବାକୁ କାହାକୁ ଅନୁମତି ଦେବୁନି।

ସିଜେଆଇ ଏହାକୁ ଏକ 'ଯୋଜନାବଦ୍ଧ' ଏବଂ 'ସୁଚିନ୍ତିତ ପ୍ରୟାସ' ବୋଲି କହି ସେ ସୂଚିତ କରିଛନ୍ତି ଯେ କୋର୍ଟ ଏହି ମାମଲାର ନିଜେ ତଦନ୍ତ କରିବେ ଏବଂ ଉପଯୁକ୍ତ



ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଜଷ୍ଟିସ୍ ବାଗଚୀ ମଧ୍ୟ ଚିନ୍ତା ପ୍ରକାଶ କରି ଏହାକୁ ସମ୍ବିଧାନର ମୌଳିକ ଢାଞ୍ଚା ବିରୋଧି ବୋଲି କହିଛନ୍ତି। ଏହି ବିବାଦର ମୂଳ କାରଣ ହେଉଛି ଅଷ୍ଟମ ଶ୍ରେଣୀ ନଗର ବିଜ୍ଞାନ ପାଠ୍ୟପୁସ୍ତକର ଏକ ନୂତନ ଅଧ୍ୟାୟ, ଯାହାର ଶୀର୍ଷକ 'ଆମ ସମାଜରେ ନ୍ୟାୟପାଳିକାର ଭୂମିକା'। ଏହି ଅଧ୍ୟାୟର ଶୀର୍ଷକ ରହିଛି 'ନ୍ୟାୟପାଳିକାରେ ଦୁର୍ନୀତି' ଶୀର୍ଷକ ଏକ ବିଶେଷ ବିଭାଗ ଯୋଡାଯାଇଛି। ବହିରେ ପଢାଯାଉଛି ଯେ, ନ୍ୟାୟପାଳିକାର ବିଭିନ୍ନ ସ୍ତରରେ ଲୋକଙ୍କୁ ଦୁର୍ନୀତିର ସାମନା କରିବାକୁ ପଡିଥାଏ। ଏହାଦ୍ୱାରା ଗରିବମାନେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥାନ୍ତି। କୋର୍ଟରେ ବିଚାରପତିଙ୍କ ପ୍ରବଳ ଅଭାବରହିଛି। ମୌଳିକ ଢାଞ୍ଚା ମଧ୍ୟ ଖୁବ୍ ଦୁର୍ବଳ। ନ୍ୟାୟିକ ଢାଞ୍ଚା ଏତେ ଦୁର୍ବଳ ବର୍ଷ ବର୍ଷ ଧରି ମାମଲାର ଶୁଣାଣି ଚାଲିଥାଏ। ଏହି ଏହି ଗମ୍ଭୀର ପ୍ରସଙ୍ଗକୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ ମନୁ ସିଂଘଭି କୋର୍ଟଙ୍କ ଦୃଷ୍ଟିକୁ ଆଣିଥିଲେ। ଓକିଲମାନେ ଯୁକ୍ତି ଦେଇଥିଲେ ଯେ ସ୍କୁଲ ବୟସର ଛୋଟ ପିଲାମାନଙ୍କୁ ନ୍ୟାୟପାଳିକା ବିଷୟରେ ଏପରି ନକାରାତ୍ମକ ବିଷୟବସ୍ତୁ ପଢ଼ାଇବା ଅତ୍ୟନ୍ତ ଚିନ୍ତାଜନକ, କାରଣ ଏହା ନ୍ୟାୟ ବ୍ୟବସ୍ଥା ବିଷୟରେ ଏକ ନକାରାତ୍ମକ ବାର୍ତ୍ତା ପଠାଇପାରେ।

## କୁବେର ଖଣି ଅଧିକାରୀ ଗିରଫ

**କଟକ, ୨୫।୨ (ନି.ପ୍ର):** କଟକ ସର୍କଲ ଖଣି ଉପ ନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କ ଫ୍ଲାଟରୁ ୪ କୋଟିରୁ ଅଧିକ ନଗଦ ଟଙ୍କା ଜବତ କଲା ଭିଜିଲାନ୍ସ। ଭିଜିଲାନ୍ସ ଉକ୍ତ ଟଙ୍କା ଜବତ କରିବା ସହ ତାଙ୍କ କଟକ କାର୍ଯ୍ୟାଳୟ ଓ ଭଦ୍ରକରେ ଥିବା ପୈ ?ତୃକ ଘରେ ବି ଚ ?ଉ ଜାରି ରଖିଛି। ଗତକାଲି ଭିଜିଲାନ୍ସ ହାତରେ ଧରାପଡିଥିଲେ କଟକ



ସର୍କଲ ଖଣି ଉପ ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି। ଭୁବନେଶ୍ୱରର ଶ୍ରୀବିହାର ଫ୍ଲାଟ୍ ?ରୁ ମିଳିଲା ୪ କୋଟିରୁ ଅଧିକ ନଗଦ ଟଙ୍କା। ଗତକାଲି ସର୍କଲ ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କୁ ଗିରଫ କରିଛି ଭିଜିଲାନ୍ସ । ୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ମାଡ଼ି ବସିଲା ଭିଜିଲାନ୍ସ। କଟକ ଅଫିସ୍, ଭୁବନେଶ୍ୱର ଶ୍ରୀବିହାର ଘର ସମେତ ଏକାଧିକ ସ୍ଥାନରେ ରେଡ୍ କରାଯାଇଛି । ବେଆଇନ ସଂପତ୍ତି ଠୁଳ ଅଭିଯୋଗରେ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି।

ସୂଚନାଥାଉକି, ସେ ଜନୈ ?କ ବ୍ୟବସାୟୀଙ୍କଠାରୁ ପୁରୀର ଗୋପରେ ତାଙ୍କର କୋଇଲା ଡିପୋକୁ ସୁଗମ ଭାବରେ ପରିଚାଳନା କରିବା ଏବଂ ପଶ୍ଚିମବଙ୍ଗକୁ କୋଇଲା ପରିବହନ ପାଇଁ ଅନୁମତି ଦେବାକୁ ୩୦ହଜାର ଟଙ୍କା ଦାବି କରୁଥିଲେ । ଏହି ୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ବନ୍ଧା ହେଲେ ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ।



## ବିଶ୍ୱଦରବାରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଦ୍ୱାରା ହିଁ ଓଡ଼ିଆ ଜାତିର ଗୌରବ ବୃଦ୍ଧି ଘଟିବ

ଭୁବନେଶ୍ୱର,୨୫।୨:(ମନ୍ଥନ)ବିଶ୍ୱଦରବାରରେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଅଭିବୃଦ୍ଧି ଦ୍ୱାରା ହିଁ ଓଡ଼ିଆ ଜାତିର ଗୌରବ ବୃଦ୍ଧି ହୋଇଥାଏ । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଆଜି ବିପର୍ଯ୍ୟୟ ଆଡ଼କୁ ଗତି କରୁଛି । ଅତୀତରେ ସଙ୍କଟ ମଧ୍ୟ ଦେଇ ଓଡ଼ିଆ ଭାଷା ଗତିକରି ଆସିଥିଲେ ମଧ୍ୟ ସେ ତାର ସ୍ୱତନ୍ତ୍ରୀୟତାକୁ ହରାଇ ନାହିଁ। ଆଜି ଓଡ଼ିଆ ଭାଷା ବିଶ୍ୱ ଦରବାରରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରି ଆସିଛି । ଆଜି ଜାତିସଂଘର ଛାତି ଉପରେ ପ୍ରତି ଫଳିତ ହେଉଛି କବି ଭୀମଭୋଇଙ୍କର କାବ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ମାତୃଭାଷା ଦିବସ ଅବସରରେ ଚଲାପଥ ପକ୍ଷରୁ ସଭାପତି ବିଜୟଲକ୍ଷ୍ମୀ ମହାନ୍ତିପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ର ଓ କବି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ଅଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ, ବରିଷ୍ଠ ସାମ୍ବାଦିକ ପାର୍ଥ ସାରଥୀ ଜେନା, ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି, କବି ତରୁଣବାଳା ମହାପାତ୍ର ଓ ପ୍ରେମ ପ୍ରକାଶ ସିଂହ ଯୋଗ ଦେଇଥିଲେ । ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ହଳଧର ଧୀର ଚଲାପଥର ଆଭିମୁଖ୍ୟ ବର୍ଣ୍ଣନା କରିବା ସହିତ ଆସନ୍ତା ମାର୍ଚ୍ଚ ବାଇଶ ତାରିଖରେ ଭୁବନେଶ୍ୱର ଠାରେ ଚଲାପଥର ଚଉବନ ତମ ମହୋତ୍ସବ ପାଳନ ସଫଳ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । କବି ଶୁଭଶ୍ରୀ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେ ଅତିଥି କବି ଭାବେ ମଧୁସ୍ମିତା ଶା, ଗୀତାଞ୍ଜଳୀ ଦଳାଇ ଯୋଗ ଦେଇଥିଲେ । ଉପସ୍ଥିତ କବିମାନେ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ।

## ଆନ୍ତଜିଲା ବ୍ୟାଡମିଂଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଯାଜପୁର, ୨୫।୨:(ମନ୍ଥନ)ଯାଜପୁର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଜିଲାପ୍ରଶାସନ ଓ ଇଣ୍ଡିଆନ ବ୍ୟାଙ୍କ ମିଳିତ ସହଯୋଗ ରେ ଦୁଇ ଦିନିଆ ବ୍ୟାଡମିଂଟନ ଟୁର୍ଣ୍ଣାମେଂଟ ଉଦ୍ଘାଟିତ ହୋଇଯାଇଛି । ଯାଜପୁର ବ୍ୟାଡମିଂଟନ ଆସୋସିଆସନ ପକ୍ଷରୁ ଆୟୋଜିତ ଏହି ଆନ୍ତଜିଲା ବ୍ୟାଡମିଂଟନ ଟୁର୍ଣ୍ଣାମେଂଟରେ ଜିଲା କ୍ରିଡା ଅଧିକାରୀ ଫକିର ମୋହନ ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫିତା କାଟି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଅବସର ରେ ଇଣ୍ଡିଆନ ବ୍ୟାଙ୍କ ର ଶାଖା ପରିଚାଳକ ଅଭିକ ବିଶ୍ୱାସ, ବରିଷ୍ଠ ଭେଷଜ ବିଶେଷଜ୍ଞ ଡ ପ୍ରଭାସ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅଜୟ ରାଉଳ, ବିଶ୍ୱରଞ୍ଜନ ସାମଲ, ସ୍ୱାତିସ୍ମିତା ପାଢ଼ି ପ୍ରମୁଖ ଯୋଗ ଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଂଟରେ ଯାଜପୁର ଭଦ୍ରକ କଟକ ଭୁବନେଶ୍ୱର କେନ୍ଦ୍ରାପଡ଼ା ବାରିପଦା ଆଦି ଜିଲାର ୩୨ ଗୋଟି ଟିମ ଅଂଶ ଗ୍ରହଣ କରିଥିଲେ।

## ଏନ୍ ସି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ନିମନ୍ତେ ସାମ୍ବାଦିକ ସମ୍ମିଳନୀ

ଯାଜପୁର,୨୫।୨:(ମନ୍ଥନ) ଯାଜପୁର ମିଶନ ଶକ୍ତି ଭବନରେ ନରସିଂହ ଚୌଧୁରି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ନିମନ୍ତେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏନ୍ ସି କଲେଜର ଆଲୁମିନି ସଂଘ ପକ୍ଷରୁ ଆୟୋଜିତ ବୈଠକରେ କଲେଜର ପୁରାତନ ଛାତ୍ର ସନ୍ତୋଷ ନନ୍ଦ, ପୂର୍ବତନ ପୌରଧ୍ୟକ୍ଷ ଭବ ପ୍ରସାଦ ଦାସ, ଡ. ବଟକୃଷ୍ଣ ମହାପାତ୍ର, ପୂର୍ବତନ ସଭାପତି ଏନ ସି କଲେଜ ଅତିଶ ବେହେରା, ପୂର୍ବତନ ସାଂସଦ ଅଂଚଳ ଦାସ ପ୍ରମୁଖ ମଂଚାସିନ ରହି ବ୍ୟକ୍ତିତ୍ୱ ପ୍ରଦାନ କରିଥିଲେ। ଏନ୍.ସି. କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାକୁ ହକଦାର। ଚଳିତ ବର୍ଷ ରାଜ୍ୟ ବଜେଟ୍ ଅଧିବେଶନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର କେତେକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଅବିଭକ୍ତ କଟକ ଜିଲ୍ଲାରେ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ଅତୀତରେ ସାମିଲ ହୋଇ ରହିଥିଲା। ଏହି ୩ଟି ଜିଲ୍ଲା ନବେ ଦଶକରେ କଟକଠାରୁ ପୃଥକ୍ ହୋଇ ନୂତନ ଜିଲ୍ଲାର ମାନ୍ୟତା ପାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ନୂତନ ବିଶ୍ୱ ବିଦ୍ୟାଳୟରେ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ସ୍ଥାନ ପାଇଛି। ଏହି ପରିପ୍ରେକ୍ଷୀରେ ଶିକ୍ଷ, ସଂସ୍କୃତ, ବାଣିଜ୍ୟ ଓ ପର୍ଯ୍ୟଟନରେ ସମୃଦ୍ଧ 'ଯାଜପୁର ଜିଲ୍ଲା'ବିଶ୍ୱ ବିଦ୍ୟାଳୟ ସୁଯୋଗରୁ ବଂଚିତ ହୋଇଛି। ୧୯୪୬ ମସିହାରେ ସ୍ଥାପିତ ଯାଜପୁର ଜିଲ୍ଲାର ସର୍ବ ପୁରାତନ ମହାବିଦ୍ୟାଳୟ ନରସିଂହ ଚୌଦୁରି ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦେବା ପାଇଁ ୨୦୨୦ ମସିହାଠାରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏନ୍.ସି. କଲେଜର କ୍ୟାମ୍ପସ୍ ୫୦ ଏକର ପରିମିତ କରାଯିବା ସହ, ୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୨୦ ମସିହା ପରଠାରୁ ବିଶ୍ୱ ବିଦ୍ୟାଳୟ ସମସ୍ତ ଶ୍ରେଣୀଗୃହ, ଗବେଷଣା କେନ୍ଦ୍ର, ବିଜ୍ଞାନାଗାର, ପାଠାଗାର, ଛାତ୍ର ଓ ଛାତ୍ରୀଙ୍କ ପାଇଁ ଏକାଧିକ ହଷ୍ଟେଲ ସହ ବିବିଧ ପ୍ରକଳ୍ପ ନିର୍ମାଣ ହୋଇଛି। ଏନ୍.ସି. କଲେଜର ପ୍ରାକ୍ତନ ଛାତ୍ରଛାତ୍ରୀ ସଂସଦ ପକ୍ଷରୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ଉଦେଶ୍ୟରେ ଜିଲାପାଳଙ୍କ ମାଧ୍ୟମ ରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ଯୁବକଙ୍କୁ ନିର୍ମମ ହତ୍ୟା ଘଟଣାରେ ଆଉ ୨ ଗିରଫ

ଛତ୍ରପୁର,୨୫।୨:(ମନ୍ଥନ) ଛତ୍ରପୁର ଥାନା ରିକାପଲ୍ଲୀ ରେଳ ଗେଟ୍ ନିକଟରେ ଅରୁଗୁଣୀ ଗ୍ରାମର ଆର୍.ରାଜା ରାଓ (୨୮) ନାମକ ଯୁବକ ଜଣକୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା ଘଟଣାରେ ଛତ୍ରପୁର ଥାନା ପୁଲିସ ଆଉ ୨ ଜଣକୁ ଗିରଫ କରିଛି । ସେମାନେ ହେଲେ ପୂର୍ବରୁ ଗିରଫ ହୋଇଥିବା ମୁଖ୍ୟ ଷଡଯନ୍ତ୍ରକାରୀଛତ୍ରପୁର ସହର ଦେବିନଗର ସାହିର ଚନ୍ଦନ ରାଉତଙ୍କ ବାପା ସୁକାନ୍ତ ରାଉତ ଓ ସାନ ଭାଇ ପ୍ରସାଦ ରାଉତ । ରାଜାକୁ ହତ୍ୟା ଘଟଣାରେ ବାପା ସୁକାନ୍ତ, ୩ ପୁଅ ଚନ୍ଦନ,ସୁନିଲ ଓ ପ୍ରସାଦ ଏବଂ ପୁଅମାନଙ୍କ ସହଯୋଗୀ ଅଶିଷ ବେହେରାକୁ ମିଶାଇ ମୋଟ ୫ ଜଣକୁ ପୁଲିସ ଗିରଫ କରି କୋର୍ଟ ଚାଲଣ କରିଛି । ଗତ ୧୯ ତାରିଖ ବିଳମ୍ବିତ ରାତିରେ ଉପରୋକ୍ତ ଅଭିଯୁକ୍ତମାନେ ରାଜାକୁ ଖଣ୍ଡା ଓ ଠେଙ୍ଗାରେ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ଏନେଇ ମୃତ ରାଜାଙ୍କ ଭାଇ ଆର୍.ଶ୍ରୀକାନ୍ତଙ୍କ ଅଭିଯୋଗ କ୍ରମେ ଛତ୍ରପୁର ଥାନା ପକ୍ଷରୁ ୭୨/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ବର୍ତ୍ତମାନ ସୁଦ୍ଧା ଏହି ହତ୍ୟା ଘଟଣାରେ ୫ ଜଣକୁ ଗିରଫ କରାଯାଇଛି ଏବଂ ଘଟଣାର ତଦନ୍ତ ମଧ୍ୟ ଆହୁରୀ ଜାରି ରହିଛି ବୋଲି ଥାନା ଅଧିକାରୀ ସବ୍ୟସାଚି ମଲ୍ଲ କହିଛନ୍ତି ।



## ଟୋକେନ ବଞ୍ଚିତ ଚାଷୀଙ୍କ ଧାନ ତୁରନ୍ତ କିଣିବା ନିମନ୍ତେ ଋଷିକୂଲ୍ୟା ରୟତ ମହାସଭାର ଦାବି, ଏଡିଏମ ଙ୍କୁ ଭେଟିଲେ ଚାଷୀ

ଛତ୍ରପୁର,୨୫।୨:(ମନ୍ଥନ)ଚାଷୀମାନେ ପଞ୍ଜିକରଣ କରି ସୁଦ୍ଧା ଟୋକେନ ଆସି ନଥିବାରୁ ଚାଷୀ ଧାନ ବିକି ପାରୁନଥିବାରୁ ସେମାନଙ୍କ ଧାନ ତୁରନ୍ତ କିଣିବା ଦାବୀ ନେଇ ଆଜି ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟ ରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଙ୍କୁ ଭେଟି ଏକ ଲିଖିତ ଦାବୀ ପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାରେ ଚଳିତ ବର୍ଷ ୯୨% ପଞ୍ଜିକୃତ ଚାଷୀଙ୍କ ଧାନ କ୍ରୟ କରାଯାଇଥିବା ବେଳେ ପଞ୍ଜିକରଣ କରିଥିବା ପ୍ରାୟ ୪ ହଜାର ଚାଷୀଙ୍କ ଟୋକେନ ଆସି ନଥିବାରୁ ଗରିବ ଚାଷୀ ମାନେ ଧାନ ବିକି ନପାରି ବିଭିନ୍ନ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଏଣୁ ଏହାର ତଦନ୍ତ କରି ଟୋକେନ ବଞ୍ଚିତ ଚାଷୀଙ୍କ ଧାନ କ୍ରୟ କରିବାକୁ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଦାବୀ କରାଯାଇଛି । ଏହି ଦାବୀ ପତ୍ର ପ୍ରଦାନ ବେଳେ ଋଷିକୂଲ୍ୟା ରୟତ ମହାସଭା ର ସମ୍ପାଦକ ସିମାଞ୍ଚଳ ନାହାକ, ଛତ୍ରପୁର ବ୍ଲକ ନେତା ହରେକୃଷ୍ଣ ଗୌଡ଼, ରଂଜନ ସେଠି ଓ ମଙ୍ଗଳା ପାଣିଗ୍ରାହୀ ଙ୍କ ସମେତ ବହୁ ଚାଷୀ ମାନେ ଉପସ୍ଥିତ ଥିଲେ ।

# କୋଇଡ଼ା ବ୍ଲକ ସମ୍ମୁଖରେ ସିପିଆଇଏମର ବିଶାଳ ଜନସଭା



କୋଇଡା,୨୫।୨:(ମନ୍ଥନ)ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ ଅଫିସ ସମ୍ମୁଖ ପଡ଼ିଆରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ପକ୍ଷରୁ ଏକ ବିଶାଳ ଜନସଭା ଅନୁଷ୍ଠିତ ହୋଇଯାଇଛି । ଏହି ପରିପେକ୍ଷୀରେ ହଜାର ହଜାର କର୍ମୀ ଏବଂସିପିଆଇ(ଏମ); ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତରେ ଶକ୍ତି ପ୍ରଦର୍ଶନ କରି କୋଇଡା ଥାନା ଛକ ଠାରୁ ଏକ ବିଶାଳ ରାଲି ଯୋଗେ କୋଇଡା ବ୍ଲକ ସମ୍ମୁଖ ବଜାର ପଡିଆ ରେ ଥିବା କାର୍ଯ୍ୟକ୍ରମ କୁ ପହଁଞ୍ଚିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା କରିଥିଲେ । କାର୍ଯ୍ୟକ୍ରମ ରେ ସିପିଆଇ(ଏମ)ର ପଲିଟବ୍ୟୁରୋ ସଭ୍ୟ କମ୍ରେଡ଼ ଦୀପ ଭଟ୍ଟାଚାର୍ଯ୍ୟ, କେନ୍ଦ୍ର ସମ୍ପାଦିକା କମ୍ରେଡ଼ ହେମଲତା, ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ,ସିପିଆଇମ୍ ରାଜ୍ୟ ପୂର୍ବତନ ସମ୍ପାଦକ କ. ଜନାର୍ଦ୍ଦନ ପତି,ସିପିଆଇମ୍ ରାଜ୍ୟ ପୂର୍ବତନ ସମ୍ପାଦକ ସଭ୍ୟ କ. ଅଳି କିଶୋର ପଟ୍ଟନାୟକ,ସିପିଆଇମ୍ ରାଜ୍ୟ ପୂର୍ବତନ ସମ୍ପାଦକ ସଭ୍ୟ କ. ସନ୍ତୋଷ ଦାସ,ଏବଂ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ କ.ବିଷ୍ଣୁ ମହାନ୍ତି, ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଏବଂ ଜିଲ୍ଲା ସମ୍ପାଦକ ପ୍ରମୋଦ ସାମଲ,ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଏବଂ ଜିଲ୍ଲା ସମ୍ପାଦକ ପ୍ରଭାତ ପଣ୍ଡା,ପୁଷ୍ପା ଦାସ, ଜୋମେଶ୍ୱର ବେହେରା,ଅଶୋକ ସାମଲ,ସୁରେଶ ନାୟକ, ସହଦେ ନାୟକ, ବାଦଲ ବାରିକ ,ସୁଶୀଳା ମୁଣ୍ଡା, ଜନ ଡୁଙ୍ଗ ଡୁଙ୍ଗ,ସମେତ ବହୁ ରାଜ୍ୟସ୍ତରୀୟ ନେତା ଏବଂ ବହୁ ଶୀର୍ଷ ନେତା ଯୋଗ ଦେଇଥିଲେ । କେନ୍ଦ୍ର ସରକାର ଙ୍କ ଆଇନ ଯେପରି ଶ୍ରମ କୋଡ୍, ସର୍ବନିମ୍ନ ମଜୁରୀ, ସରକାରୀ ସଂସ୍ଥାଗୁଡ଼ିକର ଘରୋଇକରଣ, ଏମ ସ ପି ପରି ଅନେକ ଶ୍ରମିକ ବିରୋଧୀ ନୀତି ଯାହା ଗରିବ କୁ ଆହୁରି ଗରିବ ଆଡକୁ ନେଇ ଯିବ । ସିପିଆଇମ୍ ରାଜ୍ୟ ପୂର୍ବତନ ସମ୍ପାଦକ ସଭ୍ୟ କ. ଅଳି କିଶୋର ପଟ୍ଟନାୟକ ତାଙ୍କ ଭାଷଣ କହିଥିଲେ କେନ୍ଦ୍ର ଏବଂ ରାଜ୍ୟ ଡବଲ ଇଞ୍ଜିନ ସରକାର ନୁହେଁ ଡବଲ ଡେଂଜର ସରକାର କାରଣ ସୁବୁଠାରେ ଗରିବ ଏବଂ ଦଳିତ ଙ୍କ ଉପରେ ଅତ୍ୟାଚାର ହୋଉଛି । ସିପିଆଇମ୍ ରାଜ୍ୟ ପୂର୍ବତନ ସମ୍ପାଦକ କ. ଜନାର୍ଦ୍ଦନ ପତି ତାଙ୍କ ଅଭିଭାଷଣ ରେ କହିଲେ ହାତ ଟେକିଲେ ହକ ମିଳେ ହାତ ଦେଖେଇଲେ ଭିକ୍ଷା, ଏହି ସରକାର ଠାରୁ ଗରିବ/ଶ୍ରମିକ ନିଜର ହକ ମାଗିବ ହୁଏ ତାହେଲେ ନିଜ ହାତ ଟୁକିବାକୁ ପଡି ଥାଏ ଯାହାକି ସମସ୍ତ ଙ୍କ ମନକୁ ଆକର୍ଷଣ କରିଥିଲା ଓ ଜୟ କମରେଟ ଜୟ କମରେଟ ନାରା ଲାଗିଥିଲା । ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ କ.ବିଷ୍ଣୁ ମହାନ୍ତି ତାଙ୍କ ଭାଷଣ କହିଥିଲେ ଦେଶ ସ୍ୱାଧୀନତା ଠାରୁ ଆଜି ପର୍ଯ୍ୟନ୍ତ ୧୩ ପ୍ରଧାନମନ୍ତ୍ରୀ ଯେତିକି ଣ କରିଛନ୍ତି ମୋଦି ସରକାର ଏହାର ୩ଗୁଣା କରିଛନ୍ତି ଯାହାର ବୋଝ ସୁଜିବା ବହୁତ କଷ୍ଟ ଏଣୁ ଆମେରିକା ସହିତ ଗରିବ ଚାଷୀ ର ପେଟରେ ଲାତ ମାରିବା ପାଇଁ ଚୁକ୍ତି କରିଛନ୍ତି । ଶେଷରେ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଏବଂ ଜିଲ୍ଲା ସମ୍ପାଦକ ପ୍ରମୋଦ ସାମଲ ଏକତା ହିଁ ଜିନ୍ଦାବାଦ କହି ସଭା ଶେଷ କରିଥିଲେ ।

## ଯୌନ ଶୋଷଣ ବା ଯୌନ ନିର୍ଯାତନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

କୋଦଳା,୨୫।୨:(ମନ୍ଥନ)ବୁଧବାର ଅପରାହ୍ନ ରେ କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ର କଲ୍ୟାଣ ମଣ୍ଡପ ପରିସରରେ କୋଦଳା ତାଲୁକା ଆଇନ ସେବା କମିଟି ଆନୁକୁଲ୍ୟ ରେ ଯୌନ ଶୋଷଣ ବା ଯୌନ ନିର୍ଯାତନା ରୁ ଉଦ୍ଧାର ପାଇବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ତାଲୁକ ଲିଗାଲ ସର୍ଭିସ କମିଟି ଅଧ୍ୟକ୍ଷ୍ୟ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ବିଶ୍ୱରଞ୍ଜନ ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଆମ ଦେଶରେ ପ୍ରତ୍ୟକ ଦିନ ଅନେକ ମହିଳା ବିଭିନ୍ନ ଅନୁଷ୍ଠାନ ତଥା କାର୍ଯ୍ୟାଳୟ ରେ ଯୌନ ଶୋଷଣ ବା ଯୌନ ନିର୍ଯାତନା ର ଶିକାର ହେଉଛନ୍ତି, କିନ୍ତୁ ଏହି ଦୁଃଖଦଃ ଘଟଣାକୁ ସେମାନେ କାହାରିକୁ ଅଭିଯୋଗ ମଧ୍ୟ କରୁନଥିବା ଜଣା ପଡିଛି ।ଏହି ଯୌନ ଶୋଷଣ ରୁ କିପରି ନିଜକୁ ଉଦ୍ଧାର କରିବା ସହିତ ଆଇନ ର ଆଶ୍ରୟ ନିଆଯିବ ସେହି ସମ୍ପର୍କେ ବିଭିନ୍ନ ପ୍ରକାର ଉଦାହରଣ ମାଧ୍ୟମ ରେ ଉପସ୍ଥିତ ବ୍ୟକ୍ତି ବିଶେଷ ଙ୍କୁ ପରାମର୍ଶ ଦେଇଥିଲେ । ବରିଷ୍ଠ ଦେୱାନୀ ବିଚାରପତି ରେଖାରାଣୀ ପଣ୍ଡା ,ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ବିଚାରପତି ଶୋଭନ କୁମାର ପଣ୍ଡା,ଏନଏସିକାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ରରଥ, ଅତିରିକ୍ତ ସରକାରୀ ଓକିଲ ରଶ୍ମି ରାଣୀ ପାଇକରାୟ, ଏନଏସିକର୍ମଚାରୀ ଏବଂ ବହୁମହିଳା ମାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ର ସଫଳ ରୂପାୟନ ହୋଇଥିଲା ।

## ସର୍ବପୁରାତନ ଛତିଆ ରାଜଦୋଳ ମିଳନ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବଡଚଣା,୨୫।୨:(ମନ୍ଥନ)ବଡ଼ଚଣା ବ୍ଲକ ଅଧିନ ଛତିଆ ସ୍ଥିତ ସର୍ବପୁରାତନ ଛତିଆ ରାଜଦୋଳ ମିଳନ ମହୋତ୍ସବ କୁ ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇ ଯାଇଛି । ଏହି ରାଜଦୋଳ ମିଳନ ମହୋତ୍ସବ କୁ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଅଭାସି ଦ୍ୱାରା ଉଦ୍‌ଘାଟିତ କରିଥିଲେ । ଚୁଆ ପଡିଆ ଠାରେ ହସ୍ତଶିଳ୍ପ ତଥା ଜିଲ୍ଲା ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ଆନୁକୂଲ୍ୟରେ ଏହି ମେଳା ଆୟୋଜିତ ହୋଇ ଥିବା ବେଳେ ବିଭିନ୍ନ ଜିଲ୍ଲାରୁ ୮୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ କୁ ବିଭାଗ ପକ୍ଷରୁ ବ୍ୟବସ୍ଥିତ ପ୍ରଦର୍ଶିତ କରାଯାଇଛି । ବିଭିନ୍ନ ପ୍ରକାରର ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ସାମଗ୍ରୀ ତଥା ପ୍ରସ୍ତର ଶିଳ୍ପ , ଗୃହ ଉପକରଣ, ଖଦୀ, ତନ୍ତ ବୁଣା ଲୁଗା ଓ ଆକର୍ଷଣୀୟ କଇଁଛ ତିଆରି ସାମଗ୍ରୀ କିଣିବାକୁ ଲୋକଙ୍କ ଭିଡ଼ ଜାମୁ ଥିବା ଦେଖିବାକୁ ମିଳିଛି । ଏହି ଅବସରରେ ଛତିଆ ପୁସ୍ତକ ମେଳା ମଧ୍ୟ ଆୟୋଜନ କରାଯାଇଛି । ଏହି ଅବସରରେ ପୁସ୍ତକ ମେଳା ଅନୁଷ୍ଠିତ ହୋଇ ଥିବା ବେଳେ ବହୁ ପ୍ରତିଷ୍ଠିତ ପାଠ୍ୟ ପୁସ୍ତକ ମଧ୍ୟ ପ୍ରଦର୍ଶିତ ହୋଇଛି । ଏହି ପ୍ରଦର୍ଶନୀ ମେଳା କୁ ଜିଲ୍ଲା ହସ୍ତଶିଳ୍ପ ଉପ -




ନିର୍ଦ୍ଦେଶକ ଜ୍ୟୋତିରଂଜନ ଜେନା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ୫ ଦିନଧରି ଆୟୋଜିତ ହେବ ହେବ ବୋଲି ଜଣାପଡିଛି । ପୁସ୍ତକ ମେଳା ତଥା ରାଜ ଦୋଳ ମିଳନ ମହୋତ୍ସବ ର ଆବାହକ ମିହିର ପ୍ରତାପ ଦାସ ଓ ଦୋଳ ମିଳନ କମିଟି ପକ୍ଷରୁ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବେ ଇଂ ଅକ୍ଷୟ କୁମାର ନନ୍ଦ,ପ୍ରାକ୍ତନ ବ୍ଲକ୍ ଅଧକ୍ଷ ଭଗ୍ୟଧର ମଲ୍ଲିକ୍, ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ସମିତିସଭ୍ୟ ଦିପକ ସାହୁ ଙ୍କ ସମେତ ସ୍ଥାନୀୟ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଥିଲେ । ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହୁ ଥିବା ବେଳେ ସରକାରୀ ଭାବେ ଆୟୋଜିତ ଏଭଳି ମେଳା ମହୋତ୍ସବ ଗ୍ରାମୀଣ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବା ଲାଗି ସରକାରଙ୍କ ଆଉ ଏକ ପାଦ ପ୍ରୟାସ ବୋଲି ଜଣାପଡିଛି ।

## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ,୨୫।୨:(ମନ୍ଥନ)ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ତାଳଚେର ସମନ୍ୱିତ ଶିଶୁ ବିକାଶ ସଭାଗୃହଠାରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନର ସଦସ୍ୟ ଶ୍ରୀମତୀ ପ୍ରତିଭା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉଦଘାଟନ ଉତ୍ସବରେ ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀମତୀ ରୀତାରାଣୀ ଦାସ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ନିରୁପମା ପାଣି, ତାଳଚେର ଆଇଆଇସି ଶ୍ୟାମଲାଲ ଓରାମ, ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶ୍ରୀମତୀ ସୌଭାଗିନି ଦେବୀ,ଟଘଓଉରରର ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ଯୋଗ ଦେଇ ଲିଙ୍ଗଗତ ବୈଷମତା, ଘରୋଇ ହିଂସା, ମହିଳା ସୁରକ୍ଷା ଆଇନ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ନିଜର ମତାମତ ପ୍ରଦାନ କରିଥିଲେ । ଏଥିରେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ, ପଞ୍ଚାୟତିରାଜ ପ୍ରତିନିଧି, ସଖୀ ୱାନ ଷ୍ଟପ୍ ସେଣ୍ଟର କର୍ମୀ, ଶକ୍ତି ସଦନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ପ୍ରମୁଖ ୩୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ମହିଳା ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବାଲ୍ୟବିବାହ ତଥା ଶିଶୁ ସୁରକ୍ଷା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା । ବାଲ୍ୟ ବିବାହ ନିରାକରଣ ଚଖଇଘ INDIAପ୍ରକଳ୍ପ ପରିଚାଳକ ଶ୍ରୀ ସନ୍ତୋଷ କୁମାର ବେହେରା ଯୋଗ ଦେଇ ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା, ଡାହାଣୀ ପ୍ରଥା, ପୋକସୋ ଆଇନ, ମମତା ଯୋଜନା, ଜନନୀ ସୁରକ୍ଷା ଯୋଜନା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ଶିକ୍ଷକ ଶିକ୍ଷୟିତ୍ରୀ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଡିହିଗୋପ ଶିବମୁନୀ ଯୋଗାଶ୍ରମର ୨୧ତମ ବାର୍ଷିକ ସତ୍‌ସଙ୍ଗ ଉତ୍ସବ ଅନୁଷ୍ଠିତ

ମାହାଙ୍ଗା ,୨୫।୨:(ମନ୍ଥନ)ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅର୍ନ୍ତଗତ ଗୌଡଗୋପ ଠାରେ ଅଖିଳ ଭୁମଣ୍ଡଳୀୟ ସର୍ବଶିରୋମଣି ମୁନିସମାଜର ୨୧ତମ ସତ୍‌ସଙ୍ଗ ଉତ୍ସବ ମୁନି ନଗେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସତ୍ୟପତାକା ଉତ୍ତୋଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମୁନି ଦିବାକର ବେହେରା ଡିହିଗୋପ ଯୋଗାଶ୍ରମ ଶାଖାର ବାର୍ଷିକ ବିବରଣୀପାଠ କରିଥିଲେ। ମୁନିମତି ସସ୍ମିତା ରାୟ ଆତ୍ମଜ୍ଞାନ ସଂଗୀତ ପରିବେଷଣ କରିଥିଲା ବେଳେ ଏହି କାର୍ଯ୍ୟକ୍ରମରେ ସୁଦୂର କେନ୍ଦୁଝରର ଯୋଗାଚାର୍ଯ୍ୟ ଯୋଗୀ ବାଇଧର ମୁନି ବେଦ,ଉପନିଷଦ୍‌ରେ ଜଡ ଓ ଚେତନ ସଂପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ରାପଡା ଜିଲ୍ଲାର ବାଲିଆଗ୍ରାମର ମୁନି ରତ୍ନଯୋଗୀ ପ୍ରଫୁଲ୍ଲପତି ମୁନିସମାଜରେ ଆଧ୍ୟାତ୍ମିକା ଓ ପ୍ରକୃତ ଇଶ୍ୱର କିଏ ବୋଲି ସାରଗର୍ଭକ ଲୋକପାତ କରିଥିଲେ। ମଂଚରେ ଯୋଗୀ ଲମ୍ବୋଦର ମୁନି , ବାସୁଦେବ ମୁନି, ଯୋଗୀ କିଶୋର ମୁନି, ଯୋଗୀ ନିମାଇ ମୁନି ପ୍ରମୁଖ ଉପସ୍ଥିତ ରହିଥିଲେ। ଯୋଗୀ ସତ୍ୟାନନ୍ଦ ବେହେରା ମଂଚ ପରିଚାଳନା କରିଥିଲେ। ଏହି ଜ୍ଞାନଯଜ୍ଞରେ ନିଶ୍ଚିନ୍ତକୋଇଲି ଅଂଚଳର ବଡଖିରୀ ଶାଖା, କେନ୍ଦ୍ରାପଡା ଅଂଚଳର ବିଭୂତିପଡା ଶାଖା, ନିରସିଂହପୁର ଶାଖା,ମାହାଙ୍ଗା ଅଂଚଳର ସିନ୍ଧୁପୁର ଶାଖା, ଶ୍ୟାମସୁନ୍ଦରପୁର ଶାଖାର ସମସ୍ତ ମୁନି,ମୁନିମତୀ ଓ ଜିଜ୍ଞାସୁ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ଏହି ଜ୍ଞାନଯଜ୍ଞରେ ଗୌଡଗୋପ ଶାଖାର ଯୋଗଶିକ୍ଷକ ଯୋଗୀ ଧ୍ରୁବମୁନି, ଯୋଗୀ ଦିବାକର ମୁନି, ମୁନିରାଜ ଅଲେଖ ସ୍ୱାଇଁ, ସନ୍ତୋଷ କୁମାର ମୁନି, ହେମନ୍ତ ମୁନି, ମନୋଜ ମୁନି, ମାଧବ ମୁନି, ମୁନିମତୀ ବାସନ୍ତୀଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ମୁନି ଓ ମୁନିକୁମାର ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଯୋଗୀ କିଶୋର ମୁନି ଧନ୍ୟବାଦ ଅର୍ପଣ କରିଥିଲେ।



## ଗଞ୍ଜାମ ପୋଲିସ ଜିଲ୍ଲା ହାବିଲଦାର ଓ କନଷ୍ଟେବଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ମାନଙ୍କ ଶପଥ ଗ୍ରହଣ

ଛତ୍ରପୁର, ୨୫।୨:(ମନ୍ଥନ)ଗଞ୍ଜାମ ପୋଲିସ ଜିଲ୍ଲା ହାବିଲଦାର ଓ କନଷ୍ଟେବଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ମାନଙ୍କ ଶପଥ ଗ୍ରହଣ ସମାରୋହ ସହିତ ସର୍ବସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଗଂଜାମ ପୋଲିସ ଜିଲ୍ଲାର ଅତିରିକ୍ତ ଏସପି ତଥା ନିର୍ବାଚନ ଅଧିକାରୀ ରବିକାନ୍ତ ସୁନା ସଂଘର ନବ ନିର୍ବାଚିତ ସଭାପତି ଗୋରାଚାନ୍ଦ ତ୍ରିପାଠୀ, ଉପ ସଭାପତି ଜି. ଗଣେଷ ରାଓ, ସମ୍ପାଦକ ସୁବାସ ଚନ୍ଦ୍ର ସେଠୀ, ଯୁଗ୍ମ ସମ୍ପାଦକ -୧ ବି. ହେମନ୍ତ କୁମାର, ଯୁଗ୍ମ ସମ୍ପାଦକ- ୨ ସନ୍ତୋଷ କୁମାର ନାୟକ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀ , କାର୍ଯ୍ୟକାରିଣୀ ସଭ୍ୟ ମନୋଜ କୁମାର ରଥ, ଏସ୍. ପ୍ରହ୍ଲାଦ ରେଡ୍ଡୀ, ଦିଲ୍ଲୀପ କୁମାର ଶବର , ତପନ କୁମାର ନାୟକ ଓ ସଭ୍ୟା ମନସ୍ୱିନୀ ନାୟକ ଙ୍କୁ ଶପଥ ପାଠ କରାଇଥିଲେ । ବୈଠକରେ ସମସ୍ତ ସଭ୍ୟଙ୍କ ସହମତି ଅନୁସାରେ ଉମାଶଙ୍କର ବେହେରା ଙ୍କୁ କେନ୍ଦ୍ରୀୟ କାର୍ଯ୍ୟକାରିଣୀ କମିଟି ସଭ୍ୟ ଭାବେ ମନୋନୀତ କରାଗଲା । ପରେ ନବନିର୍ବାଚିତ ସଭାପତି ଗୋରାଚାନ୍ଦ ତ୍ରିପାଠୀ ଙ୍କ ଅଧ୍ୟକ୍ଷତା ରେ ସର୍ବସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ସଂଘର ସମ୍ପାଦକ ସୁବାଷ ଚନ୍ଦ୍ର ସେଠି ବିବରଣୀ ପାଠ କରିବା



ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଗଞ୍ଜାମ ପୋଲିସ ଜିଲ୍ଲା ବହୁ ପୁରାତନ ଜିଲ୍ଲା । ବର୍ତ୍ତମାନ ଏଠାରେ ୨୬ ଟି ଥାନା, ୭ ଟି ଫାଣ୍ଡି ଓ ୧୪ ଟି କୋର୍ଟ ଅବସ୍ଥାପିତ ହୋଇଅଛି । ବିଭିନ୍ନ ଆଇନ ଶୃଙ୍ଖଳା, ଭିଆଇପି ଓ ଭିଭିଆଇପି ମାନଙ୍କ ଗସ୍ତ ଏବଂ କୋର୍ଟରୁ ମୁଦଲା ଚାଲାଣ ନିମନ୍ତେ ଫୋର୍ସ ମୃତୟନ ବେଳେ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଏଣୁ ଜିଲ୍ଲାରେ କନଷ୍ଟେବଲ ସଂଖ୍ୟା କୁ ବୃଦ୍ଧି କରିବା, ଛତ୍ରପୁର ସ୍ଥିତ ରିଜର୍ଭ ଅଫିସ୍ ରେ ଆଉ ଏକ ବାଇକ ଷ୍ଟାଣ୍ଡ ର ବ୍ୟବସ୍ଥା କରିବା, ପୁରୁଣା ପୋଲିସ୍ ଲାଇନ ଓ ନୂଆଁ ପୋଲିସ୍ ଲାଇନର ସମସ୍ତ ସରକାରୀ ବାସଗୃହ ଗୁଡିକ ମରାମତି ସହ ନୂତନ କ୍ୱାର୍ଟର ନିର୍ମାଣ କରିବା ଏବଂ ପାନୀୟ ଜଳର ସୁବ୍ୟବସ୍ଥା ସକାଶେ ଏକ ସ୍ମାରକ ପତ୍ର ସଂଘ ପକ୍ଷରୁ ଉକ୍ତ ବୈଠକରେ ଗଂଜାମ ଏସପିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଏସପି ଙ୍କୁ ପ୍ରଦାନ କରାଯାଇଛି । ଏହି ବୈଠକରେ ସଂଘର ବହୁ ସଭ୍ୟ ଏବଂ ଅନ୍ୟାନ୍ୟ ଜିଲ୍ଲାର ବହୁ କର୍ମକର୍ତା ମାନେ ଯୋଗଦେଇ ଥିଲେ ।

# ଅନୁଗୋଳ ଜିଲ୍ଲା ସ୍ତରୀୟ କୃଷକ ସମ୍ବାଦ ବଜେଟ-୨୦୨୬ ଅନୁଷ୍ଠିତ

ଅନୁଗୋଳ, ୨୫।୨:(ମନ୍ଥନ)ଆଜି ଅନୁଗୋଳ ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟାଳୟ ଠାରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ କୃଷକ ସମ୍ବାଦ ବଜେଟ -୨୦୨୬ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଯୋଗ ଦେଇ ଚଳିତ ବଜେଟରେ କୃଷକ ମାନଙ୍କ ନିମନ୍ତେ ବିଭିନ୍ନ ଲାଭକାରୀ ଯୋଜନା ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରୀ ପାଢ଼ୀ କହିଲେ ଯେ ଚଳିତ ୨୦୨୬-୨୭ ବାର୍ଷିକ ବଜେଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଉନ୍ନତି ରାଜ୍ୟର ପ୍ରଗତିର ପ୍ରତିବଦ୍ଧତାକୁ ସାକାର କରିବା ପାଇଁ ବିଧାନସଭାରେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ଅନୁମୋଦନ ପାଇଁ ଉପସ୍ଥାପନ କରିଛନ୍ତି । ସେଥି ମଧ୍ୟରୁ କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ବିକାଶ ନିମନ୍ତେ ୪୨ ହଜାର ୪୯୨ କୋଟି ବ୍ୟୟ ବରାଦ ହୋଇଛି । ଯାହାକି ପୂର୍ବ ବର୍ଷ ଅପେକ୍ଷା ୧୨.୩% ରହିଛିୟ ଅପର ପକ୍ଷରେ ରାଜସ୍ୱ ବଳକା ଜିଏସଡିପିର ୩% ହେବ ବୋଲି ଆକଳନ କରାଯାଇଅଛି । ସେଇଭଳି ବିତ୍ତୀୟ ନିଅଣ୍ଟ ଜିଏସଡିପିର ୩.୨% ରହିବ ବୋଲି ଆକଳନ କରାଯାଇଛି । ଆଉ ବର୍ଷ ଶେଷ ଋଣ ଭାର ଜିଏସଡିପିର ୧୪.୧% ରହିବ ଯାହାକି ଚଳିତ ବର୍ଷ ବାର୍ଷିକ ବଜେଟ୍ ସଂପୂର୍ଣ୍ଣ ଭାବେ ଏଫ୍.ଆର.ବି.ଏମ ଅଧିନିୟମ ପରିପାଳକ ବୋଲି ମତ ବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ଶ୍ରୀ ପୁଲିନ ପ୍ରକାଶ ପୁହାଣ,ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଶ୍ରୀ ରତିକାନ୍ତ ରାଜବଂଶୀ, ଜିଲ୍ଲା ସଭାପତି ଶ୍ରୀ ଯଯାତି ପଟ୍ଟନାୟକ ଓ ପୂର୍ବତନ ଜିଲ୍ଲା ସଭାପତି ଶ୍ରୀ ଦିଲେଶ୍ୱର ପ୍ରଧାନ ପ୍ରମୁଖ ଯୋଗ ଦେଇ କହିଲେ ଯେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ସଦା ସର୍ବଦା ଲୋକଙ୍କ ପାଇଁ କାର୍ଯ୍ୟ କରୁଛି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ,ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟର ବରିଷ୍ଠ ନେତା ମନ୍ତ୍ରୀ ଓଡ଼ିଶା ରାଜ୍ୟକୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ବିଶେଷ ଭାବେ ରାଜ୍ୟର କୃଷି ଓ କୃଷକ ସଶକ୍ତ ହେଲେ ଦେଶର ବିକାଶ ହେବ ବୋଲି ମତବ୍ୟକ୍ତ କରିବା ସହ ଚଳିତ ୨୦୨୬-୨୭ ବାର୍ଷିକ ବଜେଟରେ କୃଷି ଓ କୃଷକ ମାନଙ୍କୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇଥିଲେ । ଏହି ଅବସରରେ ଜିଲ୍ଲାର ନେତୃମଣ୍ଡଳୀଙ୍କ ସମେତ ଅନେକ କୃଷକ ଭାଇ ଓ ଭଉଣୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।



# ଏଲାମ୍ମା ମନ୍ଦିରରେ ଫଗୁଣ ନବମୀ ଯାତ୍ରା

**ଗଞ୍ଜାମ,୨୫।୨:(ମନ୍ଥନ)**ଗଞ୍ଜାମ ସହର ସ୍ଥିତ ଏଲାମ୍ମା ମନ୍ଦିରରେ ଫଗୁଣ ନବମୀ ଯାତ୍ରା ତଥା ଝାମି ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମୁଖ୍ୟ ହର ପ୍ରସାଦ ଜେନା ପ୍ରଥମେ ଡହ ଡହ ନିଆଁ ରେ ଚାଲିବା ପରେ ବହୁ ସଂଖ୍ୟାରେ ମାନସିକଧାରୀ ଶ୍ରଦ୍ଧାଳୁ ମାନେ ନିଆଁରେ ଚାଲିଥିଲେ ।ଏଲମା ଙ୍କ ନିକଟରେ ଆଳତି ସହ ପରମ୍ପାରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ବିଶେଷକରି ଦିନ ତମାମ ତେଲୁଗୁ ସମ୍ପ୍ରଦାୟ ଶ୍ରଦ୍ଧାଳୁ ମାନେ ମାଁ ଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରିବା ସହ ପରମ୍ପାରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା ।ସନ୍ଧ୍ୟାରେ ନିଆଁରେ ଚାଲିବା କାର୍ଯ୍ୟକ୍ରମ ରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।



ବାଦ୍ୟବାଜଣା ରେ ମନ୍ଦିରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପାଞ୍ଚ ଦିନ ପୂର୍ବରୁ ବିଭିନ୍ନ ଗ୍ରାମ ମାଁ ଙ୍କ ଘଟ ପରିକ୍ରମା କରାଯାଇ ଶ୍ରଦ୍ଧାଳୁ ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଗୋପୀନାଥ ଜେନା ଦେବ ପ୍ରସାଦ ଜେନା, ଶିବ ପ୍ରସାଦ ଜେନା, ପ୍ରଫୁଲ୍ଲ ଜେନା,ନୀଳିମା ସିଂ, ଆଦିତ୍ୟ ଜେନା ପ୍ରମୁଖ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ ।

# ଫେଲ୍ ମାରୁଛି ବସୁଧା ପାନୀୟ ଜଳ ଯୋଗାଣ

**ଜଳେଶ୍ୱର,୨୫।୨:(ମନ୍ଥନ)**ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚମାରଗାଁ ଗ୍ରାମ ପଞ୍ଚାୟତର ଭଣ୍ଡାରପଲି ଗ୍ରାମର ମାଝିସାହି ଓ ଆଦିବାସୀ ସାହି ମିଶି ୭୦ ପରିବାରର ୩୦୦ ଲୋକ ବାସ କରିଥାନ୍ତି । କିନ୍ତୁ ସେମାନଙ୍କ ପାଇଁ ଆଜି ବି ବସୁଧା ପିଇବା ପାଣି ସାତ ସପନ ପାଲଟି ଯାଇଛି ହାତ ମଡା ନଳକୂପ ଓ ପୋଖରୀ ପାଣି ସେମାନଙ୍କ ପାଇଁ ସାହା ଭରଷା । ଯଦି ଅବା କିଛି ଲୋକ ଆଜିକୁ ୧୫ ବର୍ଷ ପୂର୍ବେ ପୂରୁଣା ପାଇପରେ ପାଣି ପାଉଥିଲେ, ସେ ବି ନଷ୍ଟ ଅବସ୍ଥାରେ



କୋଉଠି ନର୍ଦ୍ଦମା ପାଣି ଯାଉଛି ତ କେଉଠି ପାଣିର ନା ଗନ୍ଧ ନାହିଁ । ଏହି ଦୂଷିତ ପାଣି ବ୍ୟବହାର କରି ଲୋକେ ଏବେ ଝାଡା,ବାନ୍ତି, ହଇଜା ରୋଗକୁ ଆମନ୍ତ୍ରଣ କହୁଛନ୍ତି । ଆଗାମୀ କିଛି ଦିନ ମଧ୍ୟରେ ଯଦି ଗ୍ରାମକୁ ସ୍ୱଚ୍ଛ ପିଇବା ପାଣିର ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରନ୍ତି ଆଗାମୀ ଦିନରେ ରାଇବଣିଆ- ଚଫଲା ମୁଖ୍ୟ ରାସ୍ତାକୁ ଅବରୋଧ କରି ପ୍ରତିବାଦ କରାଯିବ ବୋଲି ଗ୍ରାମର ଅନନ୍ତ କୁମାର ଘୋଷ, କୀର୍ତ୍ତି ବାସ ବେହେରା, ବେଣୁଧର ବେହେରା, ନବୀନ ପରିଡ଼ା, ରାଜେଶ୍ ବେହେରା, ସୁଧୀର ବେହେରା, ଲକ୍ଷ୍ମୀଧର ବେହେରା, ସଞ୍ଜୟ ମୁଖୀ, ସାହେବ ବିଶ୍ୱାଳ, ଭବେଶ ବିଶ୍ୱାଳ, ପରେଶ ବିଶ୍ୱାଳ, ସାମଲ ମାରାଣ୍ଡି, ସାକଲା ମୁର୍ମୁ, ସାମୀୟା ମୁର୍ମୁ, ଜିତ୍ରାୟ ଟୁଡୁ, କିଆର ଟୁଡୁ ବିଶ୍ୱନାଥ ପାତ୍ର, ତପନ ଘୋଷ, କାଳାଚାନ୍ଦ ପାତ୍ର, ଇନ୍ଦ୍ରଲାଲ ବେହେରା ପ୍ରମୁଖ ଶତାଧିକ ଗ୍ରାମବାସୀଙ୍କ ମାନେ ଦାବୀ କରିଛନ୍ତି ।

# ଇଟାଭାଟି ବନ୍ଦ କରିବା ପାଇଁ ଗ୍ରାମବାସୀଙ୍କ ମେଳି

**ଗଞ୍ଜାମ,୨୫।୨:(ମନ୍ଥନ)**ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ପଞ୍ଚାୟତ ର ପି ଏନ ଟି କଲୋନୀରେ ଦୀର୍ଘ ବର୍ଷ ହେଲା ଆନ୍ଧ୍ର ମାଲିକ ଇଟାଭାଟିକରି ଇଟା ପୋଡା ହୋଇଆସୁଛି । ଯାହାକୁ ନେଇ ଶତ୍ରୁଶୋଲ ର ଓଡ଼ିଆ ସାହି, ହରିଜନ ସାହି ବାସିନ୍ଦା ଙ୍କ ସହ ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଇ ଆସୁଛନ୍ତି । ସ୍ଥାନୀୟ ଅଞ୍ଚଳରେ ବାୟୁ ପ୍ରଦ୍ୟୁଷିତ ହୋଇ ବିଭିନ୍ନ ସମୟରେ ଲୋକେ ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ହୋଇଆସୁଥିବା ବେଳେ ଶ୍ୱାସ ରୋଗରେ ପଡି ଲୋକେ ରୋଗାଗ୍ରସ୍ତ ହୋଇପଡୁଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଅଂଚଳର ସଶ୍ୟକ୍ଷେତ୍ର ମଧ୍ୟ ପ୍ରଭାବିତ ହେଉଛି । ଏନେଇ ବିଭିନ୍ନ ସମୟରେ ପ୍ରତିବାଦ ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଏକ ବୈଠକ ବସିବା ସହ ଜିଲ୍ଲାପାଳ ଙ୍କୁ ଅଭିଯୋଗ କରିବା ନେଇ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଆଗାମି ଦିନରେ ଗ୍ରୀଷ୍ମ ଦିନ ଆସୁଥିବାରୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦିଅନ୍ତି ତେବେ ଅଂଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବେ ବୋଲି ଆଲୋଚନା ବୈଠକ ରେ ନିଷ୍ପତି ଗ୍ରହଣ କରାଯାଇଥିଲା ।

# ପିପିଲିରେ ଚାଷୀ ସଚେତନତା କାଯ୍ୟକ୍ରମ

**ପିପିଲି,୨୫।୨:(ମନ୍ଥନ)** ପିପିଲି ବ୍ଲକର ଦାଣ୍ଡମୁକୁନ୍ଦପୁର ଠାରେ ପିପିଲି ବ୍ଲକ କୃଷି ଓ କୃଷକ ସଶକ୍ତିକରଣ କାଯ୍ୟାଳୟ ପକ୍ଷରୁ ଚାଷୀ ସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଖପାଖ ର ବହୁ ଚାଷୀ ଏହି କାଯ୍ୟକ୍ରମରେ ଯୋଗ ଦେଇଥିଲେ । ପୁରୀ ଜିଲ୍ଲା ମୁଖ୍ୟ କୃଷିଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ ଏହି କାଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ସମ୍ପର୍କ ରେ ଉପସ୍ଥିତ ଚାଷୀ ମାନଙ୍କୁସଚେତନତା କରାଇଥିଲେ ।ପ୍ରତେକ୍ୟ ଚାଷୀ ସେମାନେ କରିଥିବା ବିଭିନ୍ନ ଫସଲ ର ରୋଗପୋକ ଓ ତାହାର ନିରାକରଣ ଉପରେ କିଭଳି ଗୁରୁତ୍ୱ ଦେବା ସମ୍ପର୍କ ରେ ବିସ୍ତୃତ ଭାବେ ବୁଝାଇଥିଲେ ଉପସ୍ଥିତ ଥିବା ଚାଷୀ ମାନଙ୍କ ର ବହୁବିଧ ସମସ୍ୟା ଶୁଣିଥିଲେ । ତେବେ ଚାଷୀ ମାନଙ୍କର ମୁଖ୍ୟ ସମସ୍ୟା ଥିଲା ଡେଲାଙ୍ଗ ଡିଷ୍ଟିବ୍ୟୁଟାରୀ ରୁ ପିପିଲି ରୁ ବାହାରିଥିବା ଦାଣ୍ଡମୁକୁନ୍ଦପୁର ମାଇନର ରେ ଦାଣ୍ଡମୁକୁନ୍ଦ ପୁର ପଯ୍ୟନ୍ତ ପାଣି ଆସୁନଥିବାରୁ




ପାଣି ବିନା ଚାଷ କାଯ୍ୟ ବ୍ୟାହତ ହେଉଛି ମାଇନର ରେ ପାଣିଆସୁନଥିବାବେଳେ ଚାଷୀ କିନ୍ତୁ ଜଳକର ଦେଉଛି । ଚାଷୀଙ୍କ ଅଭିଯୋଗକୁ ଗ୍ରହଣ କରି ପୁରୀ ଜିଲ୍ଲା ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କୁ ଚାଷୀଙ୍କ ଅଭିଯୋଗ ସମ୍ପର୍କ ରେ ଅବଗତ କରାଇବାକୁ ଚାଷୀ ମାନଙ୍କୁ ଜିଲ୍ଲା ମୁଖ୍ୟ କୃଷିଅଧିକାରୀ କହିଥିଲେ । ଏହି ବୈଠକରେ ପୁରୀ ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡ଼ଃ ଶରତ କୁମାର ବେହେରା, ବରିଷ୍ଠ ବୈଜ୍ଞାନିକ ଡ଼ଃ ସୁଯ୍ୟକାନ୍ତ ମିଶ୍ର, ପିପିଲି ବ୍ଲକ ପ୍ରାଣୀଧନ ନିରୀକ୍ଷକ ଆଲୋକ ମିଶ୍ର , ପିପିଲି ବ୍ଲକ କୃଷି ଅଧିକାରିଣୀ ସୌମିତ୍ରା ମହାନ୍ତି ସହକାରୀ ଫାସରୀ ଅଧିକାରିଣୀ ଅରୁଶ୍ରୀ ବିଶ୍ୱାଳ , ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ବନାନୀ ପ୍ରିୟଦର୍ଶିନୀ, ସ୍ଥାନୀୟ ସରପଞ୍ଚ ପରେଶ ମିଶ୍ର , ଏବଂ ଗାଁ ସାଥି, ପ୍ରମୁଖ ଏହି କାଯ୍ୟକ୍ରମରେ ଯୋଗଦେଇଥିଲେ । ଶେଷରେ ସମସ୍ତ ଅଧିକାରୀ ମାନେ ଚାଷୀମାନଙ୍କର କ୍ଷେତ କୁ ଯାଇ ଫସଲ ର ରୋଗପୋକ କୁ ନିରୀକ୍ଷଣ କରିଥିଲେ ଫସଲ କୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କ ରେ ପରାମର୍ଶ ଦେଇଥିଲେ ।

# ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ସଚେତନତା

**ଜଗତସିଂହପୁର,୨୫।୨:(ମନ୍ଥନ)**/୨୬ ରିଖ, ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧୀକରଣର ତରଫରୁ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ ଜାତୀୟ ଆଇନ ସେବା ପ୍ରାଧିକରଣର ଆସା ଯୋଜନା ଅନୁଯାୟୀ ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ଏକ ସଚ୍ଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇନସେବା ସଚିବ ବିଡିଡି ଚ୍ନ୍ଦନାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ, ଉପ ଆରକ୍ଷୀ ଅଧିକ୍ଷକ ସରୋଜିନୀ ସିଂ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚ୍ରଣ ରାଉତ, ଆଇସିଡିଏସ୍ ସୁପରଭାଇଜର,ଚାଇଲ୍ଡଲାଇନ୍ର କର୍ମକର୍ତ୍ତା, ଅଙ୍ଗନଓ୍ୱାଡି କର୍ମୀ ଉପସ୍ଥିତ ଥିଲେ । ସଚ୍ଚିବ ବିଡିଡି ଚ୍ନ୍ଦନା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ୧୮ ବର୍ଷରୁ କମ୍ କନ୍ୟା ସନ୍ତାନମାନ ଓ ୨୧ ବର୍ଷରୁ ପୁତ୍ର ସନ୍ତାନଙ୍କୁ ବିବାହ କରାଇବା ଏକ ଦଣ୍ଡନୀୟ ଅପରାଧ । ବାଲ୍ୟବିବାହ ନିଷେଧ ଆଇନ ୨୦୦୭ ଅନୁଯାଇ ବାଲ୍ୟ ବିବାହରେ ଜଡିତ ଥିବା ବ୍ୟକ୍ତିଙ୍କୁ ୨ ବର୍ଷ କାରାଦଣ୍ଡ ସହ ଏକ ଲକ୍ଷ୍ୟ ଟଙ୍କା ଜୋରିମାନାର ବ୍ୟବସ୍ଥା ମଧ୍ୟ ଅଛିୟ ଏହି ଆଇନ ସମସ୍ତ ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ଲାଗୁୟ ବାଲ୍ୟ ବିବାହକୁ ରୋକିବାକୁ ଶିକ୍ଷକ, ଆଶା ଓ ଅଙ୍ଗନଓ୍ୱାଡି କର୍ମୀ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ତୃଣମୂଳ ସ୍ତରରେ ବାଲ୍ୟ ବିବାହକୁ ଚ୍ହ୍ନିଟ କରି ବାଲ୍ୟବିବାହ ନିଷେଧ ଅଧିକାରିଙ୍କ ଦୃଷ୍ଟି ଆକର୍ଷଣ କରି ନିଷେଧ କରିପାରିବେ ଓ ଯେକୌଣସି ସମସ୍ୟାରତ୍ୱରିତ ସମାଧାନ ନିମନ୍ତେ ଜାତୀୟ ଆଇନ ସେବା ପ୍ରାଧୀକରଣ ହେଲ୍ପଲାଇନ ନମ୍ବର ୧୫୧୦୦ରେ ଯୋଗାଯୋଗ କରିବାକୁ ସଚିବ ସଚେତନ କରାଇଥିଲେ ଓ ସେହିପରି ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତି ସେଠୀ କହିଥିଲେ ଯେ ପ୍ରତ୍ୟେକ ବ୍ଲକରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ବାଲ୍ୟ ବିବାହ ନିଷେଧ ଅଧିକାରୀ ଭାବେ କ୍ଷମତା ଦିଆଯାଇଛି । ପଞ୍ଚାୟତ ନିର୍ବହୀ ଅଧିକାରୀ ଓ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ନିଜ ଅଞ୍ଚଳରେ ଘଟୁଥିବା ବାଲ୍ୟ ବିବାହ ସମ୍ପର୍କରେ ସୂଚନା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବାଲ୍ୟବିବାହ ନିଷେଧ ଅଧିକାରୀ ସୂଚ୍ନା ପାଇଲା ପରେ ସ୍ଥାନୀୟ ଅଙ୍ଗନଓ୍ୱାଡି କର୍ମୀ, ସୁପରଭାଇଜର, ପୋଲିସକୁ ନେଇ ଏକ ଟିମ୍ ଗଠନ କରି ବାଲ୍ୟ ବିବାହକୁ ନିଷେଧ କରିଥାନ୍ତି । ସେହିପରି ଉପଆରକ୍ଷୀ ଅଧିକ୍ଷକ ଶ୍ରୀମତି ସିଂ କହିଥିଲେ ଯେ ବାଲ୍ୟ ବିବାହ ରୋକିବା ପାଇଁ ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ୍ କାମ କରିଥାନ୍ତି ଏବଂ ତଥ୍ୟ ପ୍ରଦାନ କରିଥିବା ବ୍ୟକ୍ତିର ପରିଚୟ ଗୋପନ ରହେ ଓ ଅନ୍ୟତମ ବକ୍ତା ଭାବେ ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ରାଉତ ବାଲ୍ୟ ବିବାହ ନିଷେଧ କରିବାରେ ଗାଁ କଲ୍ୟାଣ ସମିତିର ଭୂମିକା ବିଷୟରେ ମଧ୍ୟ ଆଲୋଚନା କରିବା ସହ ପ୍ରତ୍ୟେକ ଅବିଭାବକମାନେ ତାଙ୍କ କନ୍ୟା ସନ୍ତାନମାନଙ୍କୁ କିପରି ବିଦ୍ୟାଳୟରେ ନାମ ଲେଖାଇ ଉଚ୍ଚ ଶିକ୍ଷିତା କରିପାରିବେ ଏହି ବିଷୟରେ ସଚେତନ କରାଇଥିଲେ ।



# ଚଳନ୍ତା ଟ୍ରେନରୁ ଖସି ପଡି କିନ୍ନରଙ୍କ ମୃତ୍ୟୁ

**ଜଳେଶ୍ୱର,୨୫।୨:(ମନ୍ଥନ)**ଟ୍ରେନରୁ ଖସି ପଡି କିନ୍ନରଙ୍କ ମୃତ୍ୟୁ ୟ ସୂଚନାନୁଯାୟୀ ସଲମା (୩୫) ନାମ୍ନୀ ଜନୈକ କିନ୍ନର ୧୨୮୭୬ ନଂ ଆପ ନିଳାଂଚଳ ଏକ୍ସପ୍ରେସରେ ଯାଉଥିବା ବେଳେ ଅପରାହ୍ନ ପ୍ରାୟ ୨ଘଟିକା ସମୟରେ ଜଳେଶ୍ୱର ରାଜଘାଟ ଷ୍ଟେସନ ମଝିରେ ଥିବା ବାଘାବାଳୀ ଗେଟ ନିକଟରେ ଟ୍ରେନରୁ ଖସି ପଡିଥିଲେ । ଜଳେଶ୍ୱର ଷ୍ଟେସନ ମାଷ୍ଟର ଚନ୍ଦନ କୁମାର ସିଂଙ୍କ ସହାୟତାରେ ରେଳ ପୋଲିସ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ହସପିଟାଲକୁ ନେଇ ଯାଇଥିଲେ । ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଫଳରେ ଜଳେଶ୍ୱର ରେଳବାଇ ପୋଲିସ ଘଟଣା ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଇଥିବା ଜଣାଯାଇଛି । ମୃତ ସଲମା କିନ୍ନରଙ୍କ ଘର ଜଳେଶ୍ୱର ଥାନା ରାଜପୁର ମୁସଲିମ ବସ୍ତିରେ ବୋଲି ଜଣାଯାଇଛି ।

# ଅବ୍ୟବସ୍ଥା ଘେରରେ ବାଲିପଦର ସ୍ୱାସ୍ଥ୍ୟକେନ୍ଦ୍ର

**ବୁଗୁଡ଼ା,୨୫।୨:(ମନ୍ଥନ)**ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାଲିପଦର ଗ୍ରାମସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ସଂପ୍ରତିକ ପରିସ୍ଥିତି ଅତି ଖରାପୟ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରୁ ରୋଗୀ ଆବଶ୍ୟକୀୟ ସଠିକ୍ ସେବା ପାଇପାରୁନାହାନ୍ତି । ଏଥି ସହ ସ୍ୱାସ୍ଥ୍ୟକେନ୍ଦ୍ରର ବାହ୍ୟ ପରିବେଶ ମଧ୍ୟ ଅସ୍ୱାସ୍ଥ୍ୟକର ଅଟେ । ସାମାନ୍ୟ ବର୍ଷାରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଜଳାର୍ଣ୍ଣବ ହୋଇପଡୁଥିବା ଫଳରେ ରୋଗୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାଲିପଦର ସମେତ ଆଖପାଖ ଅଞ୍ଚଳର ଅଧିବାସୀ ନିର୍ଭର କରୁଥିବା ବେଳେ ଦିନ ୧୨ଟା ପରେ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ରହୁଥିବାରୁ ରୋଗୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି । ଏଠାକାର ପ୍ରସୂତି ବିଭାଗକୁ ଉଠାଇ ଦିଆଯାଇଥିବାରୁ ଆସନ୍ନ ପ୍ରସବା ମହିଳାମାନେ ବ୍ରହ୍ମପୁର ଉପରେ ନିର୍ଭର କରିବାକୁ ପଡୁଛି । ପୂର୍ବରୁ ଥିବା ଜଣେ ଷ୍ଟାଫ୍ ନର୍ସଙ୍କ ଅବସର ଗ୍ରହଣ ପରେ ଆଉ କେହି ନଥିବାରୁ ଲୋକେ ହଟହଟା ହେଉଛନ୍ତି ଯଛଅ ଶଯ୍ୟା ବିଶିଷ୍ଟ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୀର୍ଘ ଦିନ ହେଲା ଜଣେ ଫାର୍ମାସିଷ୍ଟ ଚଳାଇ ଆସୁଥିବା ବେଳେ ଯେଉଁ ଡାକ୍ତର ନିଯୁକ୍ତ ହେଉଛନ୍ତି ସେ ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେସନରେ ଚାଲିଯାଉଥିବା ଅଭିଯୋଗ ହେଉଛି । ସମ୍ପ୍ରତି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଚାରି ଜଣ କର୍ମଚାରୀ ରହିଥିବା ବେଳେ ଛଅ ଜଣ କର୍ମଚାରୀଙ୍କ ଅଭାବ ରହିଛି । ଅନ୍ୟପକ୍ଷରେ ଅପରାହ୍ନ ଏବଂ ସନ୍ଧ୍ୟା ସମୟରେ ସିକ୍ୟୁରିଟି ଗାର୍ଡ ଓ ନାଇଟ୍ ଓ୍ୱାଚରଙ୍କ ବ୍ୟତୀତ ଅନ୍ୟ କାହାରି ଦେଖା ମିଳୁନଥିବାରୁ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖାଦେଉଛି । ତେଣୁ, ନାହିଁ ନାହିଁରେ ଚାଲିଥିବା ବାଲିପଦର ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସାମ୍ପ୍ରତିକ ଅବ୍ୟବସ୍ଥାର ଦୂରୀକରଣ ଦିଗରେ ଯଥାଶୀଘ୍ର କୌଣସି ଦୃଢ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛ ।

# ଅର୍ନ୍ତଜାତୀୟ ମହିଳା ଦିବସ-୨୦୨୬ ଉପଲକ୍ଷେ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା

**ମାଲକାନଗିରି, ୨୫।୨:(ମନ୍ଥନ)**ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଅର୍ନ୍ତଜାତୀୟ ମହିଳା ଦିବସ-୨୦୨୬ ଉପଲକ୍ଷେ ମାଲ୍ୟବନ୍ତ ହୋଷ୍ଟେଲ ପରିସରରେ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏଠାରେ ଜିଲ୍ଲାସ୍ତରୀୟ



ସଂଗୀତ, ଝୋଟି, କବାଡି, ଖୋ-ଖୋ ଏବଂ ଦୌଡ଼ି ଟଣା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରକଳ୍ପ ସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ଏଥି ମଧ୍ୟରୁ ବ୍ଲକ୍ ସ୍ତରରେ ପ୍ରତ୍ୟେକ ଖେଳରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ଖେଳାଳି ମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ ଖେଳରେ ଶାରୀରିକ ଖେଳ ଶିକ୍ଷକ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ରମାକାନ୍ତ ମାଝୀ, କୁମାରୀ ଖଞ୍ଜନା ଠାକୁର ପରିଚାଳନା କରିଥିଲେ ।ଉକ୍ତ ବିଜୟୀ ମାନଙ୍କୁ ଜିଲ୍ଲାସ୍ତରୀୟ ଆର୍ନ୍ତଜାତୀୟ ମହିଳା ଦିବସରେ ସମ୍ମାନିତ କରାଯିବ । ଏହାର ତାଲିକା ରାଜ୍ୟକୁ ପ୍ରଦାନ କରାଯିବ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଗୌରୀ ନାୟକଙ୍କ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମମତା ଚୌଧରୀ, ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ ଓ ଜିଲ୍ଲା ଅଫିସର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଜିଲ୍ଲା ସଂଯୋଜିକା ମିନାକ୍ଷୀ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ନାରୀ ସଶକ୍ତି କରଣ କେନ୍ଦ୍ର ର କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସାହାଯ୍ୟ କରିଥିଲେ । ଜିଲ୍ଲା ସୁରକ୍ଷା ଅଧିକାରୀ ଟି. ଜୟଲକ୍ଷ୍ମୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇ ସଭାକୁ ସାଙ୍ଗ କରିଥିଲେ ।

# ତାରିଣୀଗଡାରେ ମୃତ ମହିଳାଙ୍କ ଗୁମର ଖୋଲିବ ହାର୍ଡଡ଼ିସ !

**ପାରାଦୀପ,୨୫।୨:(ମନ୍ଥନ)** ପାରାଦୀପ ତାରିଣୀଗଡା ଠାରେ ଛାତରୁ ପଡି ମହିଳା ଙ୍କ ମୃତ୍ୟୁ ଘଟଣା ର ବଡ଼ ଖୁଲାସା କରିଛି ପୋଲିସ । ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ନେଇ ଖୁଲାସା କରିଛନ୍ତି ଜଗତସିଂହପୁର ଏସପି । ସୋମବାର ତାରିଣିଗଡା ର ଖୁଣ୍ଟିଆ ନିବାସ ରେ ଛାତରୁ ପଡି ଉଲଗ୍ନ ଅବସ୍ଥାରେ ଅଜଣା ମହିଳା ଙ୍କ ମୃତଦେହ ପଡ଼ିଥିବା ଘଟଣା କୁ ବେଶ ଗୁରୁତର ସହିତ ତଦନ୍ତ କରି ଅଭିଯୁକ୍ତ କୁ ଅଟକ ରଖିବା ସହିତ ଉକ୍ତ ବିଲଡିଂ ରୁ ମହିଳା ଙ୍କ ମୋବାଇଲ ଜବତ କରିବା ପରେ ମୃତ ଯୁବତୀ ର୍ତିତୋଲ ଥାନା ଅଞ୍ଚଳ ର ଜୟପୁର ବୋଲି ପୋଲିସ ସ୍ପଷ୍ଟୀକରଣ କରିବା ପରେ ଆଜି ପରିବାର ଲୋକେ ପାରାଦୀପ ପୋର୍ଟ ମେଡିକାଲ ରେ ଯୁବତୀ ର ଶବ ଚିହ୍ନଟ କରିଛନ୍ତି । ରହସ୍ୟମୟ ଭାବରେ ଯୁବତୀ ଜଣକ ଶନିବାର ଦିନ ଶାରଳା ମନ୍ଦିର ଯିବା କହି ଘରକୁ ନ ଆସିବା ଏବଂ ନିଖୋଜ ହେବା ଘଟଣା କୁ ନେଇ ପରିବାର ଲୋକେ ର୍ତିତୋଲ ଥାନାରେ ଅଭିଯୋଗ କରିଥିଲେ ଅଭିଯୋଗ କଲା ପରେ ର୍ତିତୋଲ ଥାନା ଘଟଣାକୁ ହାଲକା ଭାବେ ଗ୍ରହଣ କରିଥିଲେ ପାରାଦୀପ ଆଦର୍ଶ ଥାନା ଅଧିକାରୀ ମୃତ ଲିଟିଲ ସାହୁ ଙ୍କ ବନ୍ଦ ଥିବା ମୋବାଇଲ କୁ ଖୋଲିଲା ପରେ ଭାଇ ସ୍ୱାଧୀନ ସାହୁ ଜାଣିଲା ପରେ ଆଦର୍ଶ ଥାନା ଅଧିକାରୀ ଙ୍କୁ ଦେଖା କରି ଭଉଣୀ ର ମୃତ ଦେହ କୁ ଚିହ୍ନି ଥିଲେ ଚିହ୍ନିଲା ପରେ ଘଟଣା ସମ୍ପର୍କ ରେ ଆଦର୍ଶ ଥାନା ଅଧିକାରୀ ଙ୍କ ସହ ପରିବାର ଲୋକ ଜାଣିବାକୁ ଚାହିଁଥିଲେ । ଶବକୁ ପୋଷ୍ଟମର୍ଟମ ପରିବାର ଲୋକ ନ ଆସି କିପରି ପୋଷ୍ଟମର୍ଟମ କରାଗଲା ବୋଲି ପୁଲିସ କୁ ପରିବାର ଲୋକ ପ୍ରଶ୍ନ କରି ସନ୍ତୁଷ୍ଟ ଜନକ ଉତ୍ତର ନ ମିଳିବାରୁ ଝିଅ ର ମୃତ୍ୟୁ କିପରି ହେଲା ଏଥିରେ କୋଉମାନେ ସମ୍ପୃକ୍ତ ଅଛନ୍ତି । ସେମାନଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡ ରେ ଦଣ୍ଡିତ କରିବାସହ ସି ସି ଫୁଟେଜ ଆଉ ହାର୍ଡଡ଼ିସ ପୁଲିସ ଜବତ କରିଥିଲେ ସୁଦ୍ଧା ସମ୍ପୃକ୍ତ ବ୍ୟକ୍ତି ଙ୍କୁ କାହିଁକି ଘଣ୍ଟ ଘୋଡାଉଛି ବୋଲି ପରିବାର ଲୋକ ଦାବୀ କରିଛନ୍ତି । ଏବଂ ସିଧା ସଳଖ ଭଉଣୀକୁ ଭଲ ପାଉଥିବା ଡ୍ରିଙ୍କିଆ, ନୂଆଗାଁ ଅଞ୍ଚଳ ର ପିଲାକୁ ଦାଇ କରିବାସହ ଘରର ମାଲିକ ଏଥିରେ ସମ୍ପୃକ୍ତ ଅଛନ୍ତି ବୋଲି ଖୁଲମ ଖୁଲା କହିଛନ୍ତି ପରିବାର ଲୋକ । ଝିଅର ଭାଇ କହିବା କଥା ମୋ ଭଉଣୀ ଏକ ବର୍ଷ ପୂର୍ବରୁ କୁଜଙ୍ଗ କଲେଜ ରୁ ବି ଏ ପାସ କଲାପରେ ଶିକ୍ଷକ ପରୀକ୍ଷା ଦେଇ ଥିଲେ ଭଉଣୀ ପାରାଦୀପ କୁ ଆସିବା ତ ଦୂରର କଥା କୌଣସି ଦୂର ଜାଗାକୁ ଯିବା ଭଉଣୀ ପକ୍ଷେ ସମ୍ଭବ ନୁହଁ କାରଣ ବାପା ଙ୍କ ଦେହାନ୍ତ ଦୀର୍ଘ ଦଶବର୍ଷ ହେଇ ଯାଇଥିଲା ବେଳେ ପରିବାର କହିଲେ ବୃଦ୍ଧା ମାଆ । ଆଉ ମୁଁ ଆଉ ମୋ ଏକ ମାତ୍ର ଭଉଣୀ ରହୁ ଥିଲୁ ।ତେଣୁ ମୋ ଭଉଣୀ ଏତେ ବାଟ ଆସିବା ପଛରେ ଯୋଉମାନେ ସମ୍ପୃକ୍ତ ଆଉ ଗଣଦୁଷ୍କର୍ମ କରି ହତ୍ୟା କରିଥିବା ଙ୍କୁ ସିଧା ସଳଖ ଫାସୀ ଦେବାକୁ ଗଣମାଧ୍ୟମ ଆଗରେ କହିଛନ୍ତି । ଯଦି ଏଇଭଳି ନରରୂପୀ ରାକ୍ଷସ ଆଇନ ର ଜାଲ ରୁ ଖାସି ଯାଏ ତେବେ ଆଗକୁ କେତେ ଜେ ମହିଳା ବଳି ପଡିନ ଯିବେ କିଏ କହିବ ବୋଲି ପରିବାର ଲୋକ କହିଛନ୍ତି । ମୃତ ମହିଳା ଙ୍କ ପରିବାର କୁ କୋଉଦିନ ନ୍ୟାୟ ମିଳୁଛି ଆଉ ଦୋଷୀ ପ୍ରତି ଆଇନ ଅନୁଯାୟୀ କୋଉ ପ୍ରକାର ଦଣ୍ଡ ମିଳୁଛି ଦେଖିବାକୁ ବାକି ରହିଲା । ଦିନ ତମାମ ଆଦର୍ଶ ଥାନାରେ ପରିବାର ଲୋକ ଉପସ୍ଥିତ ରହି ଥିଲେ ସୁଦ୍ଧା ପୁଲିସ ର ତଦନ୍ତ ପକ୍ରିୟା ଶେଷ ହୋଇ ନ ଥିବାରୁ ପରିବାର ଲୋକ ମହିଳା ଙ୍କ ମର ଶରୀର କୁ ଗ୍ରାମ ଜୟପୁର କୁ ନେଇ ଯାଇଛନ୍ତି । ଆଗକୁ ପରିବାର ଲୋକ ନ୍ୟାୟ ପାଇଁ କଠୋର ପଦକ୍ଷେପ ନେବେ ବୋଲି ଦୃଢୋକ୍ତି ର ସହ କହିଛନ୍ତି ।

# ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

**ଜଗତସିଂହପୁର,୨୫।୨:(ମନ୍ଥନ)** ୨୫.୦୨.୨୦୨୬ ରିଖ: ଆଜି ପୂର୍ବାହ୍ନ ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ରେ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଜିଲ୍ଲାପାଳ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ଏଲ ନିନୋ ର ପ୍ରଭାବ ରେ ଗ୍ରୀଷ୍ମ ପ୍ରବାହ ଅତ୍ୟନ୍ତ ପ୍ରଖର ହେବୟ ବିଭିନ୍ନ କାରଣରୁ ପ୍ରକୃତି ଓ ପରିବେଶ ରେ ଉପଲବ୍ଧ ହେଉଥିବା ଭୌଗୋଳିକ ପରିବର୍ତ୍ତନ ତଥା ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏ ବର୍ଷ ଶୀତ ର ପ୍ରକୋପ ଯେପରି ଅଧିକ ଥିଲା, ଖରା ମଧ୍ୟ ସେହିପରି ଅତ୍ୟଧିକ ହେବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ ,ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ ବୋଲି ସେ କହିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସି ଏଚ ସି, ପି ଏଚ ସି ରେ ଅତ୍ୟାବଶ୍ୟକ ଫାଷ୍ଟ ଏଡ ବ୍ୟବସ୍ଥା, ପର୍ଯ୍ୟାପ୍ତ ପରିମାଣ ରେ ଓ ଆର ଏସ, ସାଲାଇନ ମହଜୁଦ ରଖିବା ସହ ହିଟ ଷ୍ଟୋକ ରୁମ ରେଡ଼ି ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ ଓ୍ୱାଟର ସପ୍ଲାଏ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଆର ଡବ୍ଲୁ ଏସ ଏସ କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ୍ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ପାନୀୟ ଜଳ



ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ ଲାଇନ୍ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟକ ଟ୍ୟାଙ୍କର ଯୋଗାଡ଼ କରି ରଖିବା ସହ ଜଳ ସମ୍ପର୍କିତ ଯେଭଳି କୌଣସି ଅଭିଯୋଗ ନ ଆସେ ସେଥି ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବାକୁ ପାନୀୟ ଜଳଯୋଗାଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟ ମାନଙ୍କରେ ଅଂଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋର୍ଡିଂ, ପୋଷ୍ଟର ଇତ୍ୟାଦି ଲଗାଯିବା ସାମାଜିକ ଗଣ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା, ଲୋକମାନେ ପ୍ରଚଣ୍ଡ ଖରାରେ ଅତି ଆବଶ୍ୟକ ନହେଲେ ବାହାରକୁ ନ ବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା, କଳା ଚଷମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେୟ ବ୍ଲକ୍ , ପୌରାଞ୍ଚଳ, ବିଶେଷ କରି ବସ ଷ୍ଟାଣ୍ଡ, ହାଟ ବଜାର ଆଦି ଜାଗାରେ ଜଳଛତ୍ର ଖୋଲିବା ପାଇଁ ପରାମର୍ଶ ଦେଇଥିଲେ । ଜଳଛତ୍ର ମାନଙ୍କରେ ରଖାଯାଇଥିବା ପାଣିକୁ ବିଶୁଦ୍ଧ ଭାବେ ରଖିବା, ଓ ପରଷିବା କୁ ପରାମର୍ଶ ଦେଇଥିଲେ । ଖରା ରେ ଶ୍ରମିକ ମାନଙ୍କ କାର୍ଯ୍ୟ ସମୟ ନିର୍ଦ୍ଧାରଣ ପାଇଁ ନିଷ୍ପତ୍ତି ନେବାକୁ ଜିଲ୍ଲା ଶ୍ରମ ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ । ଅତ୍ୟନ୍ତ ଗ୍ରୀଷ୍ମ ପ୍ରବାହ ରେ ପାଓ୍ୱାର ସପ୍ଲାଏ ବ୍ୟବସ୍ଥା ଠିକ ଭାବେ ବୁଝିବାକୁ ଟି ପି ସି ଓ ଡି ଏଲ କୁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ ସମସ୍ତ ବିଦ୍ୟାଳୟ, ଅଙ୍ଗନଓ୍ୱାଡ଼ି କେନ୍ଦ୍ର ମାନଙ୍କରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ବୁଲାପ୍ରାଣୀ ମାନଙ୍କ ପାନୀୟ ଜଳ ବ୍ୟବସ୍ଥା ସହ ସମସ୍ତ ପ୍ରାଣୀ ଚିକିତ୍ସାଳୟ ରେ ପାଓ୍ୱାର ସପ୍ଲାଏ ଓ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରାଣୀ ଚିକିତ୍ସ ଅଧିକାରୀ ଙ୍କୁ କହିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବି ନାରାୟଣ ଜେଠୀ ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ସେବା ଉପଲବ୍ଧ କରାଇ ନିୟମିତ ଭାବେ ଯାଞ୍ଚ କରି ପଦକ୍ଷେପ ନେବା, ବିଭିନ୍ନ ଜନ ଗହଳି ସ୍ଥାନ ମାନଙ୍କରେ ବିଗତ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କର୍ଯ୍ୟକରିବା, ବ୍ଲକ୍, ତହସିଲ ଓ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟ ମାନେ ଅନୁରୂପ ଭାବେ ଭାବେ ନିୟନ୍ତ୍ରଣ କକ୍ଷ ଖୋଲିବା ପାଇଁ ପରାମର୍ଶ ଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ଓ.ଆର.ଏସ ପ୍ୟାକେଟ ସହ ଅଂଶୁଘାତ ଚିକିତ୍ସା କକ୍ଷ ବ୍ୟବସ୍ଥା କରିବା, ବରଫ, ଏସି ରୁମ୍, କୁଲର୍ ବ୍ୟବସ୍ଥା କରିବା, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପଶୁମାନଙ୍କ ପାଇଁ ଗାଁ ର ପ୍ରବେଶ ପଥରେ ନଳକୂପ ଥିବା ସ୍ଥାନ ମାନଙ୍କରେ ଜଳ କୁଣ୍ଡର ବ୍ୟବସ୍ଥା କରିବା, ଶ୍ରମିକ ମାନେ କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟ ଜଳ, ଓ.ଆର.ଏସ, ଇତ୍ୟାଦିର ବ୍ୟବସ୍ଥା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଅଂଶୁଘାତ ଜନିତ ମୃତ୍ୟୁହେଲେ ତହସିଲଦାର ଓ ମେଡିକାଲ ଅଫିସର ଙ୍କ ଦ୍ୱାରା ୨୪ ଘଣ୍ଟା ମଧ୍ୟରେ ଯୁଗ୍ମ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ ।ଉକ୍ତ ବୈଠକରେ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ , କ୍ଷେତ୍ରୀୟ ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ରଙ୍ଗିଆଗଡ଼ରେ ଜୟ ମା ମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ପାରାଦୀପ,୨୫।୨:(ମନ୍ଥନ)**ପାରାଦୀପ ଉପକଣ୍ଠ ସ୍ଥିତ ରଙ୍ଗିଆଗଡ ଗ୍ରାମରେ 'ଜୟ ମା ମଙ୍ଗଳା' ଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚଳିତ ଫେବୃଆରୀ ମାସ ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ମହା ସମାରୋହରେ ଅନୁଷ୍ଠିତ ହେଉଅଛି । ମଙ୍ଗଳବାର ପାଞ୍ଚଶହ ମହିଳା ପାରାଦୀପ ବାଲିଯାତ୍ରା ପଡିଆ ନିକଟସ୍ଥ ସମୁଦ୍ରରୁ କଳସୀ ପାଣି ଉଠାଇ ରଙ୍ଗିଆଗଡ଼ ଅଭିମୁଖେ ଯାତ୍ରା କରିଥିଲେ । କୀର୍ତ୍ତନ ହୁଳହୁଳିରେ କମ୍ପିଥିଲା ପରିବେଶ । ପରେ ସୂର୍ଯ୍ୟ ପୂଜା, ସାଲା ସଂସ୍କାର, ସର୍ବ ଦେବାଦେବୀ ପୂଜା, ଅଗ୍ନି ସ୍ଥାପନ, ବିଗ୍ରହ ଅଧିବାସ କରାଯାଇଛି କ୍ଷ ଏହି କାର୍ଯ୍ୟକ୍ରମକୁ ଗ୍ରାମର ମୁରବୀ ନିତ୍ୟାନନ୍ଦ ସ୍ୱାଇଁ, ନିର୍ମଳ କୁମାର ସ୍ୱାଇଁ, ଯୁଗଳ କିଶୋର ପ୍ରଧାନ, ନିର ମହାପାତ୍ର, କ୍ଷୀରୋଦ ଚୌଧୁରୀ, ରବିନ୍ଦ୍ର ବାରିକ, ସୁବୋଧ ମହାପାତ୍ର, ସଲିଳ ପ୍ରଧାନ, କ୍ଷୀରୋଦ ମହାପାତ୍ର, ବିଭୁତି ପ୍ରଧାନ, ଶ୍ରୀକାନ୍ତ ନାୟକ, ଗିରିଧାରୀ ପ୍ରଧାନ, ସୁରେନ୍ଦ୍ର ସ୍ୱାଇଁ, ଯୁଧିଷ୍ଠିର ବେହେରା, ପ୍ରକାଶ ମହାପାତ୍ର, ସୁଶାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରୁଛନ୍ତି ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ସାମୁଦ୍ରିକ ବାଣିଜ୍ୟ

ସମୁଦ୍ର ପଥରେ ବାଣିଜ୍ୟ ଆମ ରାଜ୍ୟର ବହୁ ପୁରାତନ ପ୍ରଚଳିତ ପରମ୍ପରା । ସମୁଦ୍ର ପଥରେ ବୋଇତ ମାଧ୍ୟମରେ ଦୂର ବିଦେଶକୁ ବାଣିଜ୍ୟ କରିବା ପାଇଁ ସାଧବ ପୁଅମାନେ ଯାଉଥିଲେ । ଜାଭା, ସୁମାତ୍ରା ଓ ଇଣ୍ଡୋନେସିଆ ଆଦି ଦେଶରେ ପ୍ରଚୁର ବାଣିଜ୍ୟ କରି ଧନରତ୍ନ ଆଣୁଥିଲେ । ବର୍ତ୍ତମାନର ସରକାର କୃଷି ଉତ୍ପାଦନ ବୃଦ୍ଧି କରିବା ସହ ବନ୍ଦର ପ୍ରତିଷ୍ଠା ଓ ସାମ୍ପ୍ରସାରଣ କରିବା ପାଇଁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରୁଛନ୍ତି ଯାହା କାର୍ଯ୍ୟକ୍ଷେତ୍ରରେ ପ୍ରତିଫଳିତ ହେଲେ ଆମ ରାଜ୍ୟର ଅର୍ଥନୀତି ଆହୁରି କ୍ଷିପ୍ର ଗତିରେ ଆଗେଇବ । ନୀତି ଆୟୋଗର ସଦ୍ୟତମ ରିପୋର୍ଟ ଅନୁସାରେ ଆର୍ଥିକ ପରିଚାଳନା କ୍ଷେତ୍ରରେ ଓଡିଶାକୁ ସମ୍ମାନଜନକ ସ୍ଥାନ ମିଳିଛି । କୃଷି ପ୍ରଧାନ ଦେଶ ଭାରତବର୍ଷରେ କୃଷି ଉତ୍ପାଦନ କୃଷକମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତିକରଣ ଉପରେ ସରକାର ପ୍ରାଥମିକତା ଦେବା ନିମନ୍ତେ ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି ତାହା ଯଦି ବାସ୍ତବ କ୍ଷେତ୍ରରେ ସଠିକ ଭାବରେ କାର୍ଯ୍ୟକାରୀ କରାଯାଏ ତେବେ ଆର୍ଥିକ ସମୃଦ୍ଧିକୁ ଏହା ନିଶ୍ଚିତ ତ୍ୱରାନ୍ୱିତ କରିବ । ତୃଣମୂଳ ସ୍ତରରୁ ଏହି ଦିଗ ପ୍ରତି ଦୃଷ୍ଟି ଦିଆଯିବା ନିମନ୍ତେ ପଦକ୍ଷେପ ନେବାକୁ ସରକାର ସ୍ଥିର କରିଛନ୍ତି । ଓଡ଼ିଶାର ଅଧିକାଂଶ ଚାଷୀ କେବଳ ଧାନ ଚାଷ ଉପରେ ଗୁରୁତ୍ୱ ଦେଉଛନ୍ତି ଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ ବିଶେଷ କରି ପିଆଜ, ଆଳୁ, ରସୁଣ, ଅଣ୍ଡା ଓ ମାଛ ଆଦି ପାଇଁ ଆମେ ପଡୋଶୀ ରାଜ୍ୟଗୁଡିକ ଉପରେ ଅତିମାତ୍ରାରେ ନିର୍ଭରଶୀଳ ରହିଆସୁଛୁ । ଆମେ ଆମର ଖାଉଟି ମାନଙ୍କର ଚାହିଦା ମେଣ୍ଟାଇବାରେ ଅସମର୍ଥ ହେଉଛୁ । ଡାଲି ଜାତୀୟ ଫସଲ ଉତ୍ପାଦନରେ ମଧ୍ୟ ଆମର ଚାଷୀମାନେ ବିଶେଷ ଆଗ୍ରହ ପ୍ରକାଶ କରୁନାହାଁନ୍ତି । ବିଗତ ସରକାର ଅମଳରେ ମାଣ୍ଡିଆ ଚାଷ ଉପରେ ପଦକ୍ଷେପ ନିଆଯାଇଥିଲା । ଆନ୍ତର୍ଜାତିକ ସ୍ତରରେ ଏହାର ଚାହିଦା ବଢାଇବା ଉପରେ ଫୋକସ କରାଯାଇଥିଲା । ଏପରି ପ୍ରୟାସର ସଫଳତା ମଧ୍ୟ ଆମର ଚାଷୀମାନଙ୍କୁ ଉତ୍ସାହିତ କରିଥିଲା । ଆମ୍ବ ଚାଷ ଓ ଯୋଗାଣରେ ଆମ ଦେଶ ବିଶ୍ୱରେ ପ୍ରଥମ ସ୍ଥାନରେ ରହିଥିବାବେଳେ, ଆମ୍ବ, ଲେମ୍ବୁ, କମଳା, ଡାଳିମ୍ବ ଆଦି ଉତ୍ପାଦନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବା ଉଚିତ । ନିକଟ ଅତୀତରେ କେନ୍ଦ୍ର କୃଷି ମନ୍ତ୍ରୀ ଓଡିଶା ଗସ୍ତରେ ଆସିଥିଲେ । ଓଡିଶାକୁ ଏକ କୃଷି ସମୃଦ୍ଧ ରାଷ୍ଟ୍ର ରୂପରେ ଗଢି ତୋଳିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ଆମ ରାଜ୍ୟ ଏକ 'ଫୁଡ଼ ବାସ୍କେଟ' ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସେଥିନିମନ୍ତେ ଗାଁ ଗଣ୍ଡା ବୁଲି କୃଷକମାନଙ୍କୁ ସଚେତନ କରିବା, କୃଷି ବିଶେଷଜ୍ଞଙ୍କ ଦ୍ୱାରା ତାଲିମ ପ୍ରଦାନ ସହିତ ନୂଆ ନୂଆ କିସମର ଉନ୍ନତ ମାନର ବିହନ ଓ ସାର ଯୋଗାଣ ଉପରେ ପ୍ରାଧାନ୍ୟ ଦେଇଥିଲେ । ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ । କେବଳ କୃଷି ଉତ୍ପାଦନ ନୁହେଁ, ସାମୁଦ୍ରିକ ବାଣିଜ୍ୟ ଉପରେ ସରକାର ପ୍ରାଥମିକତା ଦେଇଛନ୍ତି । ଗୋପାଳପୁର ବନ୍ଦର ପଣ୍ୟ ପରିବହନ କ୍ଷମତା ବଢ଼ାଇବେ ସରକାର ଓ ଜଗତସିଂହପୁର ଜିଲ୍ଲା ଏରସମା ଜଟାଧାର ମୁହାଣଠାରେ ଏକ କେପଟିଭ ଜେଟି ନିର୍ମାଣ ପାଇଁ ଜେଏଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ଼ ସହ ରାଜ୍ୟ ସରକାରଙ୍କ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ୫୨ ନିୟୁତ ପଣ୍ୟ ପରିବହନ କ୍ଷମତା ବିଶିଷ୍ଟ ଏହି ଜେଟି ସ୍ଥାପନ ପାଇଁ ପ୍ରଥମ ପର୍ଯ୍ୟାୟରେ ୨,୧୦୦ କୋଟି ଟଙ୍କା ବିନିଯୋଗ କରାଯିବ । ଗୋପାଳପୁର ପଣ୍ୟ ପରିବହନ କ୍ଷମତା ବୃଦ୍ଧି ଓ ଜଟାଧାର ଜେଟି ସ୍ଥାପନ ପାଇଁ ସାଢେ ୧୮ ହଜାର କୋଟି ଟଙ୍କା ନିବେଶ ହେବ ଏବଂ ଏଥିରେ ସାଢେ ୮ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା ପ୍ରକାଶ କରିଛନ୍ତି ସରକାର ଓ ଇଞ୍ଚୁଡ଼ି ଓ ବାହୁଡ଼ାଠାରେ ବନ୍ଦର ନିର୍ମାଣର ପ୍ରସ୍ତାବ ରହିଛି । ବିଭିନ୍ନ ପ୍ରକାର ପଣ୍ୟ କାରବାର ବୃଦ୍ଧି ହେଲେ ଆର୍ଥିକ ଦୃଷ୍ଟିକୋଣରୁ ବିକଶିତ ହେବ ସରକାର ଓ ପଣ୍ୟ ପରିବହନରେ ପାରାଦୀପ ବନ୍ଦର ରେକର୍ଡ ସୃଷ୍ଟି କରୁଛି । ଗୋପାଳପୁର ବନ୍ଦର ସାମ୍ପ୍ରସାରିତ ହେଲେ ନୂତନ ସମ୍ଭାବନା ସୃଷ୍ଟି ହେବ । ଦୀର୍ଘ ସମୟ ହେବ, ଗୋପାଳପୁର ବନ୍ଦର । ଏହାର ବେଳାଭୂମି ଅବହେଳିତ ଅବସ୍ଥାରେ ରହିଛି । ଏହାର ପରିବହନ କ୍ଷମତା ବୃଦ୍ଧି ଓ ବେଳାଭୂମିକୁ ପର୍ଯ୍ୟଟକ ଆଗମନ ପାଇଁ ଆନୁକୂଳ ବାତାବରଣ ଆବଶ୍ୟକ । ସେ ଦିଗ ପ୍ରତି ଦୃଷ୍ଟି ଦିଆଯାଇ ନାହିଁ । ପଣ୍ୟ କାରବାର ବୃଦ୍ଧି ହେଲେ ଓଡ଼ିଶାର କୃଷିଜାତ ଓ ପ୍ରାଣୀ ସମ୍ପଦ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ପରିବହନ ମଧ୍ୟ ସୁଗମ ହେବ । ପ୍ରାୟ ୫୦୦ ବର୍ଗ କିଲୋମିଟର ସାମୁଦ୍ରିକ ଉପକୂଳ ରହିଥିବା ଆମ ରାଜ୍ୟ ଓଡ଼ିଶାରେ ସାମୁଦ୍ରିକ ଉତ୍ପାଦନ ଓ ବାଣିଜ୍ୟ ସମ୍ପଦ କାରବାର ଆଶାନୁରୂପ ହୋଇପାରିନି । ଖଣିଜ ସମ୍ପଦରେ ଭରପୂର ଓଡ଼ିଶାର ପ୍ରାକୃତିକ ସମ୍ପଦ ପାଇଁ ଅନୁରୂପ ସାମୁଦ୍ରିକ ପରିବହନରେ ଅଭାବ ପରିଲକ୍ଷିତ ହେଉଛି । ସାମୁଦ୍ରିକ ବାଣିଜ୍ୟର ଦ୍ରୁତ ପ୍ରଗତି, ପଣ୍ୟ ପରିବହନରେ ବ୍ୟାପକ ଅଭିବୃଦ୍ଧି, ନୂତନ ବନ୍ଦର ସ୍ଥାପନ ଓ ଗୋପାଳପୁର ବନ୍ଦର ସାମ୍ପ୍ରସାରଣ ପାଇଁ ଦୃଢ ରାଜନୈତିକ ଇଚ୍ଛାଶକ୍ତି ରହିଲେ ଏବଂ ସହାଭାଗିତା ପାଇଁ ସମ୍ପୃକ୍ତ କମ୍ପାନୀମାନେ ଅଳଗେଇ ଅଳସିଲେ ସାମୁଦ୍ରିକ ବାଣିଜ୍ୟ ସମୃଦ୍ଧ ହୋଇ ଓଡିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ପାଲଟିବ - ଏଥିରେ ଦ୍ୱିମତ ନାହିଁ ।

# ଅଟୋ ଡ୍ରାଇଭରଙ୍କ ମହାନତା

ଭୁବନେଶ୍ୱର,୨୫।୨ (ନି.ପ୍ର) : ଜଣେ ଅଟୋ ଡ୍ରାଇଭରଙ୍କ ମହନତା ସମସ୍ତଙ୍କୁ ଚକିତ କରିଦେଇଛି । ଗତ କିଛି ଦିନ ତଳେ ବରିଷ୍ଠ ସାମ୍ବାଦିକ ହଳଧର ଧୀର ଓ ତାଙ୍କର ପତ୍ନୀ ଚିକିତ୍ସା ଲାଗି ଆମ ବସ୍‌ରେ କଟକ ଯାଉଥିବା ବେଳେ ବାଦାମବାଡ଼ିରେ ଓହ୍ଲାଇବା ସମୟରେ ତାଙ୍କ ପତ୍ନୀଙ୍କ ବ୍ୟାଗ୍‌ରୁ ପର୍ସଟି ଆଖି ପିଛୁଳାକେ ଚୋରୀ ହୋଇଯାଇଥିଲା । ସେଥିରେ ବିଭିନ୍ନ ବ୍ୟାଙ୍କର ଏ.ଟି.ଏମ୍. କାର୍ଡ଼, କମିଶନରେଟ୍ ପୋଲିସରୁ ମିଳିଥିବା ସିନିୟର ସିଟିଜେନ କାର୍ଡ, ଅନ୍ୟାନ କାର୍ଡ଼ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଓ ଟଙ୍କା ରହିଥିଲା । ଏ ସମ୍ପର୍କରେ ସାମ୍ବାଦିକ ଶ୍ରୀ ଧୀର ବାଦାମବାଡ଼ି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସମ୍ପୃକ୍ତ ଅଟୋ ଡ୍ରାଇଭର ଭରତ ପର୍ସଟି ପାଇ ବାଦାମବାଡ଼ି ଥାନାରେ ଦେଇଥିଲେ । ସାମ୍ବାଦିକ ଶ୍ରୀ ଧୀର ଥାନାରୁ ତାଙ୍କ ପର୍ସ ପାଇ ବାଦାମବାଡ଼ି ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ତଥା ଅଟୋ ଡ୍ରାଇଭରଙ୍କୁ କୃତଜ୍ଞତା ଜଣାଇଥିଲେ ।

# ଆଧୁନିକ ସାହିତ୍ୟର ପିତାମହ ଭୀଷ୍ମ - ମନୋଜ ଦାସ

**ଅକ୍ଷୟ କୁମାର ରାଉତ**

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ। ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ। ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ। ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ। ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ। ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା। ଜମାଲପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ। ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର। ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ। ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ। ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ। ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ।

କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା। ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ। ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା। ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ। ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା। ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ। ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ। ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ। ଜଣେ ବିପ୍ଲବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ। ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ। ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ। ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା। ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି। ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ। ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ। ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତ୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ। ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ। ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ।

*ପାରାଦ୍ୱୀପଗଡ, କୁଜଙ୍ଗ*
*ଜଗତ୍‌ସିଂହପୁର*
*ମୋ.ନଂ.-*
*୯୯୩୭୬୯୧୪୭୫*

# ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ କେନ୍ଦ୍ର, ମହାମହିମ ଓ ଜାମସେଦପୁରର ଓଡ଼ିଆ

**ବାଦଲ ଭୂୟାଁ**

ସମଗ୍ର ଭାରତ ବର୍ଷରେ ଓଡ଼ିଆକୁ ଦ୍ୱିତୀୟ ମାତୃଭାଷାର ମାନ୍ୟତା ଦେଇଥିବା ରାଜ୍ୟ ହେଉଛି ଝାଡ଼ଖଣ୍ଡ। ଓଡ଼ିଶାକୁ ଲାଗିଥିବା ଏହି ରାଜ୍ୟଟି ଶିଳ୍ପ କ୍ଷେତ୍ର ଭାବେ ସମୃଦ୍ଧ। ଅନେକ ଓଡ଼ିଆ ପିଢ଼ି ପିଢ଼ି ଧରି ଏଠାରେ ବୃତ୍ତିଗତ କର୍ମସଂସ୍ଥାନ ନିମିତ୍ତ ରହି ଆସୁଛନ୍ତି ଓ ସମଗ୍ର ଝାଡ଼ଖଣ୍ଡର ବିଭିନ୍ନ ଅନୁଷ୍ଠାନରେ ପ୍ରତିଷ୍ଠିତ ପଦପଦବୀରେ ଶୀର୍ଷ କ୍ଷେତ୍ର ଓ ଲୋକପ୍ରିୟ ବ୍ୟବସ୍ଥା କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି। ବଡ଼ ଖୁସିର କଥା ଆସନ୍ତା ୨୬ ଫେବୃଆରୀରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଭାରତର ସର୍ବପୁରାତନ ଲୌହନଗରୀ ଜାମସେଦପୁର ଠାରେ ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଧର୍ମାର୍ଥୀ କେନ୍ଦ୍ର ଟ୍ରଷ୍ଟର ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଏଠାକାର ସୋନାରୀ ଏୟାର ପୋର୍ଟ ଠାରେ ୧୧ଟା ୩୦ ସକାଳ ସମୟରେ ଅବତରଣ କରିବେ। ଏଠାରୁ ସେ କଦମା ମେରିନ୍ ଡ୍ରାଇବ ଠାରେ ଅବସ୍ଥିତ ଭୂମି ପୂଜନ ସ୍ଥଳରେ ପହଞ୍ଚି ଦିନ ୨ଟା ୪୦ ମିନିଟ ପର୍ଯ୍ୟନ୍ତ ସେଠାରେ ଅବସ୍ଥିତ ରହିବେ। ଏହାପରେ ମେରିନ ଡ୍ରାଇବରୁ ମହାରାଣାପ୍ରତାପ ଛକ, ଜେ.ପି. ବସ ଟର୍ମିନାଲ, ଏଗ୍ରିକୋ ରାସ୍ତା ବାରେଡ଼ି ସ୍ଥିତ ଟାଟା ମଣିପାଲ ମେଡ଼ିକାଲ କଲେଜ ପହଞ୍ଚିବେ ଯେଉଁଠି ୩ଟା ୪୦ ମିନିଟ ପର୍ଯ୍ୟନ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ଟାଟା ମଣିପାଲର ନୂଆ ଏକାଡ଼େମିକ କ୍ଲବର ଉଦଘାଟନ କରିବା ସହ ହସ୍ପିଟାଲ ପ୍ରବଂଧନ ଦ୍ୱାରା ତିଆରି କରାଯାଉଥିବା 'ଦ୍ରୌପଦୀ ମୁର୍ମୁ କମ୍ପ୍ଲେକ୍ସ'ର ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେବେ। କଲେକଟୋରେଟ୍ ପୂର୍ବସିଂହଭୂମ, ଜାମସେଦପୁରଙ୍କ ସଭାଗୃହରେ ଡେପୁଟି କମିସନର କର୍ଣ୍ଣ ସତ୍ୟାର୍ଥୀଙ୍କ କାର୍ଯ୍ୟାଳୟ ଠାରେ ହେଉଥିବା ସମୀକ୍ଷା ବୈଠକରେ ସୁରକ୍ଷା, ଯାତାୟାତ ରୁଟ ଚାର୍ଟ, ପାର୍କିଂ ଚିକିତ୍ସାଳୟ ବ୍ୟବସ୍ଥା, ଅଗ୍ନିଶ୍ରମ ବ୍ୟବସ୍ଥା, ସ୍ୱଚ୍ଛତା, ପ୍ରୋଟୋକଲ ଅନୁପାଳନ ବିଷୟ ସମ୍ବନ୍ଧିତ ବିଷୟ ଉପରେ ବିଶେଷ ସମୀକ୍ଷା କରାଯାଇ ଥିଲା। ଡି.ସି. ସତ୍ୟାର୍ଥି ନିର୍ଦ୍ଦେଶ ଦେଲେ ଯେ ସବୁକାମ ସମୟ ଅନୁସାରେ ଓ ବ୍ୟବସ୍ଥିତ ଭାବରେ ହେବା ଦରକାର। କାର୍ଯ୍ୟକ୍ରମ ସ୍ଥଳରେ ପ୍ରବେଶ ପତ୍ର, ସେଗୁଡ଼ିକର ସତ୍ୟାପନ, ମିଡ଼ିଆ ପ୍ରବନ୍ଧନ, ଅତିଥି ସତ୍କାର ପ୍ରୋଟୋକଲ ଅନୁସାରେ ସବୁ କାମ ହେବା ଦରକାର। ସେ ସବୁ ବିଭାଗକୁ କହିଲେ, ରାଷ୍ଟ୍ରପତିଙ୍କ ଆମ ଜିଲ୍ଲାକୁ ଆସିବା ଏକ ସମ୍ମାନର କଥା। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ସକାଳ ୧୧ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ସହରରେ ନୋ ଏଣ୍ଟ୍ରି ଲାଗୁ ହୋଇଯିବ। ଭୂୟାଁଡିହ ସ୍ଥିତ ଜେ.ପି. ବସ ଟର୍ମିନାଲଠୁ ଯାଉଥିବା ଦୂରଗାମୀ ବସ ସବୁ ଚାଲିବ ନାହିଁ। ଅନ୍ୟ ଭିଆଇପି ଆଗମନରେ ଡୋକୋ (ସୋନାରୀ) ପୋଲର ଆରପଟୁ ବସ ସବୁ ଚଲାଯଏ, କିନ୍ତୁ ରାଷ୍ଟ୍ରପତିଙ୍କ ସହରରେ ରହିବା ପର୍ଯ୍ୟନ୍ତ ଏହି ବସ ରୁଟକୁ ପୁରାପୁରି ବନ୍ଦ ରଖାଯିବ, ଲମ୍ବା ଦୂରଗାମୀ ବସର ପରିଚାଳନା ଡିମନା ଛକ ଏବଂ ପାରିଡ଼ିହ ଛକଠାରୁ ପରିଚାଳିତ ହେବ। ଚାଇଁବସ ଓ ଓଡ଼ିଶା ଯାଉଥିବା ବସ ସବୁ ସାକଚି ସ୍ଥିତି ଡୁବୁଲୀ ପାର୍କ ଗେଟ କିମ୍ବା ବିଷ୍ଟୁପୁର ଠାରୁ ବାହାରିବାର ବ୍ୟବସ୍ଥା କରାଯାଇଛି। ଟ୍ରଷ୍ଟକୁ ଦୀର୍ଘ କିଛି ବର୍ଷର ପରିଶ୍ରମ ପରେ ଦୁଇ ଏକର ଆଠ ପାଖାପାଖିତିନି ଏକର ଜମି କଦମାସ୍ଥ ଖଡ଼ଖାଇ ନଇକୂଳ ମେରିନ ଡ୍ରାଇବ ଠାରେ ସେତେବେଳର ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ଯୋଗୁଁ ମାତ୍ର ଏକ ଟଙ୍କାରେ ମିଳିଛି। ଏସବୁ ପଛର ମହାନାୟକ ଓ ଏଠାକାର ଓଡ଼ିଆ ମାନଙ୍କର ପ୍ରାଣସ୍ପନ୍ଦନ ସୁରେନ୍ଦ୍ର କୁମାର ବେହେରାଙ୍କ ପ୍ରୟାସର ଏହା ହେଉଛି ମାନସ ସନ୍ତାନ। ହାତରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ, ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ କରି ଆଜି ଏ ସଂସ୍ଥା ମୁଣ୍ଡ ଟେକିବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ୧୨ଶହରୁ ୧୫ଶହ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପୁରୀରୁ ପ୍ରସାଦ ରନ୍ଧନ ପାଇଁ ପୂଜାରୀ ଆସିବାର ବ୍ୟବସ୍ଥା ହୋଇଛି। କାର୍ଯ୍ୟକ୍ରମରେ ହୋମ, ପୂଜା, ନବରତ୍ନ ଓ ଅନ୍ୟାନ୍ୟ ବିଧି ବିଧାନରେ ଭୂମି ପୂଜନର ବ୍ୟବସ୍ଥା କରାଯାଇଛି। ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଏହି ଟ୍ରଷ୍ଟ ଗଠନ ହେବାକୁ ଯାଉଛି। ଏଥିରେ ଜଗନ୍ନାଥଙ୍କ ଉପରେ ବିଭିନ୍ନ ତଥ୍ୟ ସମ୍ବଳିତ ଚିତ୍ର ଓ ଚରିତ୍ର ସବୁ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ। କଲେଜ ଓ ୟୁନିଭରସିଟି ସ୍ତରର ପିଲାମାନେ ଗୀତା, ମହାଭାରତ, ରାମାୟଣ ସହ ଜଗନ୍ନାଥ ତତ୍ତ୍ୱ ଉପରେ ଜ୍ଞାନ ଆହରଣ କରିବାର ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ଜାମସେଦପୁର ସହରର ଛାମୁଆ ଅନୁଷ୍ଠାନ ଉତ୍କଳ ଆସୋସିଏସନ, ବାନ୍ଧବ ସମିତି ଗୋଲମୁରୀ ଉତ୍କଳ ସମାଜ, ଆମ ଓଡ଼ିଶା ପରିବାର ଛାପ ବିଭିନ୍ନ ଜଗନ୍ନାଥ ମନ୍ଦିର, ଦୁର୍ଗାପୂଜା ଅନୁଷ୍ଠାନ, ସଂକୀର୍ତ୍ତନ ମଣ୍ଡଳୀ ଛଡ଼ା ପୁରା କୋହ୍ଲାନ ବା ପୂର୍ବ-ସିଂହଭୂମ, ପଶ୍ଚିମ-ସିଂହଭୂମ ଓ ଷଢ଼େଇକଳା-ଖରସୁଆଁ ଜିଲ୍ଲାର ବିଭିନ୍ନ ଓଡ଼ିଆ ଅନୁଷ୍ଠାନ ଛଡ଼ା ଅଣଓଡ଼ିଆ ଅନୁଷ୍ଠାନର ବ୍ୟକ୍ତି ବିଶେଷ, ବ୍ୟବସାୟୀକ ଅନୁଷ୍ଠାନ ପଦାଧିକାରୀଗଣ, ରାଜନୈତିକ, ଶିକ୍ଷାବିତ୍, ଡାକ୍ତର, ଓକିଲ, ନ୍ୟାୟାଧିଶ, ମହିଳା ଆଜି ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହି ଅଛି। ମଞ୍ଚରେ ରାଷ୍ଟ୍ରପତିଙ୍କ ସହିତ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଶୁଭେନ୍ଦ୍ର କୁମାର ବେହେରା, ଟାଟା ଷ୍ଟିଲ ଏମ୍.ଡ଼ି, ଏମ.ପି. ଓ ବିଧାୟକ ରହିବାର କାର୍ଯ୍ୟକ୍ରମ ରହିଛି। ଉତ୍କଳ ଆସୋସିଏସନର ଟ୍ରଷ୍ଟି ମନୋରଞ୍ଜନ ଦାଶ, ବିଭୂତି ଭୂଷଣ ପ୍ରଧାନ, ଡାଃ ସୀମାଞ୍ଚଳ ରାଉଳ, ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ସମାଜସେବୀ ସଙ୍ଗୀତା ବେହେରା, ସାଧାରଣ ସଂପାଦକ ତରୁଣ ମହାନ୍ତି, ଉପସଭାପତି ବାଦଲ ଭୂୟାଁ ଓ ପ୍ରଫେସର ସଞ୍ଜୟ ପାତ୍ର, କୋଷାଧ୍ୟକ୍ଷ ମନୀଷ ଦାଶ, ଉପ ସଚିବ ବିଭୂତି ଭୂଷଣ ମହାନ୍ତି, ପ୍ରତିଭା ମହାନ୍ତି, ମନୋଜ ସାହୁ, ବିଜୟ ମିଶ୍ର, ମନୋରଞ୍ଜନ ଗୌଡ଼, ସୁଜାତା ସାହୁ, ସସ୍ମିତା ପାତ୍ର, ସୁଜାତା ଚୌଧୁରୀ, ଗୀତା ଗୌଡ଼, ବିଶିଷ୍ଟ ଆର୍କିଟେକ ଅବନିଶ ପ୍ରସାଦ ମିଶ୍ର, ଅଶୋକ ମହାପାତ୍ର, ସାଧନା, ସିଫନ ମହାନ୍ତି, ନିରୁପମା ପୃଷ୍ଟି, ଜେ.ପି.ଲେଙ୍କା, ମମତାପାତ୍ର, ସୁଖଶ୍ରୀ ମହାନ୍ତି, ସ୍ନିଗ୍ଧା ମହାନ୍ତି, ମନୋରଞ୍ଜନ ପଶାୟତ, ନିରଞ୍ଜନ ନାୟକ, ଶୁଭଶ୍ରୀ ମହାନ୍ତି, କମଳା ରାଉତ, କନକ ମହାପାତ୍ର, ମନୋରମା ମହାପାତ୍ର, ସୁଶୀଳା ଆଚାର୍ଯ୍ୟ, ନିବେଦିତା ଗୌଡ଼, ସରୋଜା, ମାମୁନୀ, ମିନତୀ ମହାପାତ୍ର, କୁମୁଦିନୀ ପ୍ରଧାନ, ସରୋଜ, ସୁନୀଲ, ସୁକାନ୍ତ, ଦିଲ୍ଲୀପ, ଚିତ୍ତ ସାହୁ, ସୌମେନ୍ଦ୍ର, ମନୋରଞ୍ଜନ, ସୁବ୍ରତ, ସୁନୀଲ, ବିକାଶ, ଜୟଶ୍ରୀ, ପ୍ରଶାନ୍ତ, ପବିତ୍ର, ଅଶୋକ, ମନୋରଞ୍ଜନ, କିଶୋର, ସଞ୍ଜୟ, ଅରୁଣ, ଜ୍ଞାନ, ପ୍ରସନ୍ନ ଓ ହୃଷିକେଶଙ୍କ ପରି ଓଡ଼ିଆମାନେ ଦିନରାତି କାମ କରିବାର ତତ୍ପରତା ଦେଖାଇ ଏ କାର୍ଯ୍ୟକ୍ରମ ସଫଳ କରିବାକୁ ଦିନରାତି ରାତି ଲାଗିଛନ୍ତି। ଝାଡ଼ଖଣ୍ଡରେ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପ୍ରବାସୀଙ୍କ ଦୀର୍ଘ ଦିନର ଏକ ସ୍ୱପ୍ନ ରହିଥିଲା ତାହା ପୂରଣ ହେବାକୁ ଯାଉଛି। ମହାପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ କୃପା ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର*

# ନାରୀ ଚେତନାର ମାର୍ମିକ ଅନ୍ତଃସ୍ୱର

**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**

ଆମ ଜୀବନର ସ୍ୱପ୍ନର ସମ୍ପର୍କ ଖୁବ୍ ନିବିଡ଼ । କେହି ଛୋଟ ସ୍ୱପ୍ନ ଦେଖେ, କେହି ବଡ଼ । ଆଜି ଆମକୁ ଆଶ୍ଚର୍ଯ୍ୟ କରିଦେବା ପରି ଯେଉଁ ମେସିନ୍ ଓ ଜ୍ଞାନକୌଶଳ ଦେଖୁଛୁ ସେଥିପାଇଁ ପ୍ରଥମେ କେହି ଜଣେ ସ୍ୱପ୍ନ ଦେଖିଥିଲା ନିଶ୍ଚୟ । ସ୍ୱପ୍ନ ସାକାର ହେବା ପାଇଁ ସମୟ ଲାଗେ । ମାତ୍ର ଯଦି ହୃଦୟରେ ଉତ୍ସାହ, ନିଷ୍ଠା, ପରିଶ୍ରମର ଇଚ୍ଛା ଥାଏ ତେବେ ଏହା ପୂର୍ଣ୍ଣ ହୋଇଯାଏ । କୁହାଯାଏ ଆମେ ଯାହା ଚିନ୍ତାକରୁ ତାହା ହିଁ ପାଉ । କେହି କେହି ଏକାନ୍ତରେ ବସି ବଡ଼ ବଡ଼ ସ୍ୱପ୍ନ ଦେଖନ୍ତି । ସେ ବିଷୟରେ ଆଲୋଚନା ମଧ୍ୟ କରନ୍ତି, ହେଲେ ତାକୁ ସଫଳ କରିବା ଦିଗରେ କୌଣସି ଚେଷ୍ଟା କରନ୍ତି ନାହିଁ । ଏପରି ସ୍ୱପ୍ନରୁ କିଛି ମିଳେନି, କେବଳ ସମୟ ନଷ୍ଟ ହୁଏ । ସ୍ୱପ୍ନ ସମ୍ପର୍କରେ ଆଲୋଚନା କଲାବେଳେ କିଛି ଜୀବନନାମା ମନେପଡୁଛି। ଗୋଟିଏ ସରଳ ନାରୀର ଅନ୍ତସ୍ୱର ଅନେକ ଶୁଣି ପାରନ୍ତି ନାହିଁ। ବାସ୍ତବ କଥା ହେଉଛି କେବଳ ତଥାକଥିତ ଡିଗ୍ରୀ ହାତକୁ ଆସିଲେ କ'ଣ ନାରୀର ଅସଲ ଜୀବନଟି ବଦଳି ଯାଏ ? ଅନେକଙ୍କ ସ୍ୱପ୍ନ, ଜୀବନର ସଂକଳ୍ପ ଇପ୍ସିତ ଭାବନା ସବୁକିଛି ବିବାହ ଓ ତେଲଲୁଣର ଜଞ୍ଜାଳ, କର୍ମ ସଂସ୍ଥାନ ଓ ଦାୟିତ୍ୱ ଭିତରେ ଚାପି ହୋଇଯାଏ। ଏହା ହେଉଛି ଆମ ସମାଜର ସେହି ଶିକ୍ଷିତା ନାରୀଟିର କାହାଣୀ ଯାହା କେବଳ କାହାଣୀ ବା ମନଗଢ଼ା ଗପନୁହେଁ। ଏହା ମାର୍ମିକ ଅନ୍ତଃସ୍ୱର ଓ ଜୀବନର ମାର୍ମିକ ସତ୍ୟ। ପୁସ୍ତକ ପଢ଼ିବା ବେଳେ ଅନେକ ସଫଳତାକୁ ପଢ଼ିଥିଲା ଓ ବୁଝିଥିଲା କିନ୍ତୁ ତାକୁ ଜୀବନ ଶିଖାଇ ଦେଲା ଯେ ଜୀବନ ହେଉଛି ବୁଝାମଣା। ଶିକ୍ଷା ଥାଇ, ପ୍ରତିଭା ଥାଇ ସବୁକିଛି ଥାଇ ବି ସୁଯୋଗ କେବେ ସାଥୀ ହୋଇପାରିଲା ନାହିଁ।

ଜୀବନର ସଫଳତାର ନିର୍ଦ୍ଧାରଣ ସବୁଠାରୁ ପ୍ରଥମେ ମନ ଭିତରେ ହୁଏ । ନିଷ୍ଠା ସହ ପରିଶ୍ରମ ଦ୍ୱାରା ସେହି ଲକ୍ଷ୍ୟ ପୂରଣ ହୁଏ । ତେଣୁ ସ୍ୱପ୍ନ ଦେଖିବା ଜ୍ଞାନଠାରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସଫଳ ମହିଳା ଜଣଙ୍କ ଯେ ସବୁବେଳେ ଖୁବ୍ ବୁଦ୍ଧିମାନ ଏକଥା ନୁହେଁ ସେମାନେ ଆମପରି ସାଧାରଣ ମଣିଷ । ମାତ୍ର ସେମାନଙ୍କ ପାଖରେ ଭିନ୍ନ ଭାବରେ କିଛି ଚିନ୍ତା କରିବାର ଓ ଏହାକୁ କାର୍ଯ୍ୟରେ ପରିଣତ କରିବାର ସାହାସ ଥାଏ । ପ୍ରଥମ ପାଦ ବଢ଼ାଇବାକୁ ମନରେ ସାହସ ଥାଏ, ଦ୍ୱିତୀୟ ପାଦ ପକାଇବାର ଉତ୍ସୁକତା ଥାଏ । ଏହାପରେ ତୃତୀୟ ପାଦ ଚାଲିବାର ନିଷ୍ଠା ଥାଏ ।

ଯେଉଁଠାରେ ନଦୀ ଆରମ୍ଭ ହୋଇଥାଏ ସେଠାରେ ଏହା ଖୁବ୍ ସରୁ ଓ ଅଗଭୀର । ମାତ୍ର ଏହା ଯେତେ ଯେତେ ଆଗକୁ ବହିଚାଲେ ସେତେ ଚଉଡା ଓ ଗଭୀର ହୋଇଯାଏ । ଆମ ଜୀବନରେ ସବୁଠାରୁ ବଡ଼ କାମର ଆରମ୍ଭ ଠିକ୍ ଏମିତି ହିଁ ହୁଏ । ଯେମିତି ନଦୀ ନିରନ୍ତର ଭାବରେ ଆଗକୁ ବହିବାରେ ଲାଗିଥାଏ, କୌଣସି ମହିଳା ଯଦି ଠିକ୍ ସେମିତି ନିଜ ଜୀବନରେ ନିରନ୍ତର ପ୍ରୟାସ କରି ଆଗକୁ ବଢ଼େ ତା'ହେଲେ ତାକୁ ସଫଳତା ମିଳେ ।

ସ୍ୱପ୍ନକୁ ସାକାର କରିବା ସ୍ୱପ୍ନ ଦେଖିବା ପରି ସହଜ ନୁହେଁ । ଏହି ସ୍ୱପ୍ନକୁ ବାରମ୍ବାର ଦେଖିବାକୁ ହୁଏ । ଏଥିସହ ତାକୁ ସତ କରିବା ପାଇଁ ନିରନ୍ତର ଉଦ୍ୟମ ଆବଶ୍ୟକ ହୁଏ । ଏଥିପାଇଁ ସମୟ ଓ ପରିଶ୍ରମ ଦରକାର । ସ୍ୱପ୍ନ ପୂର୍ଣ୍ଣ କରିବାକୁ ସମୟ ଲାଗେ । କିଏ କହେ ଏଥିପାଇଁ ମୋ ପାଖରେ ସମୟ ନାହିଁ, ପଇସା ନାହିଁ, ସହାୟତା କରିବାକୁ କେହି ନାହିଁ, ମାତ୍ର ଏସବୁ ନିରର୍ଥକ । ଆମ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ଆମ ଭାଗ୍ୟ କରେନି । ଆମେ ନିଜେ ହିଁ କରିଥାଏ । ମାତ୍ର ସେହି ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିବାକୁ ପ୍ରଥମେ ଆବଶ୍ୟକ ହୁଏ ସକାରାତ୍ମକ ଚିନ୍ତାଧାରା । ଏଥିପାଇଁ ଦୈନନ୍ଦିନ ଜୀବନରେ ଖୁସି ଆବଶ୍ୟକ । ଚିନ୍ତା ଓ ଅବସାଦର ଜୀବନ ଆମ ସ୍ୱାସ୍ଥ୍ୟ ନଷ୍ଟ କରିଦିଏ ଓ ମନରେ ସନ୍ଦେହ ଆଣେ । ଆମେ ନିଜ ସ୍ୱପ୍ନକୁ ସାକାର କରିବାରେ ଅସଫଳ ହୋଇଯାଏ । ଯେତେବେଳେ ଆମ ନିତିଦିନିଆ ଜୀବନରେ ଖୁସି ଆସେ ସେତେବେଳେ ସ୍ୱପ୍ନ ଓ ଜୀବନ ବିଷୟରେ ଆମର ଦୃଷ୍ଟିକୋଣ ବଦଳିଯାଏ । ମନରେ ଆଶା ସୃଷ୍ଟି ହୁଏ । ପାଦ ଆଗକୁ ବଢ଼ାଇବା ପାଇଁ ଆତ୍ମବିଶ୍ୱାସ ଆସିଯାଏ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଲେନ-୬, ଚହଟା ନଗର, ବିଡ଼ାନାସୀ, କଟକ-୧୪*



## ସିକିମରେ ତୁଷାରପାତରେ ଫସିଥିବା ୨୭୦୦ ପର୍ଯ୍ୟଟକ ସୁରକ୍ଷିତ ଉଦ୍ଧାର

**ନୂଆଦିଲ୍ଲୀ,୨୫।୨(ଏଜେନ୍ସି):**ସିକିମର ପୂର୍ବାଞ୍ଚଳରେ ସୋମାଗୋ ହ୍ରଦକୁ ମଙ୍ଗଳବାର ବୁଲିବାକୁ ଆସିଥିବା ୨୭୦୦ରୁ ଅଧିକ ପର୍ଯ୍ୟଟକ ପ୍ରବଳ ତୁଷାରପାତ କାରଣରୁ ସେଠାରେ ଫସି ରହିଥିବା ବେଳେ ସମସ୍ତ ପର୍ଯ୍ୟଟକଙ୍କୁ ସ୍ଥାନୀୟ ପ୍ରଶାସନ ସୁରକ୍ଷିତ ଉଦ୍ଧାର କରିଛି । ଶୋରାଥାଙ୍ଗ ଓ ଆଖପାଖ ଅଞ୍ଚଳର ଉଚ୍ଚ ସ୍ଥାନରେ ଭାରି ତୁଷାରପାତ କାରଣରୁ ପାଖାପାଖି ୨୪କିଲୋମିଟର ପର୍ଯ୍ୟନ୍ତ ରାସ୍ତା ବନ୍ଦ ହୋଇଯାଇଥିଲା। ପର୍ଯ୍ୟଟକଙ୍କ ୫୪୧ଟି ଯାନବାହାନ ଫସି ରହିଥିଲା। ।



ସେଠାରୁ ବାହାରିବାର କୌଣସି ଉପାୟ ନପାଇ ଫସିରହିଥିଲେ ପର୍ଯ୍ୟଟକ । ପ୍ରଶାସନର କହିବା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତି ଯାଏଁ ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଥିଲା, ଶେଷରେ ବୁଧବାର ସକାଳ ସୁଦ୍ଧା ଉଦ୍ଧାରକାରୀ ଦଳଙ୍କ ସହାୟତାରେ ରାସ୍ତା ଉପରୁ ବରଫ ସଫା କରି ୨୭୩୬ଜଣ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ଅନ୍ୟପଟେ, ପର୍ଯ୍ୟଟନ ବିଭାଗ ପର୍ଯ୍ୟଟକ ଓ ଟୁର୍ ଅପରେଟରମାନଙ୍କୁ ପରାମର୍ଶ ଦେଇଛି ଯେ ସେମାନେ ପାଣିପାଗ ସମ୍ପର୍କିତ ସତର୍କ ସୂଚନାକୁ କଡାକଡି ଭାବେ ମାନନ୍ତୁ ଏବଂ ତୁଷାରପାତ ସମୟରେ ଯାତ୍ରା କରୁଥିଲେ ଯାନ ବାହାନଗୁଡ଼ିକରେ ଯଥାଯଥ ଭାବେ ଉପକରଣ ଲଗାନ୍ତୁ। ଯେପରିକି ସ୍ନୋ ଚେନ୍ ଟାୟାରରେ ଲଗାଇବା ନିହାତି ଆବଶ୍ୟକ । ସ୍ନୋ ଚେନ୍ ବରଫ ଉପରେ ଗାଡ଼ିକୁ ଖସିବାରୁ ରୋକିଥାଏ ଓ ବରଫରେ ଟାୟାରକୁ ଧସିବାରୁ ରକ୍ଷା କରିଥାଏ। ତେଣୁ ଏହିସବୁ ଉପକରଣ ସାଙ୍ଗରେ ଆଣିବା ନିହାତି ଆବଶ୍ୟକ ବୋଲି ପର୍ଯ୍ୟଟନ ବିଭାଗ ପର୍ଯ୍ୟଟକଙ୍କୁ ପରାମର୍ଶ ଦେଇଛି ।

## ଖେମିନିଙ୍କ ବାସଭବନ ଉପରେ ୨୫୦ ମୁଜାହିଦ୍ଦିନଙ୍କ ଆକ୍ରମଣ

**ନୂଆଦିଲ୍ଲୀ,୨୫।୨(ଏଜେନ୍ସି):**ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ସରକାରୀ ବାସଭବନ ବେଇତ-ଏ ରହବାରି ଉପରେ ଆକ୍ରମଣ ହୋଇଥିବା ରିପୋର୍ଟ ଆସିଛି । ପିପୁଲ୍ସ ମୁଜାହିଦ୍ଦିନ ନାମକ ଏକ ସଂଗଠନ ଏହି ଆକ୍ରମଣ କରିଛି । ସଂଗଠନ କହିଛି ଯେ, ଆକ୍ରମଣ କରିଥିବା ଏହାର ୧୦୦ ଜଣ ସଦସ୍ୟଙ୍କୁ ଇରାନ ସେନା ଗିରଫ କରିଛି । କିଛି ସଦସ୍ୟଙ୍କୁ ମଧ୍ୟ ହତ୍ୟା କରାଯାଇଛି । ୧୯୭୯ ଇସଲାମିକ ବିପ୍ଲବ ପରେ ପ୍ରଥମ ଥର ପାଇଁ ଇରାନର ସର୍ବୋଚ୍ଚ ନେତାଙ୍କ ବାସଭବନ ଉପରେ ଯୋଜନାବଦ୍ଧ ଆକ୍ରମଣ କରାଯାଇଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସୋମବାର ୨୫୦ ଜଣ ମୁଜାହିଦ୍ଦିନ କେନ୍ଦ୍ରୀୟ ତେହେରାନରେ ଥିବା ଇସଲାମିକ୍ ଗଣରାଜ୍ୟର ନେତାଙ୍କ କାର୍ଯ୍ୟାଳୟ ଓ ବାସଭବନ ଉପରେ ଆକ୍ରମଣ କରିଥିଲେ । ସମସ୍ତ ମୁଜାହିଦ୍ଦିନ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଥିଲେ । ଇରାନର ମେହର ନ୍ୟୁଜ୍ ଏଜେନ୍ସି ନିଶ୍ଚିତ କରିଛି, ସମୋନଙ୍କ ମଧ୍ୟରୁ କେବଳ ଚାରି ଜଣଙ୍କୁ ଗିରଫ କରାଯାଇଛି। ଇରାନରେ ଉତ୍ତେଜନା ଆରମ୍ଭ ହେବା ପରେ ଖେମିନି ତାଙ୍କ ବାସଭବନ ଛାଡି ଏକ



ବଙ୍କରକୁ ଚାଲିଯାଇଥିଲେ । ତାଙ୍କ ପୁଅ, ମୋଜତାବା ଖେମିନି, ତାଙ୍କ ବାସଭବନ ଏବଂ କାର୍ଯ୍ୟାଳୟ ପରିଚାଳନା କରୁଛନ୍ତି । ମୁଜାହିଦ୍ଦିନ ସଂଗଠନ ଦାବି କରିଛି, ଆକ୍ରମଣ ସମୟରେ ଅନେକ ଇରାନୀ ସୈନିକ ମଧ୍ୟ ନିହତ ହୋଇଥିଲେ । ତେବେ ସରକାର ଏହାକୁ ନିଶ୍ଚିତ କରି ନାହାନ୍ତି । ଇରାନ ସଂସଦର ଜାତୀୟ ସୁରକ୍ଷା କମିସନର ସଦସ୍ୟ ଅହମଦ ବଖଶାୟେସ୍ ଆର୍ଦେସ୍ତାନି କହିଛନ୍ତି, କିଛି ଆକ୍ରମଣ ଇସଲାମିକ୍ ଗଣରାଜ୍ୟକୁ ଦୁର୍ବଳ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଅନୁମାନ୍ କରାଯାଉଛି । କିନ୍ତୁ ଖେମିନିଙ୍କ ବାସଭବନ ଉପରେ ଆକ୍ରମଣ ଉପରେ ମନ୍ତବ୍ୟ ଦେବାକୁ ସେ ମନା କରିଦେଇଛନ୍ତି । ପିପୁଲ୍ସ ମୁଜାହିଦିନ୍ ସଂଗଠନ ୧୯୬୫ ମସିହାରେ ଶାହ ପହଲଭି ଶାସନ ବିରୋଧରେ ଲଢ଼ିବା ପାଇଁ ଗଠିତ ହୋଇଥିଲା । ୧୯୭୯ ମସିହାର ଇସଲାମିକ୍ ବିପ୍ଲବ ସମୟରେ ଏହା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ୧୯୯୦ ମସିହା ପର୍ଯ୍ୟନ୍ତ ଏହା ଇରାନରେ ପ୍ରଭାବ ବିସ୍ତାର କରିଥିଲା, କିନ୍ତୁ ଆୟାତୋଲ୍ଲା ଖେମିନିଙ୍କ ସହ ମତଭେଦ ପରେ ଏହାକୁ ନିଷିଦ୍ଧ କରାଯାଇଥିଲା । ୨୦୦୨ ମସିହାରେ, ଏହି ସଂଗଠନ ପ୍ରଥମେ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବିଶ୍ୱ ସମ୍ମୁଖରେ ପ୍ରକାଶ କରିଥିଲା । ଏହି ସଂଗଠନର ନେତୃତ୍ୱ ନେଉଛନ୍ତି ମାରିୟମ ରଜାଭି, ଯିଏ ଇରାନକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ର କରିବାକୁ ଚାହୁଁଛନ୍ତି ।

## ହେମନ୍ତ ସୋରେନଙ୍କୁ ବଡ଼ ଆଶ୍ୱସ୍ତି

**ନୂଆଦିଲ୍ଲୀ,୨୫।୨(ଏଜେନ୍ସି):**ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ସୁପ୍ରିମକୋର୍ଟ ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନି ଲଣ୍ଡରିଂ ମାମଲାରେ ସୋରେନଙ୍କ ବିରୋଧରେ ଟ୍ରାଏଲ୍ କୋର୍ଟରେ ଚଳାଇଥିବା କାର୍ଯ୍ୟଧାରାକୁ ସ୍ଥଗିତ ରଖିଛନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଇଡି ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । କୋର୍ଟ ଇଡିକୁ ଏକ ନୋଟିସ ଜାରି କରିବା ସହ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ



କହିଛନ୍ତି, ଆପଣ ଅନେକ ବଡ଼ ମାମଲା ଦାୟର କରିଛନ୍ତି । ସେଗୁଡ଼ିକ ଉପରେ ଧ୍ୟାନ ଦେଲେ ଭଲ ହେବ । ହାଇକୋର୍ଟଙ୍କ ଆଦେଶ ଉପରେ ସ୍ଥଗିତାଦେଶ ଦେବା ସମୟରେ, ସିଜେଆଇ ସୂର୍ଯ୍ୟକାନ୍ତ ବ୍ୟାଙ୍ଗାତ୍ମକ ଭାବେ ମନ୍ତବ୍ୟ ଦେଇ କହିଛନ୍ତି, ଗତକାଲି ଆମେ ଖବରକାଗଜରେ ପଢ଼ିଥିଲୁ ଯେ ଇଡି ଅନେକ ମାମଲା ରୁଜୁ କରିଛି । ସେଗୁଡ଼ିକ ଉପରେ ଧ୍ୟାନ ଦିଅନ୍ତୁ ଏବଂ ବଡ଼ ମାମଲାଗୁଡ଼ିକ ଉପରେ ଆପଣଙ୍କର ଶକ୍ତି କେନ୍ଦ୍ରିତ କରନ୍ତୁ, ଯାହା ସକାରାତ୍ମକ ଫଳାଫଳ ଦେବ । ଇଡି ଓକିଲ କୋର୍ଟରେ କହିଥିଲେ ଯେ ହେମନ୍ତ ସୋରେନଙ୍କୁ ସାତ ଥର ସମନ କରାଯାଇଥିଲା, କିନ୍ତୁ ସେ ହାଜର ହୋଇନଥିଲେ । ଇଡିର ଏହି ଅଭିଯୋଗ ପରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଓକିଲ ମୁକୁଲ ରୋହତଗି ଜବାବ ଦେଇଥିଲେ ଯେ ହେମନ୍ତ ସୋରେନ ତିନି ଥର ହାଜର ହୋଇଥିଲେ କିନ୍ତୁ ତାଙ୍କୁ ଗିରଫ କରାଯାଇଥିଲା ।

## ମୁମ୍ବାଇରେ ବଡ଼ କାର୍ଯ୍ୟାନୁଷ୍ଠାନ
# ୟାରି ରୋଡରୁ ୨୫ ବାଂଲାଦେଶୀ ଗିରଫ

**ନୂଆଦିଲ୍ଲୀ,୨୫।୨(ଏଜେନ୍ସି):**ମହାରାଷ୍ଟ୍ରରେ ମୁମ୍ବାଇ ପୁଲିସ ଅନୁପ୍ରବେଶକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରି ଅନ୍ଧେରୀ ପଶ୍ଚିମର ୟାରି ରୋଡ୍ ଅଞ୍ଚଳରୁ ୨୫ ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରିଛି । ଭର୍ସୋଭା ପୁଲିସ ଷ୍ଟେସନର ଆତଙ୍କବାଦ ନିରୋଧୀ ସେଲ୍ (ଏଟିସି) ଏଡ଼େଇ ଏକ ଗୁପ୍ତ ଅପରେସନ୍ ଚଳାଇଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨୧ ଜଣ କିନ୍ନର, ଦୁଇ ଜଣ ମହିଳା ଓ ଦୁଇ ଜଣ ପୁରୁଷ ଅଛନ୍ତି । ସେମାନେ ଅନେକ ବର୍ଷ ଧରି ମୁମ୍ବାଇରେ ନିଜର



ପରିଚୟ ଲୁଚାଇ ବେଆଇନ ଭାବରେ ରହୁଥିଲେ ।ପୁଲିସକୁ ଗୁପ୍ତ ସୂଚନା ମିଳିଥିଲା ଯେ, ଏହି ବ୍ୟକ୍ତିମାନେ ୟାରି ରୋଡରେ ଥିବା ଏକ ଧର୍ମସ୍ଥଳ ନିକଟରେ ବିଳମ୍ବିତ ରାତିରେ ଏକାଠି ହେବେ। ପୁଲିସ ଏବେ ସମଗ୍ର ନେଟୱାର୍କର ତଦନ୍ତ କରୁଛି । ଏହି ବ୍ୟକ୍ତିମାନେ ଏତେ ବର୍ଷ ଧରି ସୁରକ୍ଷା ଏଜେନ୍ସିଗୁଡ଼ିକର ଆଖିରୁ କିପରି ଖସି ଯାଇପାରିଲେ ଓ କେଉଁ ସ୍ଥାନୀୟ ଲୋକମାନେ ସେମାନଙ୍କୁ ନକଲି କାଗଜପତ୍ର ତିଆରି କରିବାରେ ସାହାଯ୍ୟ କରିଥିଲେ ତାହାର ତଦନ୍ତ କରାଯାଉଛି । ପ୍ରାଥମିକ ପଚରାଉଚରା ସମୟରେ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି, ସେମାନେ ଭାରତରେ ଅନୁପ୍ରବେଶ କରିବା ପାଇଁ ବହୁ ଦୂର ଯାତ୍ରା କରିଥିଲେ । ସେମାନେ ପ୍ରଥମେ ବେଆଇନ ଭାବରେ ବାଂଲାଦେଶ ସୀମା ପାର କରି କୋଲକାତାରେ ପହଞ୍ଚିଥିଲେ । ତାପରେ ସେମାନେ ଦିଲ୍ଲୀ ଓ ଗୁଜରାଟର ବିଭିନ୍ନ ସହରରେ ଅଟକିଥିଲେ ଏବଂ ଶେଷରେ ଆର୍ଥିକ ରାଜଧାନୀ ମୁମ୍ବାଇରେ ବସବାସ କରିବା ଆରମ୍ଭ କରିଥିଲେ । ପୁଲିସ ଅଭିଯୁକ୍ତଙ୍କଠାରୁ ବହୁ ସଂଖ୍ୟକ ନକଲି ଭାରତୀୟ ପରିଚୟ ପତ୍ର, ଆଧାର କାର୍ଡ, ପାନ କାର୍ଡ ଏବଂ କିଛି ମୂଳ ବାଂଲାଦେଶୀ କାଗଜପତ୍ର ମଧ୍ୟ ଜବତ କରିଛି । ଏହି କାଗଜପତ୍ରଗୁଡ଼ିକ ଅନ୍ୟ କୌଣସି ସନ୍ଦେହଜନକ କାର୍ଯ୍ୟକଳାପରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା କି ନାହିଁ ତାହା ପୁଲିସ ତଦନ୍ତ କରୁଛି । ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଧାରା ଅନୁଯାୟୀ ଏକ ମାମଲା ରୁଜୁ କରିଛି । ଆଇନଗତ ଔପଚାରିକତା ସମାପ୍ତ ହେବା ପରେ ସେମାନଙ୍କୁ ଦେଶାନ୍ତର ପ୍ରକ୍ରିୟା ଆରମ୍ଭ କରାଯିବ ।

## ଆତଙ୍କୀଙ୍କ ଟାର୍ଗେଟରେ ରାମ ମନ୍ଦିର

**ନୂଆଦିଲ୍ଲୀ,୨୫।୨(ଏଜେନ୍ସି):**ଅପରେସନ୍ ସିନ୍ଦୂରରେ ଅଣ୍ଟା ଭାଙ୍ଗି ପଡ଼ିଥିବା ଆତଙ୍କୀ ସଂଗଠନ ଲସ୍କର-ଏ-ତୈବା(ଏଲଇଟି) ପୁଣିଥରେ ଭାରତକୁ ଖୋଲାଖୋଲି ଧମକ ଦେଇଛି । ଏଲଇଟିର ଉପମୁଖ୍ୟ ତଥା ପହଲଗାମ୍ ଆକ୍ରମଣର ମାଷ୍ଟର ମାଇଣ୍ଡ କୁହାଯାଉଥିବା ସୈଫୁଲ୍ଲା କସୁରୀ, କୋଡ୍‌ବାର୍ଡରେ ଭାରତରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ କରିବା ନେଇ ଚେତାବନୀ ଦେଇଛି । ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଆଧାରରେ, ସୈଫୁଲ୍ଲା କସୁରୀ କହିଛି ୨୦୨୫ରେ ଆମେ ଆକାଶ ମାର୍ଗରେ ରାଜୁଡି କରିଥିଲୁ, ୨୦୨୬ରେ ସମୁଦ୍ରକୁ କବଜା କରିବୁ । ଆକାଶ ଓ ସମୁଦ୍ର ଏକ କୋଡ୍ ଶବ୍ଦ ପରି ମନେ ହେଉଛି, ଯାହା ଉପକୂଳବର୍ତ୍ତୀ ସହରଗୁଡ଼ିକ ଉପରେ ଆକ୍ରମଣକୁ ସୂଚାଇ ଦେଉଛି । କେବଳ ଏତିକି ନୁହେଁ ବହୁ ପ୍ରତିକ୍ଷିତ ରାମ ମନ୍ଦିର ଉପରେ ବି ବଡ଼ଧରଣର ଆକ୍ରମଣ ନେଇ ସୈଫୁଲ୍ଲା ଇସାରା କରିଛି । ଗୁଇନ୍ଦା ସୂତ୍ର ଅନୁଯାୟୀ, ମୁମ୍ବାଇରେ ୨୬/୧୧ ଆକ୍ରମଣ ଭଳି ପୁନରାବୃତ୍ତିର ଚେତାବନୀ ଦିଆଯାଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୈଫୁଲ୍ଲା ପାକିସ୍ତାନୀ ସେନା ସହଯୋଗରେ କାମ କରିବା କଥା ଖୋଲାଖୋଲି ଭାବରେ ସ୍ୱୀକାର କରିଛନ୍ତି, ଯାହା ପୁଣି ଥରେ ପ୍ରମାଣିତ କରେ ଯେ ପାକିସ୍ତାନ ଆତଙ୍କବାଦୀଙ୍କ ପାଇଁ ଏକ ''ନର୍ସରୀ'' ହୋଇ ରହିଛି ।

## ଭାରତ ମହାସାଗରରେ ଆମେରିକା ସେନାର ବଡ଼ କାର୍ଯ୍ୟାନୁଷ୍ଠାନ
# ଭେନେଜୁଏଲା ଟ୍ୟାଙ୍କର୍ ଜବତ

**ନୂଆଦିଲ୍ଲୀ,୨୫।୨(ଏଜେନ୍ସି):**ଭାରତ ମହାସାଗରରେ ଏକ ବଡ଼ ସାମରିକ ଅପରେସନ୍ କରି ଆମେରିକା ସେନା ଭେନେଜୁଏଲାରୁ ପଳାୟନ କରୁଥିବା ଏକ ବିଶାଳ ତୈଳ ଟ୍ୟାଙ୍କର୍‌କୁ ସଫଳତାର ସହ ଜବତ କରିଛି । ନିକୋଲାସ୍ ମାଦୁରୋଙ୍କ ଗିରଫଦାରୀ ପରେ ଆମେରିକାର କଟକଣା ଉଲ୍ଲଂଘନ କରି ଭେନେଜୁଏଲା ଉପକୂଳରୁ ପଳାୟନ କରିଥିବା ବହୁ ଜାହାଜ ମଧ୍ୟରେ ଏହି ଟ୍ୟାଙ୍କର୍ ଥିଲା । ପେଣ୍ଟାଗନ୍ ଅନୁଯାୟୀ, ଧରାପଡ଼ିଥିବା ଜାହାଜର ନାମ ବର୍ଥା । ଏହାକୁ କାରିବିଆନ୍ ସାଗରରୁ ଭାରତ ମହାସାଗର ପର୍ଯ୍ୟନ୍ତ ପ୍ରାୟ ୧୫,୦୦୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ଟ୍ରାକ୍ କରାଯାଇଥିଲା । ଏହି ସାହସିକ ସାମରିକ ଅପରେସନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱ ତୈଳ ଯୋଗାଣ ଶୃଙ୍ଖଳାରେ ଅଶୋଧିତ ତୈଳର ବେଆଇନ ଚୋରା ଚାଲାଣକୁ ବନ୍ଦ କରିବା ଓ ଅନ୍ତର୍ଜାତୀୟ ବାଣିଜ୍ୟ ନିୟମକୁ କଡ଼ାକଡ଼ି ଭାବରେ ଲାଗୁ କରିବା । ଆମେରିକାର ଦକ୍ଷିଣ କମାଣ୍ଡ ସୋସିଆଲ ମିଡିଆରେ ଘୋଷଣା କରିଛି, ସ୍ୱତନ୍ତ୍ର ବାହିନୀ ରାତିର ଅନ୍ଧାରରେ ବର୍ଥା ନାମକ ଜାହାଜରେ ଚଢ଼ାଉ କରି ଏହାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିଥିଲେ । କାରିବିଆନ ଅଞ୍ଚଳରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା କଠୋର କଟକଣାକୁ ଅବମାନନା କରି ଜାହାଜଟି ଅନ୍ତର୍ଜାତୀୟ ଜଳସୀମା ଭିତରକୁ ପଳାଇବାକୁ ଚେଷ୍ଟା କରୁଥିଲା । ଜାହାଜ ଗତିବିଧି ଉପରେ ନଜର ରଖୁଥିବା ଏଜେନ୍ସିଗୁଡ଼ିକ ଅନୁସାରେ, ଜାହାଜଟି ରାଡାରରେ ଥିଲା ଏବଂ ଏହାକୁ ଟ୍ରାକ୍ କରିବା ପାଇଁ ହାଇଟେକ୍ ସାଟେଲାଇଟ୍ ଚିତ୍ର ବ୍ୟବହାର କରାଯାଇଥିଲା । ଜବତ ଟ୍ୟାଙ୍କର୍‌ରେ ପ୍ରାୟ ୧୯ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ ରହିଛି । ଏହାକୁ ବେଆଇନ ଭାବରେ ପରିବହନ କରାଯାଉଥିଲା । ଅନ୍ୟ ସମସ୍ତ ଜାହାଜକୁ ପୂର୍ବରୁ ବିଭିନ୍ନ ଆନ୍ତର୍ଜାତୀୟ ସ୍ଥାନରେ ଅଟକାଇ ଦିଆଯାଇଥିଲା । ଆମେରିକୀୟ ସେନା ପିଛା କରୁଥିବା ୧୬ ଟି ଟ୍ୟାଙ୍କର୍ ତାଲିକାରେ ବର୍ଥା ଶେଷ ଜାହାଜ ଥିଲା । ଜାହାଜ ଉପରେ କୁକ୍ ଦ୍ୱୀପପୁଞ୍ଜର ପତାକା ଲଗାଯାଇଥିଲା । ଆମେରିକୀୟ ଟ୍ରେଜେରୀ ବିଭାଗ ଅନୁଯାୟୀ, ଏହାର ଇରାନର ପ୍ରତିବନ୍ଧକ ନେଟୱାର୍କ ସହିତ ସିଧାସଳଖ ସମ୍ପର୍କ ରହିଛି । ଆମେରିକାର ପ୍ରତିରକ୍ଷା ବିଭାଗ ଅନୁଯାୟୀ, ସମ୍ପୂର୍ଣ୍ଣ ଅଭିଯାନ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳିତ ହୋଇଥିଲା ଏବଂ ବୋର୍ଡିଂ ସମୟରେ କୌଣସି ଅପ୍ରୀତିକର ଘଟଣା କିମ୍ବା ହିଂସାତ୍ମକ ସଂଘର୍ଷର ରିପୋର୍ଟ କରାଯାଇ ନାହିଁ ।

## ବିବାଦ ପରେ ବିଏସ୍‌ଏନ୍‌ଏଲ୍ ନିର୍ଦ୍ଦେଶକଙ୍କ ପ୍ରସ୍ତାବିତ ପ୍ରୟାଗରାଜ ଯାତ୍ରା ରଦ୍ଦ

**ନୂଆଦିଲ୍ଲୀ,୨୫।୨(ଏଜେନ୍ସି):**ବିଏସ୍‌ଏନ୍‌ଏଲ୍ ନିର୍ଦ୍ଦେଶକ ବିବେକ ବଞ୍ଜଲଙ୍କ ପ୍ରସ୍ତାବିତ ପ୍ରୟାଗରାଜ ଯାତ୍ରାକୁ ନେଇ ବିବାଦ ପରେ ତାଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହିତ ଏହା ଗ୍ରହଣ ଯୋଗ୍ୟ ନୁହେଁ ବୋଲି କହିଛନ୍ତି । ବଞ୍ଜଲଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରଯାଇଛି । ଆସନ୍ତା ୭ ଦିନ ମଧ୍ୟରେ ତାଙ୍କୁ ନୋଟିସର ଜବାବ ରଖିବାକୁ କୁହାଯାଇଛି । ତାଙ୍କ ଜବାବର ତର୍ଜମା କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିନ୍ଧିଆ କହିଛନ୍ତି । ଫେବୃଆରି ୨୫-୨୬ ତାରିଖରେ ବଞ୍ଜଲଙ୍କ ପ୍ରୟାଗରାଜ ଯାତ୍ରା ପାଇଁ କାର୍ଯ୍ୟାଳୟ ପକ୍ଷରୁ ଏକ ଆଭ୍ୟନ୍ତରୀଣ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଏହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ



ଲୋକମାନେ ଏହାକୁ 'ରୟାଲ ପ୍ରୋଟୋକଲ' କହି ସମାଲୋଚନା କରିଥିଲେ । ବଞ୍ଜଲଙ୍କ ପ୍ରସ୍ତାବିତ ଯାତ୍ରା ପାଇଁ ୫୦ ଜଣ କର୍ମଚାରୀ ନିୟୋଜିତ ଥିବା ସହିତ ସ୍ନାନ କିଟଠାରୁ ଟାୱେଲ ଓ ଅଣ୍ଡରୱେର୍ ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଥିଲା । ଏହି ମିନିଟର ମିନିଟ୍ କାର୍ଯ୍ୟ ସୂଚୀ ଦେଖି ଲୋକମାନେ ଏହାକୁ ଭିଆଇପି ସଂସ୍କୃତିର ପାଠାକାଷ୍ଠା ବୋଲି କହିଥିଲେ । ବିଏସ୍‌ଏନ୍‌ଏଲ୍ ପକ୍ଷରୁ ୧୯ ଫେବୃଆରିରେ ଜାରି ଏହି ଚିଠି ଡେପୁଟି ଜେନେରାଲ ମ୍ୟାନେଜର ସ୍ତରୀୟ ଅଧିକାରୀ ଜାରି କରିଥିଲେ । ବଞ୍ଜଲଙ୍କ ଗସ୍ତ ପାଇଁ ୫୦ରୁ ଅଧିକ କର୍ମଚାରୀଙ୍କୁ ୨୧ ରୁ ଅଧିକ ଅଲଗା ଦାୟିତ୍ୱ ଦିଆଯାଇଥିଲା । ଏଥିରେ ପ୍ରୟାଗରାଜ ରେଳ ଷ୍ଟେସନରୁ ଔପଚାରିକ ସ୍ୱାଗତଠାରୁ ତ୍ରିବେଣୀ ସଙ୍ଗମ ସ୍ନାନ, ମନ୍ଦିର ଦର୍ଶନ, ନେକା ବ୍ୟବସ୍ଥା, ଭୋଜନ ନେଇ ଯେଉଁ କାର୍ଯ୍ୟସୂଚୀ ରହିଥିଲା ତାହା ସମସ୍ତଙ୍କୁ ଚକିତ କରିଦେଇଥିଲା । ବିଭିନ୍ନ ମହଲରେ ତୀବ୍ର ସମାଲୋଚନା ପରେ ବଞ୍ଜଲଙ୍କ ପ୍ରସ୍ତାବିତ ଗସ୍ତ ବାତିଲ ହୋଇଥିଲା ।

## ପୁଟିନଙ୍କୁ ଜେଲେନସ୍କିଙ୍କ ବାର୍ତ୍ତା, ୟୁକ୍ରେନ୍ ଏବେବି ସ୍ୱାଧୀନ

**ନୂଆଦିଲ୍ଲୀ,୨୫।୨(ଏଜେନ୍ସି):**ରୁଷ୍-ୟୁକ୍ରେନ ଯୁଦ୍ଧକୁ ଚାରିବର୍ଷ ପୂରି ଥିବାବେଳେ ୟୁକ୍ରେନ ରାଷ୍ଟ୍ରପତି ବୋଲୋଡ଼ିମିର ଜେଲେନସ୍କି ମସ୍କୋକୁ ସ୍ପଷ୍ଟ ବାର୍ତ୍ତା ଦେଇ କହିଛନ୍ତି ଯେ, ଏବେବି ୟୁକ୍ରେନ ଛିଡ଼ା ହୋଇଛି । ଜେଲେନସ୍କି କହିଛନ୍ତି, ଆମେ ଆମର ସ୍ୱାଧୀନତା ରକ୍ଷା କରିପାରିଛୁ ଓ ରାଷ୍ଟ୍ରୀୟତା ବଜାୟ ରଖି ପାରିଛୁ । ସାମାଜିକ ଗଣମାଧ୍ୟମରେ ୟୁକ୍ରେନ୍ ରାଷ୍ଟ୍ରପତି କହିଛନ୍ତି, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ତାଙ୍କ ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଛନ୍ତି । ସେ ୟୁକ୍ରେନ ଲୋକଙ୍କୁ ହରାଇ ପାରିନାହାନ୍ତି କି ଯୁଦ୍ଧ ଜିତିପାରି ନାହାନ୍ତି । ସୂଚନାଯୋଗ୍ୟ, ଫେବୃଆରି ୨୪, ୨୦୨୨ରେ ରୁଷ୍ ୟୁକ୍ରେନ ଉପରେ ଆକ୍ରମଣ କରିଥିଲା । ଏହି ଯୁଦ୍ଧରେ ଦଶ ହଜାରରୁ ଅଧିକ ଲୋକ ନିହତ ହୋଇଛନ୍ତି ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ବିସ୍ଥାପିତ ହୋଇଛନ୍ତି । ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ୍ ଇଣ୍ଟରନ୍ୟାସନାଲ୍ ଷ୍ଟଡିଜ୍ ର ଏକ ସାମ୍ପ୍ରତିକ ରିପୋର୍ଟ ଆକଳନ କରିଛି ଯେ, ଉଭୟ ପକ୍ଷର ମୃତାହତ ଚଳିତ ବର୍ଷ ପାଖାପାଖି ୨ ନିୟୁତ ହୋଇପାରେ ।ଆସୋସିଏଟେଡ ପ୍ରେସ୍ ରିପୋର୍ଟ ଅନୁଯାୟୀ, ରୁଷ୍-ୟୁକ୍ରେନ ଯୁଦ୍ଧ ପୂର୍ତ୍ତି ଅବସରରେ କିବ୍ ସହିତ ନିଜର ଏକତା ପ୍ରଦର୍ଶନ କରିବାକୁ ଡଜନରୁ ଅଧିକ



ବରିଷ୍ଠ ୟୁରୋପୀୟ ପ୍ରତିନିଧି ୟୁକ୍ରେନ ଆସିଥିଲେ । ରୁଷର ବିଶାଳ ତଥା ଉନ୍ନତ ସାମରିକ ଶକ୍ତି ସତ୍ତ୍ୱେ ୟୁକ୍ରେନ ଏହାର ସ୍ୱାଧୀନତା ହରାଇ ନାହିଁ । ୱାସିଂଟନସ୍ଥିତ ଇନଷ୍ଟିଚ୍ୟୁଟ୍ ଫର୍ ଦି ଷ୍ଟଡି ଅଫ୍ ୱାର୍ ସୂଚନା ଅନୁଯାୟୀ, ଗତ ଚାରି ବର୍ଷରେ ରୁଷ୍ ୟୁକ୍ରେନର ମାତ୍ର ୦.୭୯ ପ୍ରତିଶତ ଅଞ୍ଚଳ ଦଖଲ କରିଛି । ଏହାସହିତ ୟୁକ୍ରେନର ପାଖାପାଖି ୨୦ ପ୍ରତିଶତ ଅଞ୍ଚଳ ଅଧୀନରେ ରଖିଛି । କିବ୍ର ସେଣ୍ଟ୍ରାଲ ସ୍କୋୟାରରେ ସେନ୍ୟଙ୍କ ସମାଧି ଥିବା ଏକ ଅସ୍ଥାୟୀ ସ୍ମାରକୀଠାରେ ଜେଲେନସ୍କି ଛିଡ଼ା ହୋଇଥିଲେ କହିଥିଲେ ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସି ଏଠାରେ ହୋଇଥିବା କ୍ଷୟକ୍ଷତି ଦେଖିବା କଥା । ଦୀର୍ଘ ଦିନର ଯୁଦ୍ଧରେ ତାଙ୍କ ଭିତରେ କ'ଣ ପରିବର୍ତ୍ତନ ଆଣିଛି ଯେ ବୋଲି ପ୍ରଶ୍ନର ଉତ୍ତରରେ ଜେଲେନସ୍କି କହିଥିଲେ ତାଙ୍କ ପାଖରେ ବନ୍ଧୁ କିମ୍ବା ବନ୍ଧୁତା ପାଇଁ ସମୟ ନାହିଁ । ଏହାସହିତ ରୁଷ୍ ସହିତ କୂଟନୈତିକ ଆଲୋଚନା ଜାରି ରଖିବାକୁ ମଧ୍ୟ ଜେଲନସ୍କି କହିଥିଲେ । ଆସନ୍ତା ୧୦ ଦିନରେ ଆମେରିକା ନେତୃତ୍ୱରେ ରୁଷ୍-ୟୁକ୍ରେନ ମଧ୍ୟରେ ଶାନ୍ତି ଆଲୋଚନା ଆରମ୍ଭ ହେଉ ବୋଲି ସେ ଚାହୁଁଛନ୍ତି । ରୁଷ୍ ବାରମ୍ବାର ଆକାଶମାର୍ଗରେ ଆକ୍ରମଣ କରୁଥିବାବେଳେ ୟୁକ୍ରେନରେ ଲୋକମାନେ ବିଦ୍ୟୁତ ଓ ପାଣି ବିନା ରହୁଛନ୍ତି ।

## ଉତ୍ତର-ପୂର୍ବ ରାଜ୍ୟ ମହିଳାଙ୍କୁ ଜାତିଗତ ଆକ୍ଷେପ ମାମଲାରେ ରେଖା ଗୁପ୍ତାଙ୍କ ତୀବ୍ର ନିନ୍ଦା

**ନୂଆଦିଲ୍ଲୀ,୨୫।୨(ଏଜେନ୍ସି):**ଉତ୍ତର-ପୂର୍ବ ରାଜ୍ୟର ୩ ଜଣ ମହିଳାଙ୍କ ପ୍ରତି ଜାତିଗତ ଆକ୍ଷେପ ଏବଂ ଏକ ଦମ୍ପତି ଦ୍ୱାରା ଧମକ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା । ବୁଧବାର ରେଖା ଗୁପ୍ତା ସମ୍ପୃକ୍ତ ମହିଳାମାନଙ୍କୁ ଭେଟିଥିଲେ । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ଭିଡିଓ ଜାରି କରି ରେଖା ଗୁପ୍ତା କହିଥିଲେ, ଦିଲ୍ଲୀ ସମସ୍ତଙ୍କର । ସମସ୍ତ ନାଗରିକଙ୍କ ମର୍ଯ୍ୟାଦା, ସମ୍ମାନ ଓ ସୁରକ୍ଷା ସର୍ବାଗ୍ରେ ରହିଛି । ଦୋଷୀଙ୍କ ବିରୋଧରେ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ



କରିବ ବୋଲି କହିଥିଲେ । କୌଣସି ମହିଳାଙ୍କ ସହିତ ଭେଦଭାବ କରିବା, କିମ୍ବା ଅପମାନିତ କରାଯିବାକୁ ଗ୍ରହଣ କରାଯିବନି ବୋଲି ରେଖା ଗୁପ୍ତା କହିଛନ୍ତି। ଦିଲ୍ଲୀର ମାଲବ୍ୟ ନଗରରେ ଏକ ଦମ୍ପତି ଉତ୍ତରପୂର୍ବ ରାଜ୍ୟର ମହିଳାଙ୍କୁ 'ଧନ୍ଦେ ବାଲି' କହିବା ସହିତ ଧମକ ଦେବାର ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ଚର୍ଚ୍ଚାକୁ ଆସିଥିଲା । ପୁଲିସ ବୁଧବାର ଅଭିଯୁକ୍ତ ରୁବି ଜେନ (୩୫) ଓ ତାଙ୍କ ସ୍ୱାମୀ ହର୍ଷ ସିଂହଙ୍କୁ ଗିରଫ କରିଛି । ପୁଲିସ ଅନୁସୂଚିତ ଜାତି ଏବଂ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ଦମ୍ପତିଙ୍କ ନାଁରେ ମାମଲା ରୁଜୁ କରିଛି । ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଓ ଉତ୍ତର ପୂର୍ବ ରାଜ୍ୟ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଉତ୍ତର-ପୂର୍ବ ରାଜ୍ୟ ମହିଳାଙ୍କ ପ୍ରତି ଏପରି ବ୍ୟବହାର ପ୍ରଦର୍ଶନ ଘଟଣାକୁ ନିନ୍ଦା କରିଥିଲେ ।

## ପିଏମ୍ ମୋଦିଙ୍କ ଇସ୍ରାଏଲ ଗସ୍ତକୁ ନେଇ ଗର୍ଜିଲେ ପ୍ରିୟଙ୍କା

**ନୂଆଦିଲ୍ଲୀ,୨୫।୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦିନିଆ ଇସ୍ରାଏଲ ଗସ୍ତରେ ବାହାରି ଜେରୁଜେଲମରେ ପହଁଞ୍ଚିଛନ୍ତି । ୧୦ ବର୍ଷରେ ଏହା ତାଙ୍କର ଦ୍ୱିତୀୟ ଇସ୍ରାଏଲ ଗସ୍ତ । ଏହି ଗସ୍ତ ବେଳେ ଇସ୍ରାଏଲର ସଂସଦକୁ ସମ୍ବୋଧିତ କରିବେ ମୋଦିୟ ଇସ୍ରାଏଲ ଅଭିମୁଖେ ମୋଦି ଗସ୍ତ କରିବା ମାତ୍ରେ ଦେଶର ରାଜନୈତିକ ସ୍ଥିତି ଖୁବ୍ ସରଗରମ୍ ହୋଇଛି । ମୁଖ୍ୟ ବିରୋଧି ଦଳ କଂଗ୍ରେସ ପକ୍ଷରୁ ଗସ୍ତକୁ ନେଇ ବିଭିନ୍ନ ପ୍ରକାର ପ୍ରଶ୍ନ ଉଠିଛି। ପାର୍ଟି ମହାସଚିବ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି,ଆଶା କରୁଛି ପିଏମ୍ ସେଠାରେ ପହଁଞ୍ଚି ଗାଜାରେ ହୋଇଥିବା ଶିଶୁଙ୍କ ମୃତ୍ୟୁ ବିଷୟରେ ଆଲୋଚନା କରିବେ । ପ୍ରିୟଙ୍କା 'ଏକ୍ସ'ରେ-ପୋଷ୍ଟ କରି କହିଛନ୍ତି, 'ମୁଁ ଆଶା କରୁଛି ପ୍ରଧାନମନ୍ତ୍ରୀ ତାଙ୍କର ଆଗାମୀ ଇସ୍ରାଏଲ ଗସ୍ତ ସମୟରେ ସଂସଦକୁ ସମ୍ବୋଧିତ କରିବେ ଏବଂ ଗାଜାରେ ହଜାର ହଜାର ନିରୀହ ପୁରୁଷ, ମହିଳା ଏବଂ ପିଲାଙ୍କ ପାଇଁ ନ୍ୟାୟ ଦାବି କରିବେ । ଭାରତ,ଏକ ସ୍ୱାଧୀନ ରାଷ୍ଟ୍ର ଭାବରେ, ଏହାର ଇତିହାସରେ ସତ୍ୟ ପାଇଁ ଠିଆ ହୋଇଛି । ଆମକୁ ବିଶ୍ୱକୁ ସତ୍ୟ, ଶାନ୍ତି ଏବଂ ନ୍ୟାୟର ଆଲୋକ ଦେଖାଇବା ଜାରି ରଖିବାକୁ ପଡିବ ।'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୁଇ ଦିନିଆ ଇସ୍ରାଏଲ ଗସ୍ତକୁ ମଧ୍ୟ କଂଗ୍ରେସ ଦଳ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି । ଦଳ ପକ୍ଷରୁ କୁହାଯାଇଛି, ଯେତେବେଳେ ସମଗ୍ର ବିଶ୍ୱ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ସମାଲୋଚନା କରୁଛି, ପ୍ରଧାନମନ୍ତ୍ରୀ ମୋଦିଙ୍କ ତାଙ୍କ 'ପ୍ରିୟ ବନ୍ଧୁ' ଙ୍କ ସହ ସାକ୍ଷାତ ନୈତିକ କାପୁରୁଷତାକୁ ଦର୍ଶାଉଛି । କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଇସ୍ରାଏଲୀ ପ୍ରତିପକ୍ଷଙ୍କୁ ନିର୍ଲଜ୍ଜ ଭାବରେ ଆଲିଙ୍ଗନ କରୁଛନ୍ତି । ସେ ନେତାନ୍ୟାହୁଙ୍କୁ ଗାଜାକୁ ଧ୍ୱଂସାବଶେଷରେ ପରିଣତ କରିବା ଏବଂ ୱେଷ୍ଟବ୍ୟାଙ୍କରେ ବେଆଇନ୍ ବସତି ବିସ୍ତାର କରିବା ପାଇଁ ଷଡ଼ଯନ୍ତ୍ର କରୁଥିବାର ଅଭିଯୋଗ କରିଛନ୍ତି। ଜୟରାମ ଏହି ସମୟରେ ୨୦ ମଇ ୧୯୬୦ରେ ଆଲୋଚନା କରିଛନ୍ତି । ଯେତେବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହୁରୁ ଗାଜା ଯାଇଥିଲେ । ସେଠାରେ ମୁତୟନ ୟୁନାଇଟେଡ୍ ନେସନ୍ ଏମର୍ଜେନ୍ସି ଫୋର୍ସର ଭାରତୀୟ ଦଳକୁ ଭେଟିଥିଲେ ।ଏହା ସହ ଜୟରାମ ରମେଶ ୨୯ ନଭେମ୍ବର ୧୯୮୧ ର ଐତିହାସିକ ତାରିଖ ମଧ୍ୟ ଉଲ୍ଲେଖ କରିଥିଲେ । ଭାରତ ପାଲେଷ୍ଟାଇନ ସହିତ ଏକତା ପ୍ରଦର୍ଶନ କରିବା ପାଇଁ ଏକ ସ୍ମାରକୀ ଡାକଟିକେଟ ଜାରି କରିଥିଲା । ସେତେବେଳେ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିଲେ । ଏହା ବ୍ୟତୀତ, କଂଗ୍ରେସ ନେତା ୧୯୮୮ରେ ପାଲେଷ୍ଟାଇନର ପରିଚୟ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି ।

## ଭାରତ ଉପରେ ୧୨୬% ଅତିରିକ୍ତ ଟିକସ ଲାଗୁକଲେ ଟ୍ରମ୍ପ

**ନୂଆଦିଲ୍ଲୀ,୨୫।୨(ଏଜେନ୍ସି):**ଡୋନାଲ୍ଡ ଟ୍ରମ୍ପ ପାରସ୍ପରିକ ଶୁଳ୍କ ମାମଲାରେ ଆମେରିକାର ସୁପ୍ରିମକୋର୍ଟରେ ପରାଜୟବରଣ କରିବା ପରେ ମଧ୍ୟ ତାଙ୍କର ଶୁଳ୍କ ଅଭିଯାନ ଜାରି ରଖିଛନ୍ତି । ପ୍ରାରମ୍ଭରେ, ୧୦% ବିଶ୍ୱ ଶୁଳ୍କ ଲାଗୁ କରାଯାଇଥିଲା, ଯାହାକୁ ପରେ ୧୫% କୁ ବୃଦ୍ଧି କରାଯାଇଥିଲା । ଫଳରେ ଆନ୍ତର୍ଜାତୀୟ ବାଣିଜ୍ୟରେ ଉତ୍ତେଜନା ବୃଦ୍ଧି ହୋଇଥିଲା । ଏବେ, ଆମେରିକା ଭାରତ, ଇଣ୍ଡୋନେସିଆ ଓ ଲାଓସରୁ ଆମଦାନି ହେଉଥିବା ସୌର ଶକ୍ତି ଉତ୍ପାଦଗୁଡ଼ିକୁ ମଧ୍ୟ ଟାର୍ଗେଟ କରିଛି ।ରିପୋର୍ଟ ଅନୁଯାୟୀ, ଆମେରିକାର ବାଣିଜ୍ୟ ବିଭାଗ ସୌରଶକ୍ତି ଉତ୍ପାଦ ଉପରେ ଭାରୀ ଶୁଳ୍କ ଘୋଷଣା କରିଛି । ବାଣିଜ୍ୟ ବିଭାଗ ଅନୁସାରେ ଏହି ପଦକ୍ଷେପ ରପ୍ତାନିକାରୀ ଦେଶଗୁଡ଼ିକୁ ଘରୋଇ ଆମେରିକୀୟ ସୌର ଉତ୍ପାଦ ଅପେକ୍ଷା କମ୍ ମୂଲ୍ୟରେ ନିଜର ଉତ୍ପାଦ ବିକ୍ରି କରିବାରୁ ରୋକିବ । ଏହି ନିଷ୍ପତ୍ତି ଆମେରିକାର ସୌରଶକ୍ତି ନିର୍ମାତାମାନଙ୍କୁ ଲାଭ ଦେବା ତଥା ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ । ପ୍ରାରମ୍ଭିକ ଶୁଳ୍କ ଇଣ୍ଡୋନେସିଆ ପାଇଁ ୮୬% ରୁ ୧୪୩% ଥିବାବେଳେ ଲାଓସ ପାଇଁ ୮୧% ପର୍ଯ୍ୟନ୍ତ ରହିଛି । ଏହି ହାରଗୁଡ଼ିକ ବିଦେଶୀ ସବସିଡି ଓ ବଜାର ମୂଲ୍ୟକୁ ହିସାବକୁ ଅନୁସାରେ ଧାର୍ଯ୍ୟ କରାଯାଇଛି । ଭାରତ ପାଇଁ, ଶୁଳ୍କ ୧୨୬% ସ୍ଥିର କରାଯାଇଛି । ଭାରତ ଉପରେ ଏହି ଶୁଳ୍କର ପ୍ରଭାବ ବିଶେଷ ଭାବରେ ସୌର ଶକ୍ତି କ୍ଷେତ୍ରରେ ଅନୁଭୂତ ହେବ । ଏହା କେବଳ ଭାରତରୁ ସୌର ଶକ୍ତି ରପ୍ତାନିରେ ହ୍ରାସ ଆଣିପାରିବ ନାହିଁ, ବରଂ ସମ୍ପୃକ୍ତ କମ୍ପାନୀଗୁଡ଼ିକର ଷ୍ଟକ୍ ଉପରେ ମଧ୍ୟ ଚାପ ପକାଇପାରେ ବୋଲି କୁହାଯାଉଛି । ତଥ୍ୟ ଅନୁଯାୟୀ, ଆମେରିକା ୨୦୨୪ ମସିହାରେ ଭାରତରୁ ପ୍ରାୟ ୭୯୨.୬ ନିୟୁତ ଡଲାର ମୂଲ୍ୟର ସୌର ଶକ୍ତି ଉତ୍ପାଦ ଆମଦାନି କରିଥିଲା । ଯାହା ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଅଧିକ ଥିଲା । ଗତ ବର୍ଷ, ଆମେରିକା ଟ୍ରମ୍ପ ପ୍ରଶାସନ ଦ୍ୱାରା ଟାର୍ଗେଟ କରାଯାଇଥିବା ତିନୋଟି ଦେଶ ଭାରତ, ଇଣ୍ଡୋନେସିଆ ଓ ଲାଓସରୁ ପ୍ରାୟ ୪.୫ ବିଲିୟନ ଡଲାର ମୂଲ୍ୟର ସୌର ଉତ୍ପାଦ ଆମଦାନି କରିଥିଲା । ବିଶେଷଜ୍ଞମାନଙ୍କ ଅନୁସାରେ, ଏହି ପଦକ୍ଷେପ ଆନ୍ତର୍ଜାତୀୟ ସୌର ଶକ୍ତି ବଜାରରେ ଅସ୍ଥିରତା ବୃଦ୍ଧି କରିପାରେ । ଭାରତୀୟ ରପ୍ତାନିକାରୀମାନଙ୍କୁ ବିକଳ୍ପ ବଜାର ଖୋଜିବାକୁ ମଧ୍ୟ ବାଧ୍ୟ କରିପାରେ । ଏହା ବ୍ୟତୀତ, ଆମେରିକାର ଟାରିଫ୍ ନୀତି ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିବାର ସମ୍ଭାବନା ଅଛି । ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ଏହି ଟାରିଫ୍ ଏକ ସ୍ପଷ୍ଟ ସୂଚକ ଯେ, ଆମେରିକା ଘରୋଇ ଶିଳ୍ପଗୁଡ଼ିକୁ ସୁରକ୍ଷା ଦେବା ଏବଂ ବିଦେଶୀ ପ୍ରତିଯୋଗିତାକୁ ନିୟନ୍ତ୍ରଣ କରିବା ପାଇଁ କଠୋର ପଦକ୍ଷେପ ନେଉଛି ।ଏହି ନୀତିର ଦୀର୍ଘକାଳୀନ ପ୍ରଭାବ ଏହା ହୋଇପାରେ ଯେ ଭାରତ ଏବଂ ଅନ୍ୟାନ୍ୟ ପ୍ରଭାବିତ ଦେଶମାନଙ୍କୁ ସେମାନଙ୍କର ରପ୍ତାନି ରଣନୀତି ପରିବର୍ତ୍ତନ କରିବାକୁ ପଡ଼ିପାରେ ତଥା ଆମେରିକୀୟ ବଜାର ପାଇଁ ଉତ୍ପାଦନ ଖର୍ଚ୍ଚ ଉପରେ ଧ୍ୟାନ ଦେବାକୁ ପଡ଼ିପାରେ ।

ବାଣିଜ୍ୟ ମନ୍ଥନ

ଗୁରୁବାର, ୨୬ ଫେବୃଆରୀ ୨୦୨୬, ଭୁବନେଶ୍ୱର Thursday, 26 February 2026, Bhubaneswar





# ଜୀବନ ଓ ଜୀବିକାକୁ ସୁଦୃଢ଼ କରିବା ପାଇଁ ଆଦିବାସୀ ସମୁଦାୟଙ୍କର ସାମୁହିକ ସଙ୍କଳ୍ପ

**ରାୟଗଡ଼ା,୨୫।୨(ନି.ପ୍ର) :** ବିଷମକଟକରେ ତିନି ଦିନ ଧରି ଆୟୋଜିତ ଗ୍ରାମୀଣ ଚର୍ଚ୍ଚା-୨୦୨୬ ଉତ୍ସାହ ଓ ଆଶାଭରା ପରିବେଶରେ ଶେଷ ହୋଇଛି। ଏଥିରେ ଆଦିବାସୀଙ୍କ ଜୀବନ ଓ ସେମାନଙ୍କର ଜୀବିକାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ, ଓଡିଶା ସମେତ ୭ଟି ରାଜ୍ୟର ଆଦିବାସୀ ସମୁଦାୟଙ୍କ ନେତୃବୃନ୍ଦ, ମହିଳା ଓ ଯୁବବର୍ଗ ଏକତ୍ରିତ ହୋଇ ଏକ ବିକାଶର ନକ୍ସା ପ୍ରସ୍ତୁତ କରିଛନ୍ତି। ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବହୁମାନ୍ୟଗଣ ସମାଜସେବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିଗଣ ଏବଂ ସ୍ଥାନୀୟ ପଂଚାୟତ ରାଜ ଅନୁଷ୍ଠାନର କର୍ମକର୍ତାମାନେ ଯୋଗଦେଇଥିଲେ। ମାନ୍ୟବର ବ୍ଲକ୍ ଉନ୍ନୟନ ଅଧିକାରୀ, ବିଷମକଟକ ସଭାରେ ଯୋଗଦାନ କରି ଗ୍ରାମୀଣ ଅର୍ଥନୀତି, ପାରମ୍ପରିକ କୃଷି, ଦେଶୀ ଖାଦ୍ୟ ପଦ୍ଧତି ଓ ସ୍ଥାନୀୟ ଜ୍ଞାନର ସୁରକ୍ଷା ଏବଂ ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟ ଅତିଥିଗଣ ତଥା ବକ୍ତାମାନେ ଜଳବାୟୁ ପରିବର୍ତନର ପରିପ୍ରେକ୍ଷିରେ ପାରମ୍ପରିକ ଜ୍ଞାନକୁ ଆଧାର କରି ସହନଶୀଳ ଓ ସ୍ୱାବଲମ୍ବୀ ଜୀବିକା ଗଢ଼ି ତୋଳିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ।

ଏହି ଅବସରରେ, ଗ୍ରାମୀଣ ଚର୍ଚ୍ଚା-୨୦୨୬ ର କାର୍ଯ୍ୟକ୍ରମର ପାଂଚଟି ମୁଖ୍ୟ ସ୍ତମ୍ଭ ଉପସ୍ଥାପାନ କରାଯାଇଥିଲା । ସେଗୁଡିକ ହେଲା- ଜଳସେଚନ, ପାନୀୟ ଜଳ ବ୍ୟବସ୍ଥା, ସ୍ଥାନୀୟ ପୁଞ୍ଜିନିବେଶ ଓ ସଂଚୟ ପ୍ରୋତ୍ସାହନ, ଗ୍ରାମସଭା ମାଧ୍ୟମରେ ଶାସନ ବ୍ୟବସ୍ଥାକୁ ମଜବୁତ କରିବା ଏବଂ



ଯୁବବର୍ଗ ଓ ମହିଳା ମାନଙ୍କୁ ସ୍ଥାନୀୟ ଉଦ୍ୟୋଗରେ ସାମିଲ କରିବା। ଆୟୋଜକମାନଙ୍କ ମତାନୁସାରେ, ଗ୍ରାମୀଣ ଚର୍ଚ୍ଚା କେବଳ ଏକ ଆଲୋଚନାର ମଂଚ ନୁହେଁ, ବରଂ ଏହା ଗ୍ରାମୀଣ ମାନସିକତା, ସ୍ଥାନୀୟ ସମ୍ବଳ ଓ ପାରମ୍ପରିକ ଜ୍ଞାନକୁ ଯୋଜନା ପ୍ରକ୍ରିୟା ସହ ସଂଯୋଗ କରିବାର ଏକ ସକ୍ରିୟ ପ୍ରୟାସ। ଶେଷରେ କୃଷି ବିବିଧତା, ହସ୍ତଶିଳ୍ପ, ଯୁବ ନେତୃତ୍ୱ ଓ ସମୁଦାୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ଓ ସଂଗଠନମାନଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ସମସ୍ତ ଅଂଶଗ୍ରହଣକାରୀମାନେ ସାମୁହିକ ଭାବେ ସଙ୍କଳ୍ପ ପୁନରୁଚ୍ଚାରଣ କରିଥିଲେ।

# ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାରେ ପ୍ରଥମ ସମ୍ପୂର୍ଣ୍ଣ ମହିଳା ଶକ୍ତି ୟୁନିଟ ସ୍ଥାପନ କରିଛି

ଭୁବନେଶ୍ୱର,୨୫।୨ (ନି.ପ୍ର) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ପ୍ରଥମ ସଂପୂର୍ଣ୍ଣ ମହିଳା ଶକ୍ତି ପରିଚାଳନା ଦଳ ନିୟୋଜନ କରିଛି। ଯେଉଁମାନେ ବିଶ୍ୱର ବୃହତ ଆଲୁମିନିୟମ ପ୍ଲାଂଟ ଝାରସଗୁଡ଼ାରେ ୧୩୫ ମେଗାୱାଟ ବିଦ୍ୟୁତ ୟୁନିଟ ପରିଚାଳନା ଦାୟିତ୍ୱରେ ରହିବେ। ୨୦୨୬ ମହିଳା ଦିବସ ପୂର୍ବରୁ ଏହା ଭାରତର ଖଣି ଏବଂ ଧାତୁ ଶିଳ୍ପ ମଧ୍ୟରେ ଅଧିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବ। ଆଧୁନିକ ଆଲୁମିନିୟମ ସ୍ମେଲଟରଗୁଡ଼ିକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରିବା ଲାଗି ଏକ ନିରନ୍ତର ନିର୍ଭରଯୋଗ୍ୟ ଶକ୍ତି ଯୋଗାଣ ଦରକାର, ଯାହା ଆଲୁମିନିୟମ ଉତ୍ପାଦନ ଲାଗି ଗୁରୁତ୍ୱପୂର୍ଣ୍ଣ। ଝାରସୁଗୁଡ଼ାରେ ଥିବା ବେଦାନ୍ତ ଆଲୁମିନିୟମର ମେଗା ପ୍ଲାଂଟର ବିଦ୍ୟୁତ ଉତ୍ପାଦନ କ୍ଷମତା ୩୬୧୫ ଏମଡବ୍ଲ୍ୟୁ, ଯେଉଁଥିରୁ ୬୦୦ ମେଗାୱାଟ ପ୍ରତ୍ୟେକ ୪ ୟୁନିଟ ଓ ୧୩୫ ମେଗାୱାଟ ପ୍ରତ୍ୟେକ ୯ ୟୁନିଟ ରହିଛି। ଏବେ ୧୩୫ ମେଗାୱାଟ ତାପଜ ବିଦ୍ୟୁତ କେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବାକୁ ପ୍ରସ୍ତୁତ।

ବ୍ୟବସାୟିକ ଅଂଶୀଦାର ଏନଜିଏସଏଲ ସହଭାଗିତାରେ ନିଆଯାଇଥିବା ଏକ ପଦକ୍ଷେପରେ ଯୋଗ୍ୟ ମହିଳା ଇଂଜିନିୟର, ଟର୍ବାଇନ ଅପରେଟର, ମିଲ ଅପରେଟର ଓ ଅନ୍ୟାନ୍ୟଙ୍କୁ ନେଇ ବିଭିନ୍ନ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ସେମାନେ ଶ୍ରେଣୀଗୃହ ଭିତିକ ବୈଷୟିକ, କାର୍ଯ୍ୟକ୍ଷମ ଓ ନେତୃତ୍ୱ କ୍ଷମତାର ଏକ ଛଅମାସିଆ ତାଲିମ ଗ୍ରହଣ କରିବେ। ଏହି ମାଇଲଖୁଂଟ ବିଷୟରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ଏହି ପଦକ୍ଷେପ ଦର୍ଶାଉଛି ଯେ ମହିଳାମାନେ କେବଳ ଭାରୀ ଶିଳ୍ପରେ ଅଂଶଗ୍ରହଣ କରୁନାହାଁନ୍ତି ବରଙ୍ଗ ସେମାନେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ନେତୃତ୍ୱ ମଧ୍ୟ ନେଉଛନ୍ତି। ଏକ ସମ୍ପୂର୍ଣ୍ଣ ମହିଳା ଟିମକୁ ୧୩୫ ମେଗାୱାଟ ବିଦ୍ୟୁତ୍ ୟୁନିଟ୍ ପ୍ରଦାନ କରିବା ଆମର ବିଶ୍ୱାସକୁ ପ୍ରତିଫଳିତ କରିବା ସହିତ କ୍ଷମତା ନେତୃତ୍ୱକୁ ପରିଭାଷିତ କରିଛି। ୨୦୩୦ ସୁଦ୍ଧା ଆମେ ୩୦% ମହିଳା ପ୍ରତିନିଧିତ୍ୱ ଆଡକୁ ଅଗ୍ରସର ହେଉଥିବାରୁ ଆମେ ଭାରତରେ ଅନ୍ତର୍ଭୁକ୍ତ ଶିଳ୍ପ ଅଭିବୃଦ୍ଧି ପାଇଁ ମାନଦଣ୍ଡ ସ୍ଥାପନ କରିବାକୁ ଆମେ ପ୍ରତିବଦ୍ଧ ଅଟୁ।'




ଓଡିଶା ଅର୍ଥନୈତିକ ସର୍ଭେ ୨୦୨୫-୨୬ ଅନୁଯାୟୀ, ରାଜ୍ୟର ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର ୨୦୨୨ ରେ ୩୭.୬% ରୁ ବୃଦ୍ଧି ପାଇ ୨୦୨୪ ରେ ୪୮.୭% ହୋଇଛି, ଯାହାକି ଜାତୀୟ ହାରକୁ ଅତିକ୍ରମ କରିଛି। ଏହି ଗତି ସହିତ ବେଦାନ୍ତ ଆଲୁମିନିୟମ ମୁଖ୍ୟ ଶିଳ୍ପ କାର୍ଯ୍ୟରେ ମହିଳାମାନଙ୍କ ଉନ୍ନତି ପାଇଁ ଅର୍ଥପୂର୍ଣ୍ଣ ପଥ ସୃଷ୍ଟି କରି ଲିଙ୍ଗ ବିବିଧତାକୁ ସ୍ଥିର ଭାବରେ ଆଗକୁ ବଢ଼ାଉଛି। ଝାରସୁଗୁଡାରେ, ଏଥିରେ ଭାରତର ପ୍ରଥମ ସମ୍ପୂର୍ଣ୍ଣ ମହିଳା ପଟଲାଇନ୍ ଦଳ, କମ୍ପାନୀର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ କ୍ରୁ ଏବଂ ଅଗ୍ନିବାହିନୀ, ଏହାର ସମ୍ପୂର୍ଣ୍ଣ ମହିଳା ଅଗ୍ନିଶମ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଦଳ ଭଳି ଅଗ୍ରଣୀ ମାଇଲଖୁଂଟ ଅନ୍ତର୍ଭୁକ୍ତ, ଏହା ସହିତ ଶ୍ରୀ ଶକ୍ତି ପଦକ୍ଷେପ ମାଧ୍ୟମରେ ମହିଳା କର୍ମଚାରୀମାନଙ୍କୁ ରାତ୍ରିକାଳିନ ସିଫ୍ଟ କାର୍ଯ୍ୟରେ ସାମିଲ କରିବାରେ ଓଡ଼ିଶାର ପ୍ରଥମ କମ୍ପାନୀ। ଏହା ବ୍ୟତୀତ ଉପଯୁକ୍ତ ଅଭିବୃଦ୍ଧି ପଦକ୍ଷେପ ମାଧ୍ୟମରେ ଉଚ୍ଚ ସମ୍ଭାବ୍ୟ ମହିଳା ନେତାଙ୍କୁ ଚିହ୍ନଟ ଏବଂ ବିକଶିତ ମଧ୍ୟ କରାଯାଉଛି।

# ବାଲିମୁଣ୍ଡାରେ ଆଦାନୀ ଭବନ ଉଦ୍‌ଘାଟିତ

ଧାମରା,୨୫।୨ (ନି.ପ୍ର) : ବାଲିମୁଣ୍ଡା ଗ୍ରାମରେ ଗ୍ରାମୀଣ ଭିତ୍ତିଭୂମି ଢାଞ୍ଚାର ସୁଦୃଢ଼ିକରଣ ଦିଗରେ ଆଦାନୀ ଫାଉଣ୍ଡେସନ ଆଜି ଆଉ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛି। ଆଦାନୀ ଗ୍ରୁପ୍ର କର୍ପୋରେଟ୍ ସାମାଜିକ ଦାୟିତ୍ୱ ଶାଖା ଭାବେ କାର୍ଯ୍ୟରତ ଆଦାନୀ ଫାଉଣ୍ଡେସନ ପକ୍ଷରୁ ନିର୍ମିତ "ଆଦାନୀ ଭବନ"ର ଆଜି ଜନସାଧାରଣଙ୍କ ପାଇଁ ଉଦଘାଟନ କରାଯାଇଛି।




୨୪୭ ଲକ୍ଷ ଟଙ୍କା ବ୍ୟୟରେ ପ୍ରାୟ ୨,୨୦୦ ବର୍ଗ ଫୁଟ୍ ଅଞ୍ଚଳରେ ନିର୍ମିତ ଏହି ସାମୁଦାୟିକ କେନ୍ଦ୍ର ଗ୍ରାମବାସୀଙ୍କ ପାଇଁ ସାମାଜିକ, ସାଂସ୍କୃତିକ ଓ ବିକାଶମୂଳକ କାର୍ଯ୍ୟକ୍ରମର ଏକ କେନ୍ଦ୍ରବିନ୍ଦୁ ରୂପେ ପରିଣତ ହେବ। ଏହା ଗ୍ରାମୀଣ ସମାଜର ସମୂହ ଚେତନା ଓ ସମ୍ମିଳିତ ପ୍ରୟାସକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି। ଏହାସହିତ ବାଲିମୁଣ୍ଡା ବିମାନ ବନ୍ଦର ମୁଖ୍ୟ ସଡ଼କ ଠାରୁ ବାଲିମୁଣ୍ଡା ଗ୍ରାମ ପର୍ଯ୍ୟନ୍ତ ୧୫୦୦ ମିଟର ଲମ୍ବ ଏକ ପକ୍କା ସଡ଼କର ଉଦଘାଟନ ମଧ୍ୟ ହୋଇଥିଲା ଏବଂ ଏହା ବାବଦରେ ଆଦାନୀ ଫାଉଣ୍ଡେସନ ୬୨ ଲକ୍ଷ ଖର୍ଚ୍ଚ କରାଯାଇଛି, ଯାହାକି ୪୦୦ ରୁ ଉର୍ଦ୍ଧ ପରିବାର ସୁଗମରେ ଯାତାୟାତ କରିପାରିବେ। ଏହି ଅବସରରେ ଏ.ପି.ଏସ.ଇ.ଜେଡ୍ର ହୋଲ୍ ଟାଇମ୍ ନିର୍ଦ୍ଦେଶକ ଓ ସି.ଇ.ଓ ଶ୍ରୀ ଅଶ୍ୱିନୀ ଗୁପ୍ତା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଉଦ୍ଘାଟନ କରିଥିଲେ। ତାଙ୍କ ସହ ଶ୍ରୀ ପ୍ରଣବ ଚୌଧୁରୀ, ସିଇଓ ଏବଂ ଶ୍ରୀ ଦେବେନ୍ଦ୍ର ଠାକ୍କର, ସିଇଓ, ଡିପିସିଏଲ୍ ଉପସ୍ଥିତ ଥିଲେ। ବାଲିମୁଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ସଦସ୍ୟମାନେ, ସ୍ଥାନୀୟ ପ୍ରତିନିଧିମାନେ ଓ ବହୁ ସଂଖ୍ୟକ ଗ୍ରାମବାସୀ ଏହି ଅବସରକୁ ସାକ୍ଷୀ ହୋଇଥିଲେ। ସମ୍ମିଳିତ ସଭାକୁ ସମ୍ବୋଧନ କରି ଅତିଥିମାନେ କହିଥିଲେ ଯେ, ଗ୍ରାମୀଣ ଅଞ୍ଚଳର ସମଗ୍ର ଉନ୍ନୟନ ପାଇଁ ସୁଦୃଢ ସାମୁଦାୟିକ ଢାଞ୍ଚା ଅତ୍ୟାବଶ୍ୟକ। "ଆଦାନୀ ଭବନ"ଭବିଷ୍ୟତରେ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସାମାଜିକ ସମ୍ମିଳନୀ, ସଭା ଓ ଅନ୍ୟାନ୍ୟ ସମୁଦାୟମୂଳକ କାର୍ଯ୍ୟକ୍ରମ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ସେମାନେ ଗ୍ରାମବାସୀଙ୍କୁ ଏହି ସୁବିଧାର ସୁଚାରୁ ରକ୍ଷାବେକ୍ଷଣ ଓ ସଦୁପଯୋଗ ପାଇଁ ଆହ୍ୱାନ ମଧ୍ୟ କରିଥିଲେ। ଏହି ପଦକ୍ଷେପ ମାଧ୍ୟମରେ ଆଦାନୀ ଫାଉଣ୍ଡେସନ ପୁନର୍ବାର ପ୍ରମାଣ କରିଛି ଯେ, ଗ୍ରାମୀଣ ଉନ୍ନୟନ ଓ ସମାବେଶୀ ପ୍ରଗତି ହେଉଛି ତାଙ୍କର ପ୍ରାଥମିକତା।

# ରିଲାଏନ୍ସ ଫାଉଣ୍ଡେସନ ସହାୟତାରେ ସୋରଟ ଗାଁରେ ୨୦ ବର୍ଷ ପରେ ପୁଣି ଚାଷ ଆରମ୍ଭ

ଭୁବନେଶ୍ୱର,୨୫।୨: ଢେଙ୍କାନାଳର ଏକ ଛୋଟ ଗାଁ ସୋରଟ ଏକ ଅଭୂତପୂର୍ବ ପରିବର୍ତ୍ତନର ସାକ୍ଷୀ ପାଲଟିଛି। ଦୀର୍ଘ ଦିନ ଧରି ସୀମିତ ଜୀବିକା ସୁଯୋଗ ଏବଂ ବନ୍ୟ ପଶୁମାନଙ୍କ ଦ୍ୱାରା ବାରମ୍ବାର ଫସଲ ହାନି ଯୋଗୁଁ ଗ୍ରାମବାସୀମାନେ କାମ ପାଇଁ ସ୍ଥାୟୀ ବାଟ ଖୋଜିବା ନେଇ ସଂଘର୍ଷ କରୁଥିଲେ।

ଗତ ଦୁଇ ଦଶନ୍ଧି ଧରି, ଗାଁ ଲୋକମାନେ ଚାଷ ପ୍ରାୟ ଛାଡି ଦେଇଥିଲେ ଏବଂ ପଶୁ ଆକ୍ରମଣ ଯୋଗୁଁ ବାରମ୍ବାର ଫସଲ ହାନି ହେତୁ ଦିନ ମଜୁରିଆ ଭାବରେ କାମ କରିବାକୁ ବାଧ୍ୟ ହେଉଥିଲେ। ସୋରଟ ଗାଁ ଜଙ୍ଗଲର ନିକଟତର ହୋଇଥିବାରୁ ଏହା ଏକ ଗମ୍ଭୀର ସମସ୍ୟା ଭାବରେ ଉଭା ହୋଇଥିଲା। ତେବେ କିଛି ମାସ ପୂର୍ବେ ଏହି ସ୍ଥିତିରେ ଆସିଥିଲା ଏକ ସକାରାତ୍ମକ ପରିବର୍ତ୍ତନ। ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ଜ୍ଞାନ ଆହରଣ ଅଧିବେଶନ, ସହାୟତା ଏବଂ ଅଂଶଗ୍ରହଣମୂଳକ କାମ ସହିତ ଏଥିରେ ପରିବର୍ତ୍ତନ ହୋଇଥିଲା। ଅଗଷ୍ଟ ୨୦୨୫ରେ, ୪୦ ବର୍ଷରୁ ଅଧିକ ବୟସର ପ୍ରାୟ ୨୮ ଜଣ ଗ୍ରାମବାସୀ ସୋରଟ ଗାଁରେ ୧୩ ଏକର ଅବ୍ୟବହୃତ ଚାଷଜମିକୁ ପୁନରୁଦ୍ଧାର କରିବାକୁ ଏକାଠି ଆଗେଇ ଆସିଥିଲେ। ସେମାନଙ୍କ ପ୍ରୟାସର କେନ୍ଦ୍ରରେ ରହିଥିଲା ଏହି ମିଳିତ କ୍ଷେତର ଚାରିପଟେ ସୌରଚାଳିତ ବାଡ଼ ଦେବା ଯାହା ପଶୁମାନଙ୍କୁ ଏକ ମାନବୀୟ ଏବଂ ଦୀର୍ଘ ସ୍ଥାୟୀ ପ୍ରଯୁକ୍ତି ଜରିଆରେ ସୁରକ୍ଷିତ ଭାବରେ ବିରତ କରି କୃଷି କ୍ଷେତ୍ରକୁ ସୁରକ୍ଷା ଦେବା ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ଏହା ପଶୁ, ମଣିଷ କିମ୍ବା ଫସଲକୁ କ୍ଷତି ନ ପହଞ୍ଚାଇ ପ୍ରବେଶକୁ ରୋକିଥାଏ ଏବଂ ପରିବେଶ ଅନୁକୂଳ ହେବାସହିତ ପ୍ରାଣଘାତକ ହୋଇନଥାଏ।



ପ୍ରତିରୋଧୀ ବାଡ଼ ବ୍ୟବସ୍ଥା ଏବଂ ଉନ୍ନତ ପୁଷ୍ଟିସାର ପାଇଁ ବହୁ-ଫସଲ କୃଷି ଆପଣାଇବା ପାଇଁ ରିଲାଏନ୍ସ ଫାଉଣ୍ଡେସନର ମାର୍ଗଦର୍ଶନ ସହିତ, ଏହି ଚାଷୀ ଗୋଷ୍ଠୀ ସାମୂହିକ କୃଷି ଆରମ୍ଭ କରିଥିଲା ଏବଂ ବିଭିନ୍ନ ପ୍ରକାରର ଫସଲ ଚାଷ ପାଇଁ ଜମିକୁ ପ୍ରସ୍ତୁତ କରିଥିଲା। ଆଜି, ଚାଷୀମାନେ କଳା ବୁଟ, ବିରି, କୋଳଥ, ସୋରିଷ, ଫୁଲକୋବି, ବାଇଗଣ, ଗାଜର, ମୂଳା, କାକୁଡ଼ି, ବିନ୍ସ, ଲଙ୍କା, ଧନିଆ. ରସୁଣ ପରି ବିଭିନ୍ନ ପନିପରିବା ଚାଷ କରୁଛନ୍ତି। ଅଳ୍ପ ସମୟ ମଧ୍ୟରେ, ତାଜା ସବୁଜ ପନିପରିବା ସ୍ଥାନୀୟ ଲୋକଙ୍କ ନିତିଦିନିଆ ଖାଦ୍ୟରେ ସାମିଲ ହୋଇଛି ଏବଂ ବହୁ ବର୍ଷ ପରେ ଘରୋଇ ଫସଲର ପରମ୍ପରାକୁ ପୁନର୍ଜୀବିତ କରିଛି। ଏହା ସୋରଟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ, ଯାହା ପ୍ରାୟ ଦୁଇ ଦଶନ୍ଧି ଧରି ନିତିଦିନିଆ ପନିପରିବା ପାଇଁ ସମ୍ପୂର୍ଣ୍ଣ ଭାବରେ ବାହ୍ୟ ବଜାର ଉପରେ ନିର୍ଭର କରୁଥିଲା।

ଏହି ଅଂଶଗ୍ରହଣକାରୀ ମଡେଲରେ ରିଲାଏନ୍ସ ଫାଉଣ୍ଡେସନର ବୌଦ୍ଧିକ ପରାମର୍ଶ ସହାୟତା ସହିତ ସୌର ବାଡ଼ ପାଇଁ ମୋଟ ଖର୍ଚ୍ଚର ପ୍ରାୟ ୪୨ ପ୍ରତିଶତ ଆର୍ଥିକ ସହାୟତା ପରିବର୍ତ୍ତନକୁ ସମ୍ଭବ କରିଥିଲା, ଯାହା ମିଳିତ ଗୋଷ୍ଠୀଗତ ସମାଧାନକୁ ସୁଲଭ କରିଥିଲା ଏବଂ ଏହି ପ୍ରୟାସକୁ ସ୍ଥାୟୀତ୍ୱ ଆଣିଥିଲା। ଚାଷୀମାନଙ୍କୁ ଭଲ ଭାବେ ବୁଝାଇବା ପାଇଁ ଡେମୋ ପ୍ରଦର୍ଶନ ମାଧ୍ୟମରେ ମଧ୍ୟ ସହାୟତା କରାଯାଇଥିଲା। ଏହି ପ୍ରୟାସର ପ୍ରାରମ୍ଭିକ ସଫଳତା ଅନ୍ୟ ଏକକ ଚାଷୀମାନଙ୍କୁ ସମାନ ସୌର ବାଡ଼ ସମାଧାନରେ ନିବେଶ କରି ନିଜ ଜମିରେ ଚାଷ ପୁନଃ ଆରମ୍ଭ କରିବାକୁ ପ୍ରେରଣା ଦେଇଛି। ଏହି ସାମୁହିକ ପ୍ରୟାସର ଏକ ଅଂଶ ରହିଥିବା ସୋରଟ ଗାଁର ଜଣେ ଚାଷୀ ମଧୁସୂଦନ ଲେଙ୍କା କହିଛନ୍ତି 'ଆମେ ଚାଷୀ ଘରର ସନ୍ତାନ ଏବଂ ୨୦ ବର୍ଷ ପରେ ଚାଷକୁ ଫେରିବା ଆମର ଏବଂ ଗ୍ରାମବାସୀଙ୍କ ସାମୂହିକ ପ୍ରୟାସ ତଥା ରିଲାଏନ୍ସ ଫାଉଣ୍ଡେସନର ସମର୍ଥନ ଯୋଗୁଁ ସମ୍ଭବ ହୋଇପାରିଛି। ମୁଁ ଆଶା କରୁଛି ଯେ ଆମର ସଫଳତା ଅଧିକ ଲୋକଙ୍କୁ ଚାଷକୁ ଫେରିବାକୁ ଉତ୍ସାହିତ କରିବ' ।

ଯାହା ଏକଦା ଫସଲ ହାନି ଏବଂ ମଣିଷ-ପଶୁ ସଂଘର୍ଷ ଦ୍ୱାରା ପରିଭାଷିତ ହେଉଥିଲା ତାହା ଏବେ ସକ୍ରିୟ ବିକାଶ ଏବଂ ପୁନର୍ଜୀବନର ସ୍ଥାନ ପାଲଟିଛି, ଯାହା ମିଳିତ ପ୍ରୟାସ, ନବୀକରଣ ଆତ୍ମବିଶ୍ୱାସ ଏବଂ ବର୍ଦ୍ଧିତ ଖାଦ୍ୟ ସୁରକ୍ଷାକୁ ପ୍ରତିଫଳିତ କରୁଛି। ଏବେ ଗ୍ରାମବାସୀଙ୍କ ଆଶା ରହିଛି ଯେ ସମୟ ସହିତ କାମ ଖୋଜିବାକୁ ବାହାରକୁ ଯାଇଥିବା ଲୋକମାନେ ସୋରଟକୁ ଫେରି ଆସିବେ ଏବଂ ପୁଣି ଥରେ ସେମାନଙ୍କ ପୈତୃକ ଜମିରେ ଚାଷ କରିବାର ସୁଯୋଗ ଦ୍ୱାରା ଆକର୍ଷିତ ହେବେ। ଏହାର ଗ୍ରାମୀଣ ବିକାଶ ଓ ପରିବର୍ତ୍ତନମୂଳକ ପଦକ୍ଷେପ ମାଧ୍ୟମରେ, ରିଲାଏନ୍ସ ଫାଉଣ୍ଡେସନ ଜୀବିକା ବୃଦ୍ଧି, ସ୍ଥାୟୀ କୃଷିକୁ ପ୍ରୋତ୍ସାହନ, ମହିଳାମାନଙ୍କ ସଶକ୍ତୀକରଣ ଏବଂ ଜଳ, ପୁଷ୍ଟି ଏବଂ ଜୀବିକା ସୁରକ୍ଷା ପାଇଁ ଦୃଢ଼ ସମୁଦାୟ ଗଠନ ନିର୍ମାଣ କରି ଗ୍ରାମୀଣ ସମୁଦାୟକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ସାରା ଭାରତରେ ଲକ୍ଷ ଲକ୍ଷ ଚାଷୀଙ୍କ ପାଖରେ ପହଞ୍ଚିବ। ରିଲାଏନ୍ସ ଫାଉଣ୍ଡେସନର ଗ୍ରାମୀଣ ବିକାଶ ଓ ପରିବର୍ତ୍ତନ କାର୍ଯ୍ୟକ୍ରମ ଭାରତର ୯୦,୦୦୦ରୁ ଅଧିକ ଗ୍ରାମର ୨.୨୨ କୋଟିରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିଛି।

# ସୋଆରେ ଏକ ଦିବସୀୟ 'ବିକଶିତ ଭାରତ ୟୁଥ ପାର୍ଲିଆମେଂଟ -୨୦୨୬' କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୫।୨ (ନି.ପ୍ର) : କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଅନ୍ତର୍ଗତ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବୁଧବାର ଖୋର୍ଦ୍ଧା ଜିଲ୍ଲା ନିମନ୍ତେ ବିକଶିତ ଭାରତ ୟୁଥ ପାର୍ଲିଆମେଂଟ -୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଜିର ଯୁବପିଢ଼ିଙ୍କୁ ଭବିଷ୍ୟତର ସର୍ବଶ୍ରେଷ୍ଠ ରାଷ୍ଟ୍ର ନିର୍ମାଣକାରୀ ଭାବେ ଗଢ଼ି ତୋଳିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର 'ବିକଶିତ ଭାରତ – ୨୦୪୭' ସ୍ୱପ୍ନ ଏକ ମହାନ ପ୍ରୟାସ ବୋଲି ସେ କହିଥିଲେ।

ନବୀନ ଭାରତ ଓ ନବୀନ ଓଡ଼ିଶା ଗଠନ କରିବାରେ ଯୁବପିଢ଼ିଙ୍କ ଭୂମିକା ସ୍ୱତନ୍ତ୍ର। ଏହି ବିକଶିତ ଭାରତ ୟୁଥ ପାର୍ଲିଆମେଂଟ-୨୦୨୬ରେ ଭାରତୀୟ ଗଣତନ୍ତ୍ରର ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ପୂର୍ତୀରେ ଏହା ଦ୍ୱାରା ସମ୍ବିଧାନରେ ଯେଉଁ ସବୁ ପରିବର୍ତନ ଦେଖାଯାଇଥିଲା ଏବଂ ବର୍ତମାନ ପରିସ୍ଥିତରେ କେଉଁ ସବୁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ସେ ନେଇ ମତ ରଖିଥିଲେ।

ଦେଶ ଓ ରାଜ୍ୟକୁ ଶକ୍ତିଶାଳୀ ଓ ବିକଶିତ କରିବାକୁ ହେଲେ ପ୍ରତ୍ୟେକ ଯୁବକଯୁବତୀ ନିଶା ମୁକ୍ତ ହେବା ପାଇଁ ସଂକଳ୍ପବଦ୍ଧ ହେବା ଉଚିତ୍ ବୋଲି ସେ ଆହ୍ୱାନ ଦେଇଥିଲେ। ସମ୍ପ୍ରତି ଏଆଇ ଯୁଗରେ ଏହି ଜ୍ଞାନ କୌଶଳକୁ ସକରାତ୍ମକ ଭାବେ ବ୍ୟବହାର କରିବା ଆବଶ୍ୟକ। ସ୍ୱାଧୀନତାର ୭୫ ବର୍ଷ ପୂର୍ତୀରେ ସାରା ବିଶ୍ୱରେ ଅର୍ଥନୀତି କ୍ଷେତ୍ରରେ ଭାରତ ୪ର୍ଥ ସ୍ଥାନରେ ପହଂଚିପାରିଛି। ନିଜ ଭିତରେ ସଂକଳ୍ପ ଓ ସ୍ୱପ୍ନ ରଖି ୨୦୪୭ ମସିହାରେ ସାରା ବିଶ୍ୱରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବା ନିମନ୍ତେ ବର୍ତମାନ ଓ ଭବିଷ୍ୟତର କାର୍ଯ୍ୟକ୍ରମ କ'ଣ ରହିବା ଦରକାର ଏହା ପର୍ଯ୍ୟାଲୋଚନା କରିବା ଉଚିତ୍ ବୋଲି ସେ କହିଥିଲେ। ଆଗାମୀ ଦିନ ମାନଙ୍କରେ ଓଡ଼ିଶାର ସଂସ୍କୃତି ଓ କଳାର ପ୍ରଚାର ପ୍ରସାର କରିବା ସହ ନିଜ ଭିତରେ ନେତୃତ୍ୱ ମନୋଭାବ ନେଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ପ୍ରତିଯୋଗୀମାନଙ୍କୁ ଶ୍ରୀ ସିଂ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍ଏସ୍ଏସ୍ ଭୁବନେଶ୍ୱରର ଆଂଚଳିକ ନିର୍ଦ୍ଦେଶିକ ସୁଶ୍ରୀ ସରିତା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଭାରତ ସରକାର ଏହି 'ବିକଶିତ ଭାରତ ୟୁଥ ପାର୍ଲିଆମେଂଟ – ୨୦୨୬' ଦ୍ୱାରା ଅନେକ ଯୁବ ପ୍ରତିଭାଙ୍କୁ ଆଗକୁ ବଢ଼ିବାର ସୁଯୋଗ ପ୍ରଦାନ କରିଥିବା ବେଳେ ସେମାନେ ନିଜର ପ୍ରତିଭା, ବିଚାର ଓ ଦାୟିତ୍ୱକୁ ସର୍ବସମ୍ମୁଖରେ ଉପସ୍ଥାପିତ କରିବା ପାଇଁ ଏହି ମଂଚ ବେଶ ସହାୟକ ହୋଇପାରିଛି। ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି 'ବିକଶିତ ଭାରତ ୟୁଥ ପାର୍ଲିଆମେଂଟ – ୨୦୨୬'ର ମୂଳ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରତିଯୋଗୀମାନେ ପୁରସ୍କାର ନିମନ୍ତେ ପ୍ରତିଯୋଗିତାରେ ଅଂଶ ଗ୍ରହଣ ନ କରି ଜ୍ଞାନ ଆହରଣ କରିବା ଜରୁରୀ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ପ୍ରସଙ୍ଗ "ଫିଫ୍ଟି ଇୟର୍ସ ଅଫ୍ ଏମର୍ଜେନ୍ସି: ଲେସନ୍ସ ଫର ଇଣ୍ଡିଆନ୍ ଡେମୋକ୍ରେସି" ରହିଥିଲା। ଏହି ପ୍ରସଙ୍ଗରେ ପ୍ରତିଯୋଗୀମାନେ ଇଂରାଜୀ, ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ନିଜର ବକ୍ତୃତା ପ୍ରଦାନ କରିଥିଲେ। ଏଥିରେ ୨୦୦ପ୍ରତିଯୋଗୀ ଭାଗ ନେଇଥିଲେ। ଖୋର୍ଦ୍ଧା ଜିଲ୍ଲାର ମେରା ଯୁବା ଭାରତର ଡିଷ୍ଟ୍ରିକ୍ଟ ୟୁଥ ଅଫିସର ତଥା ପ୍ରୋଗ୍ରାମ କୋଅର୍ଡିନେଟର ଶ୍ରୀ ନିଖିଲ କେ., ଏନ୍ଏସ୍ଏସ୍ ଭୁବନେଶ୍ୱରର ୟୁଥ ଅଫିସର ଶ୍ରୀ ଏ.ଏସ୍. କବିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖି ବିକଶିତ ଭାରତ ଏବଂ ୫୦ ବର୍ଷର ଗଣତନ୍ତ୍ର ଉପରେ ଆଧାରିତ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଏହି ପ୍ରତିଯୋଗୀମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସହ ଜାତୀୟ ସ୍ତରୀୟ ପାର୍ଲାମେଂଟକୁ ମନୋନୀତ ହେବେ ବୋଲି ଆୟୋଜକ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇ ପ୍ରତିଯୋଗୀ ଓ ବର୍ତମାନର ଯୁବପିଢ଼ି ଆଗାମୀ ଦିନରେ ନିଜର ତଥା ରାଷ୍ଟ୍ରର ଉନ୍ନତି ନିମନ୍ତେ ଦାୟିତ୍ୱ ବହନ କରିବା ସହିତ ଜଣେ ଜଣେ ଶ୍ରେଷ୍ଠ ନେତା ଭାବେ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ସାକାର କରିପାରିବେ ବୋଲି ସେ କହିଥିଲେ। ଶେଷରେ ଏନ୍ଏସଏସ୍ର ସଂଯୋଜକ ପ୍ରଫେସର କମଳ ଲୋଚନ ମହନ୍ତ ଉପସ୍ଥିତ ରହି କାଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦ ତମ ଭବ୍ୟ ତୋଷାଳୀ ମେଳାର ୧୧ ତମ ସନ୍ଧ୍ୟା : କୃତି ପ୍ରତିଯୋଗୀ ହେଲେ ପୁରସ୍କୃତ

ଭୁବନେଶ୍ୱର,୨୫।୨ (ନି.ପ୍ର) "ସ୍ଥାନୀୟ ଜନତା ମୈଦାନ ଠାରେ ୨୦ତମ ଭବ୍ୟ ତୋଷାଳୀ ମେଳା ର ୧୧ତମ ସନ୍ଧ୍ୟା ରେ ମାନ୍ୟବର ସମବାୟ, ହସ୍ତ ତନ୍ତ, ବୟନ ଓ ହସ୍ତ ଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉପସ୍ଥିତ ରହି କାରିଗର ଓ ଶିଳ୍ପୀ ମାନଙ୍କୁ ଉତ୍ସାହିତ କରିଥିଲେ୍। ମନ୍ତ୍ରୀ ନିଜ ବକ୍ତବ୍ୟ ରେ କହିଥିଲେ ଯେ ଓଡିଶା ହେଉଛି କଳା, ହସ୍ତ ଶିଳ୍ପ ଓ ହସ୍ତ କଳା ର ଭଣ୍ଡାର୍। କଳା ଓ ସଂସ୍କୃତି ପାଇଁ ଓଡିଶା ବିଶ୍ୱ ବିଦିତ୍। କାରିଗର ଓ ଶିଳ୍ପୀ ମାନେ ଆମ ଐତିହ ର ବାର୍ତ୍ତା ବାହକ୍। ତେଣୁ ଶିଳ୍ପୀ ମାନଙ୍କୁ ଅଶେଷ ଧନ୍ୟବାଦ ଦେବା ସହ ଶିଳ୍ପ କୁ ବଞ୍ଚେଇ ରଖିବାକୁ ଅନୁରୋଧ କରିଥିଲେ୍। ବିଭାଗ ର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କଳାଭୂମି ଠାରେ ଆୟୋଜିତ ଟେରାକୋଟା କୃତି ପ୍ରତିଯୋଗିତା ରେ ରେକର୍ଡ ଭାଙ୍ଗିଥିବା କୃତି ପ୍ରତିଯୋଗୀଙ୍କୁ



ଧନ୍ୟବାଦ ଦେବା ସହ ସମସ୍ତ କାରିଗର ଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ୍। ଏହି ଅବସର ରେ ହସ୍ତତନ୍ତ ହସ୍ତଶିଳ୍ପର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସର ରେ ଅମୀୟ ଧଳ, ମନ୍ମଥ କୁମାର ପଣ୍ଡା କୌଶଲ,ପ୍ରଦୀପ ନାୟକ, ଉଦୟ ମହାନ୍ତି,ଶରତ ପଧାନ କେଶବ ମେହେର ଓ ଅନ୍ୟ ଶିଳ୍ପୀ, କାରିଗର ପୁରସ୍କୃତ ହୋଇ ଥିଲେ୍। ମଞ୍ଚରେ ଉପସ୍ଥିତ ରହି ପଦ୍ମ ପୁରସ୍କାର ବିଜେତା ଶରତ କୁମାର ପାତ୍ର, ପଦ୍ମଶ୍ରୀ ବିନୋଦ ମହାରଣା ଓ ଗୁଲାଚି ହ୍ୟାଣ୍ଡଲୁମ ର ପ୍ରତିଷ୍ଠାତା ପିଙ୍କି ମାଝୀ ଶିଳ୍ପୀ ମାନଙ୍କୁ ଉତ୍ସାହିତ କରିଥିଲେ୍। ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ୍।"ଏହି ସନ୍ଧ୍ୟା ରେ ମାନ୍ୟବର ମନ୍ତ୍ରୀ ଙ୍କ ଦ୍ୱାରା ଇଲେକ୍ଟ୍ରୋନିକ ମାଧ୍ୟମ ରେ ବିଭିନ୍ନ ପ୍ରକଳ୍ପ ର ଶୁଭ ଉଦଘାଟନ ହୋଇଥିଲା "(ପ୍ରଶିକ୍ଷଣ ବିଭାଗ, ଓଡିଶା ରାଜ୍ୟ ରେଶମ ଗବେଷଣା ଓ ପ୍ରଶିକ୍ଷଣ ପ୍ରଶିକ୍ଷଣ ପ୍ରତିଷ୍ଠାନ (OSSRTI), ମଞ୍ଚେଶ୍ୱର, ଭୁବନେଶ୍ୱର-ବ୍ୟୟ ଅଟକଳ ୭.୧୬ କୋଟି,ବିଶୋଇ ଟସର ସିଲ୍କ ପାର୍କ, ମୟୁରଭଞ୍ଜ-ବ୍ୟୟ ଅଟକଳ ୫.୦୬ କୋଟି,୫ ଗୋଟି ସୃଜନିକା ହସ୍ତଶିଳ୍ପ (୪ ଗୋଟି ସାଧାରଣ ସୁବିଧା କେନ୍ଦ୍ର ଏବଂ ୧ ଗୋଟି ହସ୍ତଶିଳ୍ପ ପର୍ଯ୍ୟଟନ କେନ୍ଦ୍ର) କ୍ଲଷ୍ଟର-ବ୍ୟୟ ଅଟକଳ ୭.୪୫ କୋଟି))ଏଥି ସହିତ ମାନ୍ୟବର ମନ୍ତ୍ରୀ ଙ୍କ ଦ୍ୱାରା ଇଲେକ୍ଟ୍ରୋନିକ ମାଧ୍ୟମ ରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା "(ସିଲ୍କ ବୈଷୟିକ ସେବା କେନ୍ଦ୍ର (କେନ୍ଦ୍ରୀୟ ସିଲ୍କ ବୋର୍ଡ) କୋଠା ନିର୍ମାଣ (ଡଝଝଜଔ)-ଅଟକଳ ମୂଲ୍ୟ ୧.୬୮ କୋଟି, ପ୍ରଶିକ୍ଷାର୍ଥୀ ନିବାସ, ମଞ୍ଚେଶ୍ୱର, ଭୁବନେଶ୍ୱର-ଅଟକଳ ମୂଲ୍ୟ ୨.୭୭ କୋଟି)୍। ପରିଶେଷରେ ଗାୟିକା ଦୀପ୍ତିରେଖା ପାଢ଼ୀ ଙ୍କ ସମେତ ଘୁମରା ଓ ସମ୍ବଲପୁରୀ ନୃତ୍ୟ ଶିଳ୍ପୀ ମାନେ ଦର୍ଶକ ଙ୍କ ମନୋରଞ୍ଜନ କରିଥିଲେ୍।"



# ପରିବେଶ ଭିତ୍ତିକ ଓ ପାକଶାଳା ଉଦ୍ୟାନ ସଂପର୍କୀୟ ପ୍ରଶିକ୍ଷଣ ଶିବିର

**କଟକ, ୨୫।୨ (ନି.ପ୍ର) :** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବାଣୀନଗରଠାରେ ଥିବା ବଲ୍ଲଭୀ ଦେବୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କର ପରିବେଶ ଶିକ୍ଷା କେନ୍ଦ୍ର, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହଯୋଗରେ ପରିବେଶ ଭିତିକ କର୍ମଶାଳା ଅଧକ୍ଷା ଡ. ପୁଷ୍ପିତା ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ପ୍ରାକ୍ତନ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଉପେନ୍ଦ୍ରନାଥ ବେହେରା, ମୁଖ୍ୟବକ୍ତା ଭାବେ ପରିବେଶ ଶିକ୍ଷାକେନ୍ଦ୍ରର ଯୋଜନା ସହାୟକ ଭରତ ଚନ୍ଦ୍ର




ଜେନା, ବିଶିଷ୍ଟ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଶୁଭସ୍ମିତା ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ସଚ୍ଚିଦାନନ୍ଦ ପ୍ରଧାନ, +୨ ଅଧକ୍ଷା ନିରୁପମା ସ୍ୱାଇଁ ପ୍ରମୁଖ ଯୋଗଦେଇ ସୁଷମ-ସମନ୍ୱିତ ଖାଦ୍ୟ ସହ ଜୀବନ ଶୈଳୀରେ ସୁସ୍ୱାସ୍ଥ୍ୟଜନିତ ଅଭ୍ୟାସ ଆପଣାଇବା ସହ ପାକଶାଳା ଉଦ୍ୟାନର ବ୍ୟାପକ ପ୍ରସାର କରିବାକୁ ବିଭିନ୍ନ ସକରାତ୍ମକ ମତ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରେ ନବର୍ନିମିତ ପାକଶାଳା ଉଦ୍ୟାନ ଉଦ୍ଘାଟନ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କର୍ମଶାଳାରେ ଯୋଗଦେଇଥିବା ଅର୍ଦ୍ଧଶତାଧିକ କୃଷକ, ଛାତ୍ରୀ ଅଭିଭାବକ ପ୍ରଶିକ୍ଷଣ ପ୍ରମାଣପତ୍ର ଓ ବିଭିନ୍ନ ପରିବା ମଞ୍ଜିର କିଟ୍ ପ୍ରଦାନ କରାଯାଇଥିଲା । ବରିଷ୍ଠ ଅଧାପକ ସୂର୍ଯ୍ୟମଣୀ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନକ୍ରମେ ଅଧାପକ ସୁବ୍ରତ କିଶୋର ସ୍ୱାଇଁ, ଧ୍ୟାନରଂଜନ ବେହେରା, ସନ୍ତୋଷ କୁମାର ସାମଲ, ସୁଧାଂଶୁ ବେଜ, ନିରଞ୍ଜନ ବାରିକ, ବଟକୃଷ୍ଣ ରାଉତ, ସୁପ୍ରଭା ଜେନା, ଦେବଯାନୀ ରାଉତ, ସୁଚରିତ୍ରା ସେନାପତି, ଡ. ରୀତା ଷଡଙ୍ଗୀ, ଶୁଭଶ୍ରୀ ନାୟକ, ସୁଚିସ୍ମିତା ପ୍ରଧାନ, ସୁନୀତା ପ୍ରିୟଦର୍ଶିନୀ, ପ୍ରକୃତିବନ୍ଧୁ ଅଭୟ ଜେନା, କୈଳାସ ଚନ୍ଦ୍ର ସ୍ୱାଇଁ, କୃଷକସାଥୀ ସନ୍ତୋଷ କୁମାର ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଅଧାପିକା ଡ. ଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶର୍ମି କାବ୍ୟଲେଖା ସାହିତ୍ୟ ସଂସଦ ଦ୍ୱିତୀୟ ବାର୍ଷିକ ଉତ୍ସବ

**କଟକ ,୨୫।୨ (ନି.ପ୍ର) :** ଶର୍ମି କାବ୍ୟଲେଖା ସାହିତ୍ୟ ସଂସଦର ଦ୍ୱିତୀୟ ବାର୍ଷିକ ଉତ୍ସବ ୨୦୨୫-୨୬ ସ୍ଥାନୀୟ ଶତାବ୍ଦୀ ଭବନ ଠାରେ ମହାଆଡମ୍ବରରେ ସହାୟତାରେ ପୁସ୍ତକ ଲୋକାର୍ପିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ "ଶର୍ମି କାବ୍ୟଲେଖା ସାହିତ୍ୟ ସଂସଦର ଦ୍ୱିତୀୟ ବାର୍ଷିକ ରାଜ୍ୟସ୍ତରୀୟ କବି କବୟିତ୍ରି ସମ୍ମିଳନୀ ଓ ସମ୍ବର୍ଦ୍ଧନା ମୂଖ୍ୟ ଅତିଥି ଆଇନଜୀବୀ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡଙ୍ଗୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ



ମୁଖ୍ୟ ବକ୍ତା ଭାବେ ଶୈଳବାଳା ସାହିତ୍ୟ ସଂସଦ ସାହିତ୍ୟ ସଂସ୍କୃତି ସମାରୋହ ସଭାପତି ଗୌରଚନ୍ଦ୍ର ମହାପାତ୍ର, ସମ୍ମାନନୀୟ ବକ୍ତା ଭାବେ ପ୍ରବଣ ଛୋଟରାୟ, ଏହି କାବ୍ୟ ସାହିତ୍ୟ ସଂସଦର ସମ୍ମାନୀୟ ଅତିଥି ଭାବେ ବୈରାଗୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଭକ୍ତ ଚରଣ ସାହୁ ଉପସ୍ଥିତ ରହି ସଭାରେ କବି କବୟିତ୍ରିଙ୍କୁ ମାନଙ୍କୁ ସମ୍ମାନିତ କରାଇଥିଲେ । ଏହି ପରିପ୍ରେକ୍ଷୀରେ ମୂଖ୍ୟ ସମ୍ପାଦିକା,ପ୍ରତିଷ୍ଠାତ୍ରୀ, ସଭାପତି ଶର୍ମି କାବ୍ୟଲେଖା ସାହିତ୍ୟ ସଂସଦର କବି ତେଜସ୍ୱିନୀ ଶର୍ମିଷ୍ଠା ବେଉରା ମଞ୍ଚ ପରିଚାଳନା କରିଥିଲେ ।

# ଚିନ୍ମୟ ଅମ୍ରିତ ମହୋତ୍ସବ ଶ୍ରୀ ହନୁମତ ଉଦଘାଟିତ



**କଟକ ,୨୫।୨ (ନି.ପ୍ର) :** ଚିନ୍ମୟ ଅମ୍ରିତ ଉଦଘାଟକ ମହୋତ୍ସବରେ ଉଦଘାଟକ ମହୋତ୍ସବ ଶ୍ରୀ ହନୁମ୍ ଉଦଘାଟିତ ହୋଇଯାଇଛି । ଭାବେ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ କରକମଳରେ ଉଦଘାଟିତ ହୋଇଥିଲା । ଏହି ଉଦଘାଟନୀ ଉତ୍ସବରେ ମୂଖ୍ୟ ଅତିଥି ଭାବେ ଦିବ୍ୟ ଜୀବନ ସଂଘ ଋଷିକେଶ ପୂଜ୍ୟ ସ୍ୱାମୀ ଅଦୈତ ନନ୍ଦ ମହାରାଜା ଯୋଗ ଦେଇଥିଲେ । ଏହି ଅମ୍ରିତା ମହୋତ୍ସବରେ ଚିନ୍ମୟ ମିଶନର ମୂଖ୍ୟ ସ୍ୱାମୀ ସ୍ୱରୁପା ନନ୍ଦ ମହାରାଜା ଆଜି ଠାରୁ ପ୍ରତି ଦିନ ଶଙ୍କଟ ମୋଚନ ହନୁମାନ ହଷ୍ଟକମ୍ ଉପରେ ହିନ୍ଦୀ ଭାଷାରେ ସନ୍ଧ୍ୟାରୁ ୮ ଟା ୩୦ମି ପର୍ଯ୍ୟନ୍ତ ପ୍ରବଚନ ଦେବେ । ଆଜି ସନ୍ଧ୍ୟାରେ ପ୍ରବଚକ ଭାବେ ସ୍ୱରୁପା ନନ୍ଦ ସରସ୍ତୀ ପ୍ରବଚନ ଦେଇ ଶ୍ରଦ୍ଧାଳୁମାନଙ୍କୁ ଆତ୍ମ ସନ୍ତୋଷ କରାଇଥିଲେ । ଏବଂ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ମୂଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ତୀ ଫେବୃଆରୀ ୨୫ ରୁ ୨୮ ତାରିଖ ଗୀତା ପଞ୍ଚାମୃତ ଉପରେ ଓଡ଼ିଆ ଭାଷାରେ ପ୍ରବଚନ ଦେବେ । ଆଜିର ଉଦଘାଟନୀ ସଂଧାରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା ।

# ବୁଲା କୁକୁରଙ୍କ ଆକ୍ରମଣରୁ ଶିଶୁଙ୍କୁ ସୁରକ୍ଷା ବୈଠକ

ପୁରୀ,୨୪।୨ (ନି.ପ୍ର) : ଆଜି ପୂର୍ବାହ୍ନରେ ବୁଲା କୁକୁର ଆକ୍ରମଣରୁ ଶିଶୁ ମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ,ଗୃହରେ ଜିଲ୍ଲାର ଅଧିକାରୀମାନଙ୍କୁ ନେଇ ଜିଲ୍ଲା ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ଅକ୍ଷୟ କୁମାର ଶତପଥି, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା



କାର୍ଯ୍ୟସୂଚୀ ଅଧିକାରୀ,ଜିଲ୍ଲା ପ୍ରକଳ୍ପ ସଂଯୋଜିକ।

ମିଶନ ଶକ୍ତି ଓ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ , ଅଙ୍ଗନୱାଡ଼ି ପରିବେଶରେ ଅଙ୍ଗନୱାଡ଼ିକର୍ମୀ ମାନେ ନୋଡ଼ାଲ-ଅଫିସର ଭାବେ ଶିଶୁମାନଙ୍କୁ ବୁଲା କୁକୁର ଓ ଗାଈ ମାନଙ୍କ ଠାରୁ କିପରି ସୁରକ୍ଷିତ ରଖିବେ, ବଳକା ଖାଦ୍ୟ ଏଠିସେଠି ନପକାଇ ଡଷ୍ଟବିନ୍ ରେ ପକାଇବେ ଓ ଏ ସମ୍ବନ୍ଧରେ ଅନ୍ୟ ମାନଙ୍କୁ ସଚେତନ କରିବା ସହ ନିଜର ଅର୍ଥାତ ଅଙ୍ଗନୱାଡ଼ି କର୍ମୀଙ୍କର ନାମ , ପଦବୀ ଓ ଫୋନ ନମ୍ବର ଅଙ୍ଗନୱାଡ଼ି ବାହାର କାନ୍ଥରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲେଖିବେ ବୋଲି ଜଣାଇଥିଲେ । ସେହିପରି ଜିଲ୍ଲାର ମୁଖ୍ୟ ପଶୁ ଚିକିତ୍ସା।

ଅଧିକାରୀ ଶରତ କୁମାର ବେହେରା ମାନ୍ୟବର କୋର୍ଟ ଙ୍କ ଆଦେଶ ମୁତାବକ ବୁଲା କୁକୁର ମାନଙ୍କୁ ରାସ୍ତା ଘାଟ ବା ଏଣେତେଣେ ଖାଇବାକୁ ଦେବା ଦଣ୍ଡନୀୟ ଅପରାଧ ଅଟେ ବୋଲି କହିବା ସହ ଏଥିରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ।

# ବିଶ୍ୱଦରବାରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଦ୍ୱାରା ହିଁ ଓଡ଼ିଆ ଜାତିର ଗୌରବ ବୃଦ୍ଧି ଘଟିବ

ଭୁବନେଶ୍ୱର,୨୪।୨ (ନି.ପ୍ର) : ବିଶ୍ୱଦରବାରରେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଅଭିବୃଦ୍ଧି ଦ୍ୱାରା ହିଁ ଓଡ଼ିଆ ଜାତିର ଗୌରବ ବୃଦ୍ଧି ହୋଇଥାଏ ।

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଆଜି ବିପର୍ଯ୍ୟୟ ଆଡ଼କୁ ଗତି କରୁଛି । ଅତୀତରେ ସଙ୍କଟ ମଧ ଦେଇ ଓଡ଼ିଆ ଭାଷା ଗତିକରି ଆସିଥିଲେ ମଧ ସେ ତାର ସ୍ୱତନ୍ତ୍ରୀୟତାକୁ ହରାଇ ନାହିଁ। ଆଜି ଓଡ଼ିଆ ଭାଷା ବିଶ୍ୱ ଦରବାରରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରି ଆସିଛି । ଆଜି ଜାତିସଂଘର ଛାତି ଉପରେ ପ୍ରତି ଫଳିତ ହେଉଛି କବି ଭୀମଭୋଇଙ୍କର କାବ୍ୟ ବୋଲି




ଅତିଥିମାନେ ମତବ୍ୟକ୍ତ କରିଥିଲେ । ମାତୃଭାଷା ଦିବସ ଅବସରରେ ଚଳାପଥ ପକ୍ଷରୁ ସଭାପତି ବିଜୟଲକ୍ଷ୍ମୀ ମହାନ୍ତିପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ର ଓ କବି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ଅଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ, ବରିଷ୍ଠ ସାମ୍ବାଦିକ ପାର୍ଥ ସାରଥୀ ଜେନା, ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି, କବି ତରୁଣବାଳା ମହାପାତ୍ର ଓ ପ୍ରେମ ପ୍ରକାଶ ସିଂହ ଯୋଗ ଦେଇଥିଲେ । ଚଳାପଥର ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ହଳଧର ଧୀର ଚଳାପଥର ଆଭିମୁଖ୍ୟ ବର୍ଣ୍ଣନା କରିବା ସହିତ ଆସନ୍ତା ମାର୍ଚ୍ଚ ବାଇଶ ତାରିଖରେ ଭୁବନେଶ୍ୱର ଠାରେ ଚଳାପଥର ଚଉବନ ତମ ମହୋତ୍ସବ ପାଳନ ସଫଳ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । କବି ଶୁଭଶ୍ରୀ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେ ଅତିଥି କବି ଭାବେ ମଧୁସ୍ମିତା ଶା, ଗୀତାଞ୍ଜଳୀ ଦଳାଇ ଯୋଗ ଦେଇଥିଲେ । ଉପସ୍ଥିତ କବିମାନେ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ ।

# ରାୟଗଡା ବନ ଖଣ୍ଡରେ ଜଙ୍ଗଲ ନିଆଁ ନିବାରଣ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ

ରାୟଗଡା,୨୫।୨ (ନି.ପ୍ର) : ରାୟଗଡା ଜିଲ୍ଲା ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ସଭାଗୃହରେ ରାୟଗଡା ବନ ଖଣ୍ଡ ଅଧୀନସ୍ଥ ଜଙ୍ଗଲ କ୍ଷେତ୍ରରେ ଜଙ୍ଗଲ ନିଆଁ ନିବାରଣ ଓ ସଚେତନତା ପତ୍ରିକା ବିତରଣ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଛି। ବୈଠକରେ ରାୟଗଡା ଜିଲ୍ଲା ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହୋଲଙ୍କ ଅଧକ୍ଷତାରେ ଉପ ବନ ସଂରକ୍ଷକ ଅଶୋକ କୁମାର ପ୍ରଧାନ, ଏସିଏଫ୍ ସଫିସ କୁମାର ଧର, ଏସିଏଫ୍ ସନ୍ଦୀପ କୁମାର ପୃଷ୍ଟି, ରାୟଗଡା ରେଞ୍ଜର କାମେଶ୍ୱର ଆଚାରୀ, ଗୁଣୁପୁର ରେଞ୍ଜର ଗଙ୍ଗାଧର ମିଶ୍ର, ଗୁଡାରୀ ରେଞ୍ଜର ସୁକୁମାର ଦୁଖୁ, ମୁନିଗୁଡା ରେଞ୍ଜର ପ୍ରବୀଣ କୁମାର



ଦାସ, କାଶିପୁର ରେଞ୍ଜର ସଚିଦାନନ୍ଦ ପରିଡା ସମେତ ବନ ବିଭାଗର ବିଭିନ୍ନ କର୍ମକର୍ତ୍ତା, ଫରେଷ୍ଟ ଗାର୍ଡ, ଜଙ୍ଗଲ ସୁରକ୍ଷା କମିଟି ସଦସ୍ୟ ଓ ସ୍ଥାନୀୟ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ଗ୍ରୀଷ୍ମ ଋତୁରେ ବଢୁଥିବା ଜଙ୍ଗଲ ନିଆଁ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜଙ୍ଗଲରେ ଅବୈଧ ଭାବେ ଆଗ ଲଗାଇବାକୁ କଠୋର ଭାବରେ ନିଷେଧ କରାଯାଇଥିବା ବେଳେ, କୌଣସି ସ୍ଥାନରେ ନିଆଁ ଲାଗିଲେ ତତ୍କ୍ଷଣାତ୍ ବନ ବିଭାଗକୁ ସୂଚନା ଦେବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ଗ୍ରାମବାସୀମାନଙ୍କୁ ଜଙ୍ଗଲ ସୁରକ୍ଷା ଓ ନିଆଁ ନିବାରଣ ସମ୍ପର୍କିତ ସଚେତନତା ପତ୍ରିକା ବଣ୍ଟନ କରାଯାଇଥିଲା। ଜଙ୍ଗଲ ନିଆଁ ରୋକିବା ପାଇଁ ଫାୟାର ଲାଇନ୍ ସୃଷ୍ଟି, ସମୟୋଚିତ ପ୍ୟାଟ୍ରୋଲିଂ ଓ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ଜୋରଦେଇ କାର୍ଯ୍ୟକରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ ହୋଇଥିଲା। ଡିଏଫଓ ସଚିନ ଆନ୍ନା ସାହେବ ଓହୋଲ କହିଥିଲେ ଯେ, ଜଙ୍ଗଲ ଆମର ଅମୂଲ୍ୟ ପ୍ରାକୃତିକ ସମ୍ପଦ ଓ ଏହାର ସୁରକ୍ଷା ପାଇଁ ସମସ୍ତଙ୍କ ସମ୍ମିଳିତ ସହଯୋଗ ଅତ୍ୟାବଶ୍ୟକ। ସ୍ଥାନୀୟ ଲୋକମାନେ ମଧ ଜଙ୍ଗଲ ସୁରକ୍ଷାରେ ସକ୍ରିୟ ଭାଗ ନେବାକୁ ପ୍ରତିଶ୍ରୁତି ବ୍ୟକ୍ତ କରିଥିଲେ। ଏହି ବୈଠକ ମାଧ୍ୟମରେ ଜଙ୍ଗଲ ନିଆଁ ନିବାରଣ ସମ୍ପର୍କିତ ସଚେତନତା ବୃଦ୍ଧି ପାଇବ ବୋଲି ବନ ବିଭାଗ ପକ୍ଷରୁ ଆଶା ପ୍ରକାଶ କରିଛନ୍ତି ।

# ସମାଜରେ ସଫଳ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିବା 'ଆରାଉଣ୍ଡ ଓଡ଼ିଶା'ର ଏକ ଅଭିନବ ପ୍ରୟାସ : ସାଂସଦ

ଭୁବନେଶ୍ୱର,୨୫।୨ (ନି.ପ୍ର) : ଦୈନିକ ଇଂରାଜୀ ଖବରକାଗଜ 'ଆରାଉଣ୍ଡ ଓଡ଼ିଶା' ଦ୍ୱାରା ଆୟୋଜିତ 'ଦ ପିନାକିଲ ଆୱାର୍ଡ-୨୦୨୬' ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ବୃତିରେ ସର୍ବୋଚ୍ଚ ସଫଳତା ହାସଲ କରିଥିବା ବ୍ୟକ୍ତିତ୍ୱଙ୍କ କୃତୀକୁ ସମ୍ମାନିତ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ।

ଉକ୍ତ ଉତ୍ସବରେ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ମାନ୍ୟବର ସାଂସଦ, ଭୁବନେଶ୍ୱର; ଶ୍ରୀଯୁକ୍ତ ପ୍ରଶାନ୍ତ ଜଗଦ୍ଦେବ, ମାନ୍ୟବର ବିଧାୟକ, ଖୋର୍ଦ୍ଧା; ଶ୍ରୀଯୁକ୍ତ ବାବୁ ସିଂ, ମାନ୍ୟବର ବିଧାୟକ, ଏକାମ୍ର; ଏବଂ ଶ୍ରୀଯୁକ୍ତ ପଂଚାନନ କାନୁନଗୋ, ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରମୁଖ ଯୋଗଦାନ କରି ମଂଚ ଅଳଙ୍କୃତ କରିଥିଲେ । 'ଆରାଉଣ୍ଡ ଓଡ଼ିଶା'ର ସମ୍ପାଦକ ଶ୍ରୀଯୁକ୍ତ ବଂଶୀଧର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହିତ ୨୦୧୯ ମସିହାରୁ ପ୍ରକାଶିତ ଉକ୍ତ ଦୈନିକ




ଖବରକାଗଜ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

ତତ୍ପରେ ଆମନ୍ତ୍ରିତ ଅତିଥିଗଣ ନିଜ ନିଜର ବକ୍ତବ୍ୟ ରଖିବା ସହିତ 'ଆରାଉଣ୍ଡ ଓଡ଼ିଶା'ର ଏହି ଅଭିନବ ପ୍ରୟାସର ଭୂୟସୀ ପ୍ରଂଶସା କରିଥିଲେ । ତତ୍ ସହିତ ଏହି ମଂଚ ପଦ୍ମଶ୍ରୀ ପୁରସ୍କୃତ ବ୍ୟକ୍ତିତ୍ୱ ଡ଼ଃ ଶ୍ୟାମାମଣି ଦେବୀ, ଖ୍ୟାତି ସଂପନ୍ନା ଗାୟିକା ଡ଼ଃ ସଙ୍ଗୀତା ଗୋସାଇଁ, ବିଶିଷ୍ଟ ନୃତ୍ୟ ଶିଳ୍ପୀ ଡ଼ଃ ଜ୍ୟୋସ୍ନାରାଣୀ ସାହୁ, ପ୍ରମୁଖ ସମାଜସେବୀ ଡ଼ଃ ରୋଜାଲିନ ପାଟଶାଣୀ ମିଶ୍ର, ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦୀପ୍ତିରଞ୍ଜନ ମହାପାତ୍ର ତଥା ଆର୍ନ୍ତଜାତିକ ଦୃଷ୍ଟି ବାଧିତ ୨୦-୨୦ ମହିଳା କ୍ରିକେଟ ଦଳର ବିଜେତା ସଦସ୍ୟା ଫୁଲ ସୋରେନ, ବାସନ୍ତୀ ହାଁସଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାରାଣ୍ଡିଙ୍କୁ 'ଦ ପିନାକିଲ ଆୱାର୍ଡ-୨୦୨୬'ରେ ଭୂଷିତ କରି ନିଜର ଗୌରବ ବର୍ଦ୍ଧନ କରିଥିଲା । ଉକ୍ତ କାର୍ଯ୍ୟକ୍ରମ ପାଇଁ ଅକୁଣ୍ଠ ସହଯୋଗ ପ୍ରଦାନ କରିଥିବା ଭାଜପାର ଭୁବନେଶ୍ୱର ଜୋନର ଉପ-ସଭାପତି ଶ୍ରୀଯୁକ୍ତ ତାପସ କୁମାର ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

ଉକ୍ତ ସମ୍ମାନ ପ୍ରଦାନ ଉତ୍ସବରେ ହର୍ଷିନୀ ସଙ୍ଗୀତାଳୟର ପ୍ରତିଷ୍ଠାତା ଗୁରୁ ନୀଳମଣି ଓଝାଙ୍କ ପରିଚାଳନାରେ ପରିବେଷିତ ସୁଗମ ସଙ୍ଗୀତ ସମସ୍ତଙ୍କୁ ବିମୋହିତ କରିଥିଲା । ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ସୁନାମଧନ୍ୟ ଉପସ୍ଥାପକ ଡ଼ଃ ଶ୍ରୀନିବାସ ଘଟୁଆରୀ (ମିଳନ)ଙ୍କ ବଳିଷ୍ଠ ସଂଯୋଜନା ଅତିଥି ତଥା ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା । ପରିଶେଷରେ 'ଆରାଉଣ୍ଡ ଓଡ଼ିଶା'ର ସଂଯୋଜିକା ସ୍ୱାତୀଲେଖା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୨୫।୨(ନି.ପ୍ର) : ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୫୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୫୦ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମ୍ୟଭିତ୍ତିକ ହୋଇଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ଫଇସଲା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୨ ହଜାର ୫୦୦ ଟଙ୍କା ଓ ଅଭିଯୋଗର ଶୁଣାଣି କରାଯାଇଥିଲା ଯ ୫ ଜଣଙ୍କୁ ୧ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ । ଏହି କାର୍ଯ୍ୟକ୍ରମରେ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# ଇଏସଆଇସି ଭୁବନେଶ୍ୱରରେ ୭୫ ତମ ଫାଉଣ୍ଡେସନ ଦିବସ

**ଭୁବନେଶ୍ୱର,୨୫।୨ (ନି.ପ୍ର) :** କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି), ଆଞ୍ଚଳିକ କାର୍ଯ୍ୟାଳୟ, ଓଡିଶା ପକ୍ଷରୁ ଏହାର ୭୫ତମ ସ୍ଥାପନା ଦିବସ (ପ୍ଲାଟିନମ୍ ଜୟନ୍ତୀ) ଉତ୍ସାହ ଓ ଗର୍ବର ସହିତ ପାଳନ କରାଯାଇଛି । ବୀମାଭୁକ୍ତ ବ୍ୟକ୍ତି ଓ ସେମାନଙ୍କ ପରିବାରଙ୍କୁ ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାର ଯାତ୍ରାରେ ଇଏସଆଇସି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।

ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପି.ଏମ୍. ଏବଂ ଆଇ.ଆର୍. ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡ଼ା. ବିଜୟ କୁମାର ସୁନ୍ଦରାୟ, ଇଏସଆଇସିର ପୂର୍ବତନ ଏସ୍.ଏମ୍.ସି. (ଅବସରପ୍ରାପ୍ତ) ଡ଼ା. ଆର୍. କେ. ପାଢ଼ି, ନାଲକୋର ସଭାପତି ଶ୍ରୀ ମଦନ ମୋହନ ଧଳ, ଓଡ଼ିଶା ରାଜ୍ୟ ନିର୍ମାଣ ମଜଦୁର ମହାସଂଘର ସଭାପତି ଶ୍ରୀ ମନୋଜ ବସନ୍ତରାଇ ଏବଂ ଇଏସଆଇ ଯୋଜନାର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଜେ.ଜେ. ପତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ଅନ୍ୟାନ୍ୟ ପ୍ରମୁଖ ହିତାଧିକାରୀ ଓ ବିଭାଗୀୟ ଅଧିକାରୀମାନେ ମଧ ଏହି ପ୍ଲାଟିନମ୍ ଜୟନ୍ତୀ ଉତ୍ସବରେ ମଧ ଉପସ୍ଥିତ ଥିଲେ । ଏହି ଅବସରରେ ଇଏସଆଇସି ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ରୁଦ୍ରଦୀପ ଦତ୍ତ ନିଗମର ପ୍ରମୁଖ ଲାଭ ଓ ସେବା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଆରମ୍ଭରୁ ଇଏସଆଇସି ଶ୍ରମିକ ଓ ସେମାନଙ୍କ ପରିବାରଙ୍କ ପାଇଁ ଦୃଢ଼ ସାମାଜିକ ସୁରକ୍ଷା ବ୍ୟବସ୍ଥା ଗଠନରେ ଅଗ୍ରଣୀ ଭୂମିକା ନିଭାଇଆସୁଛି। ଏହି ଅବସରରେ ସ୍ଥାୟୀ ଅକ୍ଷମତା ଲାଭ ପ୍ରାପ୍ତକର୍ତ୍ତା, ନିର୍ଭରଶୀଳ ଲାଭ ପ୍ରାପ୍ତକର୍ତ୍ତା, ବୀମାଭୁକ୍ତ ବ୍ୟକ୍ତି, ପ୍ରମୁଖ ନିଯୁକ୍ତିଦାତା ଓ ଅନ୍ୟାନ୍ୟ ହିତାଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ହିତାଧିକାରୀ ଓ ପ୍ରମୁଖ ନିଯୁକ୍ତିଦାତାମାନେ ଇଏସଆଇସି ଦ୍ୱାରା ପ୍ରଦାନ କରାଯାଉଥିବା ସେବା ପ୍ରତି ସନ୍ତୋଷ ବ୍ୟକ୍ତ କରିଥିଲେ । ପ୍ଲାଟିନମ୍ ଜୟନ୍ତୀ ଉତ୍ସବର ଅଂଶରୂପେ ୧୦ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଏକ ବିଶେଷ ସେବା ପକ୍ଷ ପାଳନ କରାଯିବ । ଏହାର ଅନ୍ତର୍ଗତ ସେମିନାର/ଜାଗୃତି ଶିବିର, ସ୍ୱଚ୍ଛତା ଅଭିଯାନ, କର୍ମଚାରୀ/ନିର୍ଭରଶୀଳ ଓ ନିୟୋଜକମାନଙ୍କ ପାଇଁ ସୁବିଧା ସମାଗମ, ପ୍ରତିରୋଧକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସହିତ ଯୋଗ ଓ ଆୟୁଷ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ ହେବ ।

# ଏପ୍ରିଲ ସୁଦ୍ଧା ପ୍ରତ୍ୟେକ ଘରକୁ ଘର ଜଳ ଯୋଜନା

**ରାଜଗାଙ୍ଗପୁର,୨୫।୨(ନି.ପ୍ର):** ୬ବର୍ଷ ବିତିଲା, ତଥାପି ପ୍ରକଳ୍ପ ଅଧୁରା । ସବୁ ଗାଁକୁ ପହଞ୍ଚିପାରିଲାନି ପାଣି । ଗୋଟିଏ ପଟେ ଯୋଜନା, ଅନ୍ୟପଟେ ବାସ୍ତବତା ଦେଖିଲେ ଚଳିତ ଗ୍ରୀଷ୍ମରେ ବିଭଳି ଜଳକଷ୍ଟ ମୁକାବିଲା କରିବ ବିଭାଗ ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି । ସେପଟେ ଆସନ୍ତା ଏପ୍ରିଲ ସୁଦ୍ଧା ହର ଘର ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ, କାଁ ଭାଁ କେଉଁଠି ଯାନ୍ତ୍ରିକ ଅସୁବିଧାକୁ ବାଦ ଦେଲେ ପ୍ରାୟ ସବୁ ଘରକୁ ଯେଉଁଠି ପାଣି ପାଇପ ସଂଯୋଗ ହୋଇଛି, ପାଣି ଯୋଗାଇ ଦିଆଯିବ ବୋଲି ରାଜଗାଙ୍ଗପୁର ଆରଡବ୍ଲୁଏସଏସ ବିଭାଗ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଉଛନ୍ତି।୨୦୧୯ରେ ୧୦୮ କୋଟି ବିନିମୟରେ ରାଜଗାଙ୍ଗପୁର ବ୍ଲକର ୫୧ଟି ଗ୍ରାମ ପାଇଁ ପ୍ରକଳ୍ପ ଆରମ୍ଭ ହୋଇଥିଲା । ଇତିମଧ୍ୟରେ ଛଅ ବର୍ଷ ଅତିବାହିତ ହେଲାଣି, ବର୍ତ୍ତମାନ ସୁଦ୍ଧା ୩୦ଟି ଗ୍ରାମରେ ସମ୍ପୂର୍ଣ୍ଣ ଭାବେ ପାଣି ଯୋଗାଇ ଦିଆଯାଉଛି, କିଛି ଗ୍ରାମରେ ଆଂଶିକ ଭାବେ ଯୋଗାଇ ଦିଆଯାଉଥିବା ବେଳେ ଆଉ କିଛି ଗ୍ରାମରେ ଯାନ୍ତ୍ରିକ ଅସୁବିଧା ଯୋଗୁଁ କାର୍ଯ୍ୟକ୍ଷମ ହୋଇପାରିନାହିଁ । ତିନୋଟି ପର୍ଯ୍ୟାୟରେ ଗୋଟିଏ ସଂସ୍ଥା ପାଇପ ବିଛାଉଛି, ଆଉ ଗୋଟିଏ ସଂସ୍ଥା ପାଣି ଟ୍ୟାପ ଲଗାଉଛି ଏବଂ ଆମେ ପାଣି ଦେଉଛୁ, ଏହା ଭିତରେ ସମୟ ବ୍ୟବଧାନ ରହିବାରୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଯୋଜନାରେ ୫୧ଟି ଗ୍ରାମ ପାଇଁ ୯୦୦ କିମି ପାଇପ ବିଛାଯାଇଛି। ରାଜଗାଙ୍ଗପୁର ବ୍ଲକର ୨୦ପଞ୍ଚାୟତ ପାଇଁ ପାଇପ ବିଛା ହୋଇଛି, ପାଣି ଟାଙ୍କି ତିଆରି ହୋଇଛି । ବ୍ଲକର ବହୁ ପଞ୍ଚାୟତ ପାହାଡ଼ ପର୍ବତ ଦୁର୍ଗମ ଅଞ୍ଚଳରେ ଅନ୍ତର୍ଭୁକ୍ତ ରହିଛି । ଏହି ଯୋଜନାରେ କାଂସବାହାଲ ଡ୍ୟାମ ଏବଂ ମନ୍ଦିରା ଡ୍ୟାମରୁ ପାଣି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ପ୍ରକାଶଥାଇକି କେନ୍ଦ୍ର ସରକାରଙ୍କ ହର ଘର ଜଳ ଯୋଜନାରେ ସରକାର ବ୍ଲକକୁ ଦୁଇଟି ପ୍ରକଳ୍ପ ପାଇଁ ୧୪୨ କୋଟି ଅନୁଦାନ ଦେଇଛନ୍ତି ସତ, ମେଗା ପ୍ରକଳ୍ପରେ ୫୧ଟି ଗ୍ରାମ ପାଇଁ ୧୦୮ କୋଟି ଏବଂ ମିନି ମେଗା ପାଇଁ ୨୧ ଟି ଗ୍ରାମ ପାଇଁ ୩୪ କୋଟି ଦିଆଯାଇଥିଲା ଓ ମିନି ମେଗାରେ ଅନ୍ତର୍ଭୁକ୍ତ ୨୧ଟି ଗ୍ରାମ ପାଇଁ ୯୫ ପ୍ରତିଶତ ପାଇପ ବିଛାଯାଇଥିବା ବେଳେ ୫୦ ପ୍ରତିଶତ ପାଣି ଜଗାଯାଇଛି, ମାତ୍ର ଏହି ଯୋଜନାରେ ପ୍ରଥମେ ଲକ୍ଷ୍ମୀପୋଷରୁ ପାଣି ନେବାର ଯୋଜନା ରହିଥ?ବା ବେଳେ ପରେ ଲାରଙ୍ଗ ମନ୍ଦିରା ଡ୍ୟାମ )ରୁ ପାଣି ଯୋଗାଇବାର ନିଷ୍ପତ୍ତି ନିଆଯିବାରୁ ପ୍ରକଳ୍ପ ବିଳମ୍ବ ହେଉଛି ବୋଲି ସେ କହିଛନ୍ତି ।

## ଅପରେସନ ସାଇବର କବଚ

# ୧୧୧୫୫ଟି ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ : ୨୩୮ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୫।୨ (ନି.ପ୍ର) :** ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍.ପି. ଓ ଡି.ସି.ପି.ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍ ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି ଅଭିଯାନ ଅଧୀନରେ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୧୧୧୫୫ଟି ମ୍ୟୁଲ୍/ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୪୮୦ଟି ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ସାଇବର ମାମଲା, ଏଟିଏମ୍ ଟଙ୍କା ଉଠାଣ ସମ୍ପର୍କିତ ୧୧ଟି, ଚେକ୍ ଟଙ୍କା ଉଠାଣ ସମ୍ପର୍କିତ ୧୮ଟି ଏବଂ ୯ଟି ନକଲି ସିମ୍/PoS ସମ୍ପର୍କିତ ମାମଲା ରୁଜୁ କରାଯାଇଛି । ଏହାସହ ୨୩୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହ ନୂଆ ଓ ପୁରୁଣା ୧୨୧ଟି ଏଫ୍.ଆଇ.ଆର୍ ସହ ସଂପୃକ୍ତ ୩୦୫୯ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି । ଏହି ଅଭିଯାନରେ କଟକ ଜିଲ୍ଲା ପୋଲିସ ୫୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ୧୦ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି । ସେହିପରି ଜଗତସିଂହପୁର ଜିଲ୍ଲା ପୋଲିସ ୧୦୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମାମଲା ରୁଜୁ କରି ୧ଜଣ ଅଭିଯୁକ୍ତଙ୍କୁ ଗିରଫ କରି ୧୦ଜଣଙ୍କୁ ନୋଟିସ୍ ଜାରି କରିଛି । ଯାଜପୁର ଜିଲ୍ଲା ପୋଲିସ ୫୮ଟି, କେନ୍ଦ୍ରାପଡ଼ା ୧୭୫ଟି, ଖୋର୍ଦ୍ଧା ୧୧୮ଟି, ପୁରୀ ୪୪ଟି, ବଲାଙ୍ଗିର ୩୪ଟି, ଝାରସୁଗୁଡ଼ା ୧୮୮ଟି, ସୁବର୍ଣ୍ଣପୁର ୬ଟି, କେନ୍ଦୁଝର ୫୨ଟି, ରାଉରକେଲା ୧୩୦ଟି, ସୁନ୍ଦରଗଡ଼ ୧୫ଟି, ବାଲେଶ୍ୱର ୩୧୦ଟି, କଟକ (UPD) ୨ଟି, ଗଞ୍ଜାମ ୮୫ଟି, କନ୍ଧମାଳ ୧୧ଟି, ଦେବଗଡ଼ ୧୦୫ଟି, ନୂଆପଡ଼ା ୨୨ଟି ଏବଂ ରାୟଗଡ଼ା ୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ସମ୍ପୃକ୍ତ ମାମଲା ରୁଜୁ, ଗିରଫ ଓ ଆଇନଗତ ନୋଟିସ୍ ଜାରି କରିଛନ୍ତି । ସେହିପରି ନୟାଗଡ଼, ସମ୍ବଲପୁର, ଭଦ୍ରକ, ମୟୂରଭଞ୍ଜ, ବ୍ରହ୍ମପୁର, ବୌଦ୍ଧ, ଢେଙ୍କାନାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା ପୋଲିସ ପୁରୁଣା ଏଫ୍.ଆଇ.ଆର୍ ସହ ସଂପୃକ୍ତ ବେନାମୀ ଆକାଉଣ୍ଟ ଯାଞ୍ଚ କରି ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟବାସୀଙ୍କ ଡିଜିଟାଲ କାରବାରର ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ୍ୟ ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡ଼ାକଡ଼ି ହେବ ବୋଲି ଡିଜିପି ଶ୍ରୀ ଖୁରାନିଆ । ସୂଚନା ଦେଇଛନ୍ତି ।

# ଜାତୀୟ ମାନବାଧିକାର ଆୟୋଗ ମନିଟରଙ୍କ ଓଡିଶା ଗସ୍ତ

**ଭୁବନେଶ୍ୱର,୨୫।୨ (ନି.ପ୍ର):** ଜାତୀୟ ମାନବାଧିକାର ଆୟୋଗର ସ୍ୱତନ୍ତ୍ର ମନିଟର ଶ୍ରୀ ବାଲକ୍ରୀଷ୍ଣ ଗୋଏଲ ୬ଦିନିଆ ଓଡିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ସେ ଓଡିଶା ଗସ୍ତରେ ରହିବେ । ଆଜି ଅପରାହ୍ନରେ ସେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଠାରେ ପହଞ୍ଚିବା ପରେ ଭୁବନେଶ୍ୱର ଉପଜିଲ୍ଲାପାଳ, ଖୋର୍ଦ୍ଧା ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ଆଜି ସେ ସିଆରପିସ୍ଥିତ ଏକ ସରକାରୀ ସୁଲଭ ମୂଲ୍ୟ କେନ୍ଦ୍ରକୁ ଯାଇ ସାଧାରଣ ବଣ୍ଟନ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ସେଠାରେ ସେ ହିତାଧିକାରୀଙ୍କୁ ସହ ଆଲୋଚ଼ନା କରି ରେସନର ସମୟୋଚ଼ିତ ବଣ୍ଟନ, ଚ଼ାଉଳର ଗୁଣମାନ, ରେକର୍ଡ ଓ ରେଜିଷ୍ଟରର ରକ୍ଷଣାବେକ୍ଷଣ ସମ୍ପର୍କରେ ପଚ଼ାରାଉଥିଲେ। ପିଡ଼ିଏସ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା ପ୍ରତି ସେ ସନ୍ତୋଷ ବ୍ୟକ୍ତ କରିଥିଲେ ଓ ସରକାରୀ ସୁଲଭ ମୂଲ୍ୟ ଦୋକାନ କେନ୍ଦ୍ରମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚ଼ାରି ବୁଝିଥିଲେ । ଏହି ନିରୀକ୍ଷଣ ସମୟରେ ସିଏସଓ ଖୋର୍ଦ୍ଧା ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ପରେ ସେ Subhadra Mohatab Seva Sadan Special Adoption Centre, ଖଣ୍ଡଗିରିର କେନ୍ଦ୍ରକୁ ଯାଇ ୬ ବର୍ଷରୁ କମ ବୟସର ଅନାଥ ଓ ଅସହାୟ ଶିଶୁମାନଙ୍କ ସହ ସମୟ ବିତାଇଥିଲେ । ସେ ଶିଶୁମାନଙ୍କର ସ୍ୱାସ୍ଥ୍ୟ, ପୋଷଣ, ଆବାସ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଭିନ୍ନ ତଥ୍ୟ ମଧ୍ୟ ନେଇଥିଲେ। କର୍ମଚ଼ାରୀମାନଙ୍କ ପାଇଁ ବାୟୋମେଟ୍ରିକ୍ ଉପସ୍ଥିତି ପ୍ରଣାଳୀ ଚ଼ାଲୁ କରିବା ସହ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଖୋର୍ଦ୍ଧା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଯତ୍ନ କେନ୍ଦ୍ରର ଅଧ୍ୟକ୍ଷ ଓ ସଚ଼ିବ ଉପସ୍ଥିତ ଥିଲେ। ପ୍ରଥମ ଦିନର ଗସ୍ତ ଅବସରରେ ସେ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟର ଅଗ୍ରଗତି ପ୍ରତି ସନ୍ତୋଷ ବ୍ୟକ୍ତ କରିଥିଲେ।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପୁନର୍ବାସିତ ପରିବାର ପାଇଁ ଜୀବିକା ସହାୟତା ଆରମ୍ଭ

**ଅନୁଗୁଳ, ୨୫।୨ (ନି.ପ୍ର):** ଜିନ୍ଦଲ ଷ୍ଟିଲର ସିଏସଆର ଶାଖା, ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ନିକଟବର୍ତ୍ତୀ ଜଙ୍ଗଲ ଅଞ୍ଚଳରୁ ସ୍ୱେଚ୍ଛାକୃତ ଭାବରେ ପୁନର୍ବାସିତ ହୋଇଥିବା ପରିବାରଗୁଡ଼ିକୁ ସମର୍ଥନ ଦେବା ପାଇଁ ଧଉରାଗୋଠ ଗାଁରେ ଏକ ଛତୁ ଚ଼ାଷ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ମଣିଷ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ସଂଘର୍ଷ କମାଇବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ସହଯୋଗରେ ଏହି ପୁର୍ନବାସ ଉଦ୍ୟମ ହୋଇଥିଲା । ଏହି ପଦକ୍ଷେପ ବିଶେଷ ଭାବରେ ଜଙ୍ଗଲଜାତ ବୃତ୍ତିରୁ ବାହାରିବା ପରେ ଜୀବିକା ପୁନରୁଦ୍ଧାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ପରିବାରଗୁଡ଼ିକୁ ସଶକ୍ତ କରିବ। ଏହି କାର୍ଯ୍ୟକ୍ରମ ଜରିଆରେ ଅଂଶଗ୍ରହଣକାରୀମାନେ ଛତୁ ଚ଼ାଷର ପୂର୍ବ ପ୍ରସ୍ତୁତି, ଚ଼ାଷ ପଦ୍ଧତି, ରକ୍ଷଣାବେକ୍ଷଣ, ଅମଳ ଏବଂ ମୌଳିକ କିଣାବିକାର କୌଶଳ ଉପରେ ବ୍ୟବହାରିକ ତାଲିମ ଗ୍ରହଣ କରିଥିଲେ। ଏହି



ଅବସରରେ ଅନୁଷ୍ଠିତ ଅଧିବେଶନରେ ଛତୁର ପୁଷ୍ଟିକର ମୂଲ୍ୟ ଏବଂ ଦୃଢ଼ ଆୟର ସମ୍ଭାବନା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା, ଯାହା ପାରମ୍ପରିକ ଅଭ୍ୟାସ ତୁଳନାରେ ଯଥେଷ୍ଟ ଅଧିକ ଲାଭ ପ୍ରଦାନ କରିଥାଏ।

ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ପୁନର୍ବାସିତ ସମୁଦାୟ ମଧ୍ୟରେ ଦୀର୍ଘକାଳୀନ ଆର୍ଥିକ ସ୍ଥିରତା ଓ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ ଦେବା। ପରିବାରଗୁଡ଼ିକୁ ଉପଯୋଗୀ ଜୀବିକା କୌଶଳ ପ୍ରଦାନ କରି, ନିରନ୍ତର ଆୟ ସୁନିଶ୍ଚିତ କରିବା ସହିତ ଅଞ୍ଚଳର ସଂରକ୍ଷଣ ପ୍ରୟାସକୁ ମଧ୍ୟ ସମର୍ଥନ କରିବାକୁ ଜିନ୍ଦଲ ଫାଉଣ୍ଡେସନ୍ ଚେଷ୍ଟା କରୁଛି। ବନଖଣ୍ଡ ଅଧିକାରୀ ଅଧିକାରୀ (ଡିଏଫଓ) ଶ୍ରୀ ଗଦାଧର ପାତ୍ରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଜିନ୍ଦଲ ଷ୍ଟିଲର ଉପାଧ୍ୟକ୍ଷ (ସିଏସଆର) ଶ୍ରୀଯୁକ୍ତ ରିଷି ପଠାନିଆ, ଜିନ୍ଦଲ ଷ୍ଟିଲର ମହାପ୍ରବନ୍ଧକ (ସିଏସଆର) ଶ୍ରୀଯୁକ୍ତ ଜୟନ୍ତ କୁମାର ମହାନ୍ତି ଏବଂ ଗ୍ରାମ କମିଟିର ସଭାପତିମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଜିନ୍ଦାଲ ଫାଉଣ୍ଡେସନ୍ ପକ୍ଷରୁ ଗତ ଏକ ବର୍ଷ ଧରି ପ୍ରାୟ ୧,୦୦୦ ଜଙ୍ଗଲବାସୀ ପରିବାରଙ୍କୁ ଶୁଖିଲା ରାସନ୍ ସହାୟତା ପ୍ରଦାନ କରିଆସୁଛି।

# ICAR-CIWA ଭୁବନେଶ୍ୱରରେ ପ୍ରାକୃତିକ କୃଷି କାର୍ଯ୍ୟବାହକ ମାନଙ୍କ ଆଲୋଚନା ଓ ପରାମର୍ଶ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୫।୨ (ନି.ପ୍ର):** ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ଅଧୀନସ୍ଥ ଜୈବିକ ଓ ପ୍ରାକୃତିକ କୃଷି ନିମିତ୍ତ ଆଞ୍ଚଳିକ କେନ୍ଦ୍ର (RCONF), ଭୁବନେଶ୍ୱର ଙ୍କ ଦ୍ୱାରା ଆଇ.ସି.ଏ.ଆର – କୃଷିରେ ମହିଳାଙ୍କ ନିମିତ୍ତ କେନ୍ଦ୍ରୀୟ ଅନୁଷ୍ଠାନ, ଭୁବନେଶ୍ୱର ଠାରେ ୨୪ ଫେବ୍ରୁୟାରୀ ୨୬ ଦିନ ପ୍ରାକୃତିକ କୃଷି କାର୍ଯ୍ୟବାହକ ମାନଙ୍କର ଏକ ଦିନିକିଆ ପରାମର୍ଶ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳା ପିଜିଏସ-ଇଣ୍ଡିଆ ଆଞ୍ଚଳିକ ପରିଷଦ, ଓଡିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ବେସରକାରୀ ସଂସ୍ଥା, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ଆଇ ସି ଏ ଆର ଅନୁଷ୍ଠାନ, ତଥା କୃଷକ ସଂଗଠନ ପ୍ରତିନିଧିଙ୍କ ଭଳି ଅନେକ ପ୍ରାକୃତିକ କୃଷି ର କାର୍ଯ୍ୟବାହକ ମାନଙ୍କୁ



ଏକତ୍ରୀତ କରିଥିଲାଲ। ଏହି କାର୍ଯ୍ୟକ୍ରମଟି ଆର. ସି. ଓ. ଏନ. ଏଫ., ଭୁବନେଶ୍ୱର ର ଆଞ୍ଚଳିକ ନିର୍ଦ୍ଦେଶକ ଡ ଜଗତ ସିଂହ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଆଞ୍ଚଳିକ କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଡ ମନୋଜ କୁମାର ଶର୍ମା। ପ୍ରାରମ୍ଭିକ କାର୍ଯ୍ୟକ୍ରମ ଟି ପଦ୍ମଶ୍ରୀ ଡ ସାବରମତୀ ଏବଂ ଅନ୍ୟାନ୍ୟ ମାନ୍ୟନଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ଉଦ୍ଭାସିତ ହୋଇଥିଲା। ପ୍ରାରମ୍ଭିକ ଅଭିଭାଷଣରେ ଡ ଜଗତ ସିଂହ ମାନବ ସ୍ୱାସ୍ଥ୍ୟର ଆବଶ୍ୟକତା ନିମିତ୍ତ ପ୍ରାକୃତିକ କୃଷିରେ ସ୍ଥାନୀୟ ବିହନର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ। ସେ ଜୈବିକ ଓ ପ୍ରାକୃତିକ କୃଷିର ଉନ୍ନୟନ ନିମିତ୍ତ ଭାରତ ସରକାରଙ୍କ ଦ୍ୱାରା ଗୃହୀତ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଆଜିର ଦିନରେ ବିପଦପୂର୍ଣ୍ଣ ଖାଦ୍ୟର ଦିନକୁ ଦିନ ବଢି ଚାଲିଥିବା ଦୁଃସାଧ ରୋଗ ସହିତ ଗଭୀର ସଂପର୍କ କୁ ଦୃଷ୍ଟିରେ ରଖି ଡ ସାବରମତୀ ସମସ୍ତଙ୍କୁ 'ଭଲ ଖାଇବା ଭଲ ଖୁଆଇବା' ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବିଭିନ୍ନ ସଂଗଠନ ର ସମ୍ମାନୀତ ପ୍ରତିନିଧି ଡ ଅଙ୍କିତା ସାହୁ, ଡ ଅରୁଣ କୁମାର ଶର୍ମା, ଡ ମହମ୍ମଦ ଇମ୍ରାନ ଅଲ୍ଲୀ, ଖ୍ୟମାନିଧି ପୃଷ୍ଟି ଆଦି ପ୍ରାକୃତିକ କୃଷି ଭଳି ଅଳପ ଖର୍ଚ୍ଚ ରେ ସଫଳ ଚାଷ ପଦ୍ଧତି ର ଗୁରୁତ୍ୱ ଉପରେ ଦୃଢ଼ ମତ ରଖିଥିଲେ। ଉପସ୍ଥିତ ସମସ୍ତ ଅଂଶ ଗ୍ରହଣ କାରୀ ନିଜ ନିଜ ମତାମତ ପ୍ରଦାନ ସହିତ ପ୍ରଦର୍ଶନ ମାଧ୍ୟମରେ ପ୍ରାକୃତିକ କୃଷି ଉତ୍ପାଦ ର ଗୁରୁତ୍ୱପୂର୍ଣ୍ଣ ଦିଗ ଦର୍ଶାଇ ଥିଲେ। କାର୍ଯ୍ୟକ୍ରମ ଟି ସହଭାଗି ଗବେଷଣା, ସଂପ୍ରସାରଣ ଉଦ୍ୟମ ଏବଂ ଏକ ସୁବ୍ୟବସ୍ଥିତ ପନ୍ଥା ଅବଲମ୍ବନ ଦୃଷ୍ଟିକୋଣ ସହିତ ସମାପନ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଓଡିଶାର କୋଣ ଅନୁକୋଣ ରୁ ୧୨୦ ରୁ ଉର୍ଦ୍ଧ୍ୱ କୃଷକ, ୧୨ ଟି ଆଞ୍ଚଳିକ ପରିଷଦ ଯୋଗଦେଇ ଥିଲେ।

# ଓଡିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ନୟାଗଡ ଜିଲ୍ଲା ଗସ୍ତ

**ନୟାଗଡ (ମନ୍ଥନ)୨୫/୨** ଓଡିଶା ରାଜ୍ୟ ଖାଦ୍ୟ ଆୟୋଗ, ଅବନିକାନ୍ତ ସାହୁଙ୍କ ନୟାଗଡ ଜିଲ୍ଲା ଗସ୍ତ ସମୟରେ ପ୍ରଥମେ ଫେୟାର ପ୍ରାଇସ ଶପ ସେଣ୍ଟର – "ମାଁ ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ" କେନ୍ଦ୍ର, ସଦର ମହକୁମାରେ ଥିବା ଜିଲ୍ଲା ଚ଼ିକିତ୍ସାଳୟ ଓ ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ନୟାଗଡରେ ଚ଼ାଲୁଥିବା ବାଳିକା ଛାତ୍ରାବାସ,ବାଉଁଶିଆପଡାରେ ଚ଼ାଲୁଥିବା ଟି. ଏଚ୍.ଆର. ୟୁନିଟ / ନ୍ୟୁଟ୍ରି ଗାର୍ଡେନ, ପରିଦର୍ଶନ କରିଥିଲେ ସିନ୍ଦୁରିଆସ୍ଥିତ ସରକାରୀ ଉଚ୍ଚ଼ ବିଦ୍ୟାଳୟ, ନିଉ ଟାଉନ ପ୍ରାଥମିକ ବିଦ୍ୟାଳୟ ନୟାଗଡ଼ ଓ ମାଛିପଡା ଉଚ୍ଚ଼ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ମାଧାନ୍ନ ଭୋଜନର ମାନ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ତାଙ୍କ ସହିତ ଉପସ୍ଥିତ ଥିଲେ। ଏହା ପରେ ଅପରାହ୍ନ ଘ.୩.୩୦ମି. ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ମଧୁମିତା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ମୁଖ୍ୟ ଅତିଥି ଭାବେ ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମଓଦାର ଯୋଗ ଦେଇଥିଲେ ଓ ବୈଠକର ପ୍ରାରମ୍ଭରେ ସମସ୍ତ ଅଧିକାରୀମାନଙ୍କର ପରିଚ଼ୟ ନେବା ପରେ ସମୀକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ



ଯୋଗାଣ ଅଧିକାରୀଙ୍କୁ ରାସନ କାର୍ଡ ଉପରେ ବିଷଦ ଆଲୋଚ଼ନା କରିଥିଲେ ଏବଂ ବୃଦ୍ଧ ଲୋକମାନଙ୍କର ରାସନ କାର୍ଡକୁ ଘରେ ଘରେ ପହଂଚ଼ାଇବା ପାଇଁ ପରାମର୍ଶ ଦେଇଥିଲେ। ଏହା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ସ୍କୁଲରେ ଡାଇନିଂ ହଲର ବ୍ୟବସ୍ଥା ଓ ଚ଼ାଉଳ ଯୋଗାଣ ଉପରେ ଆଲୋଚ଼ନା କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଜିଲ୍ଲା ରେ ଥିବା ଅନୁସୂଚ଼ିତ ଜାତି ଓ ଜନଜାତି ବିଦ୍ୟାଳୟ ମାନଙ୍କରେ ଥିବା ହଷ୍ଟେଲ ବିଷୟରେ ବିଶଦ ଭାବେ ଆଲୋଚ଼ନା କରାଯାଇଥିଲା ଏବଂ ଯେଉଁ ସ୍କୁଲରେ ହଷ୍ଟେଲର ସୁବିଧା ନାହିଁ , ସେ ସବୁ ସ୍ଥାନରେ ହଷ୍ଟେଲ ନିର୍ମାଣ ଉପରେ ଆଲୋଚ଼ନା କରିଥିଲେ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଛତୁଆର ମାନ ଏବଂ ପିଲାମାନଙ୍କର ଓଜନ ମାପିବା ପାଇଁ ଓଜନ ମେସିନ ଉପରେ ଆଲୋଚ଼ନା କରିଥିଲେ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜିଲ୍ଲାରେ ଟ୍ରାଇ ସାଇକେଲ ଗଛିତ ନଥିବା କଥା ପ୍ରକାଶ କରିଥିଲେ ଓ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀ ପୁଷ୍ପା ନୀଳିମା ଲାକ୍ରା, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର , ଜିଲ୍ଲା ଶିକ୍ଷା ଅଧିକାରୀ ଚ଼ିତ୍ତରଞ୍ଜନ ପାଣ୍ଡେ , ଜିଲ୍ଲା ଯୋଗାଣ ଅଧିକାରୀ ସି.ଏଚ୍.ମୁରଲୀକ୍ରିଷ୍ଣା ରାଓ , ଜିଲ୍ଲା ସୂଚ଼ନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚ଼ାର୍ଯ୍ୟଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।

# କଣ୍ଟାପଡ଼ା ବ୍ଲକ ବିଡିଓଙ୍କ କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ: ବିଜେଡି

**ଭୁବନେଶ୍ୱର, ୨୫/୦୨ (ନି.ପ୍ର) :** କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ବିଡିଓଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟକୁ ବିରୋଧ କରି ଦୀର୍ଘ ୮ ଦିନ ହେଲା ବ୍ଲକ ସମ୍ମୁଖରେ ସର୍ବଦଳୀୟ ଅହୋରାତ୍ର ଗଣଧାରଣା ଜାରି ରହିଛି । ବିଜୁ ଜନତା ଦଳର ସଭାପତିଙ୍କ ନିର୍ଦ୍ଦେଶରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ଧାରଣା ସ୍ଥଳରେ ପହଞ୍ଚିଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି, ମୁଖପାତ୍ର ନାରାୟଣ ଜେନା, ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଯୋଗଦେଇ ସମର୍ଥନ ଜଣାଇଥିଲେ । ଧାରଣା ସ୍ଥଳରେ ୧୪ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ମାନଙ୍କ ସହିତ ଭାରତୀୟ ଜନତା ପାର୍ଟିର ନିର୍ବାଚିତ ଜିଲ୍ଲାପରିଷଦ ସଦସ୍ୟା କ୍ରିଷ୍ଣାରାଣୀ ବେହେରା, ବିଜେପି ସମର୍ଥିତ ବ୍ଲକ ଅଧକ୍ଷା ସୁଶ୍ରୀ



ଜିନା ଭୋଇ, ଉପାଧକ୍ଷ ଜିତେନ୍ଦ୍ର ବରାଳ ଓ ବିଜେଡିର ଜିଲ୍ଲାପରିଷଦ ସଦସ୍ୟ ପୀୟୁଷ ମିଶ୍ର, ବିଜେଡି ସମର୍ଥିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କ ସହିତ ପ୍ରଦୀପ୍ତ ମୋହନ କାନୁନ୍ଗୋ, ନ୍ୟାୟବ୍ରତ ରାଉତ ଏହି ଧାରଣାରେ ଦୀର୍ଘ ୮ ଦିନ ହେଲା ବସି ରହିଛନ୍ତି । ବିଡିଓ ମହୋଦୟା ପଞ୍ଚାୟତ ସମିତି ଅଧୀନରେ ଯାଉଥିବା ସମସ୍ତ ଉନ୍ନୟନ ମୂଳକ କାମକୁ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ନ ପଚାରି ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି, ଏପରିକି ପଞ୍ଚାୟତ ସମିତିର ଅଧକ୍ଷା ଓ ଉପାଧକ୍ଷଙ୍କୁ ମଧ୍ୟ ଅଣଦେଖା କରୁଛନ୍ତି । ପଞ୍ଚାୟତ ସମିତିରେ ଯେଉଁ ସଂକଳ୍ପ ପାରିତ ହେଉଛି, ତାକୁ ମଧ୍ୟ ବିଡିଓ ମହୋଦୟା ଅଣଦେଖା କରୁଛନ୍ତି । ଯାହାଦ୍ୱାରା କଣ୍ଟାପଡ଼ା ବ୍ଲକରେ ବାର୍ଦ୍ଧକ୍ୟ ଭତ୍ତା, ଅନ୍ତ୍ୟୋଦୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୃଷି ସମ୍ବନ୍ଧୀୟ କାର୍ଯ୍ୟରେ ବିଡିଓ ମହୋଦୟା ଜନପ୍ରତିନିଧି ମାନଙ୍କୁ ଅଣଦେଖା କରି ମନମୁଖୀ କାର୍ଯ୍ୟ କରୁଛନ୍ତି । ଯାହା ଫଳରେ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଡ଼ ଲେନିନ ମହାନ୍ତି କହିଥିଲେ, ଜିଲ୍ଲା ପ୍ରଶାସନ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଲୋକପ୍ରତିନିଧି ମାନଙ୍କ ସହିତ ଆଲୋଚନା କରନ୍ତୁ । ଏଥିସହିତ କଣ୍ଟାପଡ଼ା ବ୍ଲକରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟକୁ ଆଗେଇ ନେବାକୁ ଡ଼ ମହାନ୍ତି ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ । ଯଦି ଏଥିରେ ଜିଲ୍ଲା ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରନ୍ତି, ତେବେ ବିଜୁ ଜନତା ଦଳ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତୀବ୍ରତର କରିବ ।

## କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କୁଚିଣ୍ଡା,୨୫।୦୨(ନି.ପ୍ର.):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ଏବଂ କୁଚିଣ୍ଡା ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁବୋଧ କୁମାର ନାୟକଙ୍କ ସହଯୋଗରେ କୁଚିଣ୍ଡା ବ୍ଲକର ତେଲିତିଳେଇମାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ବୈଠକ ଗୃହରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। କୁଚିଣ୍ଡା ଉପଜିଲ୍ଲାପାଳ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ସଞ୍ଜୟ ମିଶ୍ରଙ୍କ କରକମଳରେ ଏହି ସ୍ୱାସ୍ଥ୍ୟ ଶିବିରର ଶୁଭ ଉଦଘାଟିତ ହୋଇ ୧୦୯ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ମାଗଣା ସରକାରୀ ଔଷଧ ଯୋଗାଇ ଦିଆଯାଇଛି। ଏହି ଗ୍ରାମ ପଞ୍ଚାୟତର ଜିଲ୍ଲା ପରିଷଦ ସଭ୍ୟ ଦେବରାଜ କିସାନ ଓ ସରପଞ୍ଚ ପ୍ରମୋଦ କିସାନ ଏବଂ ସମ୍ବଲପୁର ସାମ୍ବାଦିକ ସଂଘର ସଭାପତି ପ୍ରଭାତ କୁମାର ବେହେରା ଉଦଘାଟନୀ ସମାରୋହରେ ଉପସ୍ଥିତ ରହି ଉପସ୍ଥିତ ରୋଗୀଙ୍କୁ ଏବଂ ବରିଷ୍ଠ ନାଗରିକଙ୍କୁ ଶରୀର ପ୍ରତି ଯତ୍ନବାନ ହୋଇ ତାର ଆବଶ୍ୟକ ଯତ୍ନ ନେବା ସକାଶେ ପ୍ରବର୍ତ୍ତାଇଥିଲେ । ଉପଖଣ୍ଡ ଚିକିତ୍ସା ଅଧିକାରୀ ମଧ୍ୟ ଉପସ୍ଥିତ ସଭ୍ୟ/ ସଭ୍ୟା ଓ ଉପସ୍ଥିତ ଜନତାଙ୍କୁ ସ୍ୱାସ୍ଥ୍ୟ ପ୍ରତି ସଜାଗ ରହି ସବୁ କାର୍ଯ୍ୟ ସୁଚାରୁ ରୂପେ ତୁଲାଇବା ପାଇଁ ସଚେତନ କରାଇ ଥିଲେ। ସେବାନିବୃତ ଅକ୍ଷୟ କୁମାର ସାହୁ ଉପସ୍ଥିତ ରହି ଚକ୍ଷୁ ଜନିତ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ।ସ୍ୱାସ୍ଥ୍ୟ ଶିବର ପରିଚାଳନାରେ କୁଚିଣ୍ଡା ବରିଷ୍ଠ ନାଗରିଜ ସଂଘର କର୍ମକର୍ତ୍ତା ଯଥା ସଭାପତି ଧୀରେନ୍ଦ୍ର କୁମାର ମହାନ୍ତି, ଉପ ସଭାପତି ଭକ୍ତ ବତ୍ସଳ ଶର୍ମା ଓ ଭଦ୍ର ଚରଣ କିସାନ, ସମ୍ପାଦକ ଜନ କାମିଲ ଲାକଡ଼ା, ଉପଦେଷ୍ଟା ସାନ୍ତାନୁ କୁମାର ସାହୁ ଓ ସରୋଜ କୁମାର ପଟେଲ, ପଦ୍ମନାଭ ବେହେରା, କୋଷାଧକ୍ଷ୍ୟ ବନମାଳୀ ଶତପଥୀ ସମେତ ସଂଘର ସମସ୍ତ ସଦସ୍ୟ ଏବଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଯାତ୍ରୀଙ୍କ ସୁବିଧା ପାଇଁ ଅଧିକ ହୋଲି ସ୍ୱତନ୍ତ୍ର ଟ୍ରେନ୍ ଘୋଷଣା

**ଭୁବନେଶ୍ୱର, ୨୫।୨ (ନି.ପ୍ର) :** ଆସନ୍ତା ହୋଲି ଏବଂଦୋଳ ଯାତ୍ରା ପର୍ବ ସମୟରେ ସୁଗମ, ଆରାମଦାୟକ ଏବଂ ଉତ୍ତମ ଯାତ୍ରା ସୁବିଧା ଜାରି ରଖିବା ପାଇଁ, ଭାରତୀୟ ରେଳବାଇ ଅତିରିକ୍ତ ହୋଲି ସ୍ୱତନ୍ତ୍ର ଟ୍ରେନ୍ ଘୋଷଣା କରିଛିୟ ଅତିରିକ୍ତ ଯାତ୍ରୀ ଭିଡ଼ ଦୂର କରିବା ଏବଂ ଦେଶର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟ ସ୍ଥଳଗୁଡ଼ିକ ମଧ୍ୟରେ ଅତିରିକ୍ତ ସଂଯୋଗ ପ୍ରଦାନ କରିବା ପାଇଁ ଏହି ସ୍ୱତନ୍ତ୍ର ଟ୍ରେନ୍ଗୁଡ଼ିକୁ ପ୍ରଚଳନ କରାଯାଉଛି । ପାର୍ବଣ ଋତୁରେ, ଯାତ୍ରା ଚାହିଦାରେ ନିରନ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି , ଓଡ଼ିଶାର ପ୍ରମୁଖ ଷ୍ଟେସନ ଯେପରିକି ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର ନୂଆ , ପୁରୀ, ବ୍ରହ୍ମପୁର ଏବଂ ମାଳତୀପାଟପୁରକୁ ଦେଶର ପ୍ରମୁଖ ସ୍ଥାନ ସହିତ ସଂଯୋଗ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ସେବା ଯୋଜନା କରାଯାଇଛି । ଅତିରିକ୍ତ ହୋଲି ସ୍ପେଶାଲ୍ ଟ୍ରେନ୍ଗୁଡ଼ିକର ବିବରଣୀ ନିମ୍ନଲିଖିତ: ୦୪୦୬୬ ଆନନ୍ଦ ବିହାର ଟର୍ମିନାଲ୍ – ଖୋର୍ଦ୍ଧା ରୋଡ୍ ସ୍ପେଶାଲ୍ ୨୭ ଫେବୃଆରୀରୁ ୩ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ନିୟମିତ ଭାବରେ ଚାଲିବ । ୦୪୦୬୫ ଖୋର୍ଦ୍ଧା ରୋଡ୍ – ଆନନ୍ଦ ବିହାର ଟର୍ମିନାଲ୍ ସ୍ପେଶାଲ୍ ୧ ମାର୍ଚ୍ଚରୁ ୫ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ନିୟମିତ ଭାବରେ ଚାଲିବ । ୦୭୧୬୫ ଚର୍ଲାପଲ୍ଲୀ – ଭୁବନେଶ୍ୱର ନୂଆ ସ୍ପେଶାଲ୍ ୨ ମାର୍ଚ୍ଚରୁ ୩୦ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ସୋମବାର ଚାଲିବ । ୦୭୧୬୬ ଭୁବନେଶ୍ୱର ନୂଆ – ଚର୍ଲାପଲ୍ଲୀ ସ୍ପେଶାଲ୍ ୩ ମାର୍ଚ୍ଚରୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ଚାଲିବ ।୦୧୯୨୯ ବୀରଙ୍ଗନା ଲକ୍ଷ୍ମୀବାଇ ଝାନ୍ସି – ଖୋର୍ଦ୍ଧା ରୋଡ୍ ସ୍ପେଶାଲ୍ ୨୭ ଫେବୃଆରୀରୁ ୨୭ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଚାଲିବ । ୦୧୯୩୦ ଖୋର୍ଦ୍ଧା ରୋଡ୍ – ବୀରଙ୍ଗନା ଲକ୍ଷ୍ମୀବାଇ ଝାନ୍ସି ସ୍ପେଶାଲ୍ ୧ ମାର୍ଚ୍ଚରୁ ୨୯ ମାର୍ଚ୍ଚ ୨୦୨୬ ପ୍ରତି ରବିବାର ଚାଲିବ । ୦୩୨୩୦



ପାଟନା – ପୁରୀ ସ୍ପେଶାଲ୍ ୫ ମାର୍ଚ୍ଚରୁ ୨୬ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ଗୁରୁବାର ଦିନ ଚାଲିବ । ୦୩୨୨୯ ପୁରୀ – ପାଟନା ସ୍ପେଶାଲ୍ ୬ ମାର୍ଚ୍ଚରୁ ୨୭ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଦିନ ଚାଲିବ ।୦୮୦୧୧ ଭଞ୍ଜପୁର – ପୁରୀ ସ୍ପେଶାଲ୍ ୫ ମାର୍ଚ୍ଚରୁ ୨୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ଗୁରୁବାର ଏବଂ ଶନିବାର ଦିନ ଚାଲିବ । ୦୮୦୧୨ ପୁରୀ – ଭଞ୍ଜପୁର ସ୍ପେଶାଲ୍ ୬ ମାର୍ଚ୍ଚରୁ ୨୯ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଏବଂ ରବିବାର ଦିନ ଚାଲିବୟ"ଞ ୦୨୮୩୯ ଶାଳିମାର – ପୁରୀ ସ୍ପେଶାଲ୍ ୧ ମାର୍ଚ୍ଚରୁ ୨୯ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ରବିବାର ଦିନ ଚାଲିବ ।୦୨୮୪୦ ପୁରୀ – ଶାଳିମାର ସ୍ପେଶାଲ୍ ୨ ମାର୍ଚ୍ଚରୁ ୩୦ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ସୋମବାର ଦିନ ଚାଲିବ । ୦୨୮୬୩ ସାନ୍ତରାଗାଛି – ଯାଲାହାଙ୍କା ଜଙ୍କସନ୍ ସ୍ପେଶାଲ୍ ୫ ମାର୍ଚ୍ଚରୁ ୨୬ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ଗୁରୁବାର ଦିନ ଚାଲିବ । ୦୨୮୬୪ ଯାଲାହାଙ୍କା ଜଙ୍କସନ୍ – ସାନ୍ତ୍ରାଗାଛି ସ୍ପେଶାଲ୍ ୭ ମାର୍ଚ୍ଚରୁ ୨୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ଶନିବାର ଦିନ ଚାଲିବ ।୦୨୮୪୧ ଶାଳିମାର – ଚେନ୍ନାଇ ସେଣ୍ଟ୍ରାଲ୍ ସ୍ପେଶାଲ୍ ୨ ମାର୍ଚ୍ଚରୁ ୩୦ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ସୋମବାର ଦିନ ଚାଲିବ । ୦୨୮୪୨ ଚେନ୍ନାଇ ସେଣ୍ଟ୍ରାଲ୍ – ଶାଳିମାର ସ୍ପେଶାଲ୍ ୪ ମାର୍ଚ୍ଚରୁ ୧ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ପ୍ରତି ବୁଧବାର ଦିନ ଚାଲିବୟ"ଞ ୦୭୦୨୭ ଚର୍ଲାପଲ୍ଲୀ – ବ୍ରହ୍ମପୁର ସ୍ପେଶାଲ୍ ୬ ମାର୍ଚ୍ଚରୁ ୨୭ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଦିନ ଚାଲିବ । ୦୭୦୨୮ ବ୍ରହ୍ମପୁର – ଚର୍ଲାପଲ୍ଲୀ ସ୍ପେଶାଲ୍ ୭ ମାର୍ଚ୍ଚରୁ ୨୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ଶନିବାର ଦିନ ଚାଲିବ । ୦୫୦୬୪ ଗୋମତୀ ନଗର (ଲକ୍ଷ୍ନୌ) – ମାଳତୀପାଟପୁର ସ୍ପେଶାଲ୍ ୨୬ ଫେବୃଆରୀ ରୁ ୨୬ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ଗୁରୁବାର ଦିନ ଚାଲିବ ।୦୫୦୬୩ ମାଳତୀପାଟପୁର – ଗୋମତୀ ନଗର (ଲକ୍ଷ୍ନୌ) ସ୍ପେଶାଲ୍ ୨୮ ଫେବୃଆରୀରୁ ୨୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ଶନିବାର ଚାଲିବ ।ଏବଂ ୦୮୪୦୫ ପୁରୀ – ପୁଣେ ସ୍ପେଶାଲ୍ କେବଳ ୨୭ ଫେବୃଆରୀ ୨୦୨୬ ଶୁକ୍ରବାର ଦିନ ପୁରୀରୁ ଛାଡିବ । ଏହି ସ୍ୱତନ୍ତ୍ର ଟ୍ରେନ୍ଗୁଡ଼ିକ ପାର୍ବଣ ଋତୁରେ ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗ ଏବଂ ପ୍ରମୁଖ ଗନ୍ତବ୍ୟସ୍ଥଳଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଜନା କରାଯାଇଛି, ଯାହା ଦ୍ୱାରା ଭିଡ଼କୁ ଆହୁରି କମ କରାଯାଇପାରିବ ଏବଂ ପାର୍ବଣ ଋତୁରେ ସୁଗମ ଯାତ୍ରା ସୁନିଶ୍ଚିତ କରାଯାଇପାରିବ । ଯାହା ଦ୍ୱାରା ହୋଲି ପର୍ବ ସମୟରେ ଯାତ୍ରୀମାନଙ୍କ ପାଇଁ ନିରାପଦ, ଆରାମଦାୟକ ଏବଂ ସୁବିଧାଜନକ ଯାତ୍ରା ସହଜ ହେବ । ସଦ୍ୟତମ ସୂଚନା ପାଇଁ ଅନୁମୋଦିତ ରେଳ ଅନୁସନ୍ଧାନ ପ୍ରଣାଳୀ ଏବଂ ଆଇ. ଆର୍. ସି. ଟି. ସି. ପ୍ଲାଟଫର୍ମ ମାଧ୍ୟମରେ ଟ୍ରେନ୍ କାର୍ଯ୍ୟସୂଚୀ, ରହଣି ଏବଂ ବୁକିଂ ଉପଲବ୍ଧତା ଯାଞ୍ଚ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି ।

## ଅଧ୍ୟାପକଙ୍କ ପି.ଏଚ୍.ଡି ଲାଭ



ଶ୍ରୀ ଶ୍ରୀ ୟୁନିଭରସିଟି, କଟକର ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ବିଭାଗରେ କାର୍ଯ୍ୟରତ ସହକାରୀ ଅଧ୍ୟାପକ ଯଶୋବନ୍ତ ଲାହା ଫକିର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱରରୁ ପି.ଏଚ୍.ଡି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଫକିର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱରର ପ୍ରଫେସର ଡକ୍ଟର ସବ୍ୟସାଚୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଶ୍ରୀ ଲାହାଙ୍କ ସନ୍ଦର୍ଭ Dynamic Load Balancing in Cloud Computing: A Novel Approach ଉଚ୍ଚ ପ୍ରଶଂସିତ ହୋଇଛି। ଶ୍ରୀ ଲାହା ଶ୍ରୀମତୀ ମନୋରମା ଲାହା ଏବଂ ପିତା ଉଦୟନାଥ ଲାହାଙ୍କ କନିଷ୍ଠ ପୁତ୍ର ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ନିଜ ପିତାମାତା ଏବଂ ଗାଇଡ ପ୍ରଫେସର ସବ୍ୟସାଚୀ ପଟ୍ଟନାୟଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut** ସଂପାଦକ: ଶରତ ରାଉତ